


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-88 • SUNDAY • 21 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୮୮ • ରବିବାର • ୨୧ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)

## ୨ ହଜାର ଟଙ୍କାରେ ଆଇଏଏସ-ଆଇପିଏସ ଯୋଡ଼ିଙ୍କ ବିବାହ

■ **ଜୟପୁର, ୨୦।୯ (ଏଜେନ୍ସି):** ବିବାହକୁ ସ୍ମରଣୀୟ କରିବା ପାଇଁ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି । ଅନେକ ଅତିଥିଙ୍କୁ ଡାକି ବଡ଼ ଭୋଜି ଦେଇଥାନ୍ତି । ଯାକ ଯମକରେ ସାଜସଜା କରିଥାନ୍ତି । କିନ୍ତୁ ଆଇଏଏସ୍ ଯୁବରାଜ ମର୍ମାତ ଏବଂ ଆଇପିଏସ୍ ପି.ମୌନିକା କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଛି । ଏହି ୟୁପିଏସ୍‌ସି ଦମ୍ପତି ନିରାଡ଼ମ୍ବର ବିବାହ କରି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି । ଉଭୟେ ମାତ୍ର ୨ ହଜାର ଟଙ୍କା ଖର୍ଚ୍ଚ କରି କୋର୍ଟରେ ବିବାହ କରିଛନ୍ତି । ଏପରି କରି




ସେମାନେ ଦୀର୍ଘ ଦିନ ହେଲା ଚାଲି ଆସୁଥିବା ପ୍ରଥାକୁ ଭାଙ୍ଗି ଦେଇଛନ୍ତି । ଉଭୟଙ୍କ ଏହି ବିବାହ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ଯାଇଛି ।

ସୂଚନା ଅନୁଯାୟୀ ଉଭୟେ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ପାସ୍ କରିଥିଲେ । ରାଜସ୍ଥାନ ଗଙ୍ଗାନଗରର ଯୁବରାଜ ସିଭିଲ ଇଞ୍ଜିନିୟରରେ ବିଟେକ ଡିଗ୍ରୀ ହାସଲ କରିଛନ୍ତି । ସେ ଷଷ୍ଠ ପ୍ରୟାସରେ ୪୫୮ ର୍ୟାଙ୍କ ରଖି ୟୁପିଏସ୍‌ସି ପାସ୍ କରିଥିଲେ । ଅନ୍ୟପକ୍ଷରେ ତେଲଙ୍ଗାନାର ଆଇପିଏସ ପି.ମୌନିକା ▶ପୃଷ୍ଠା-୭

## ପୋଷି ନ ପାରିଲେ ଏକାଧିକ ବିବାହ କରନି: ହାଇକୋର୍ଟ

■ **ତିରୁଅନନ୍ତପୁରମ, ୨୦।୯ (ଏଜେନ୍ସି):** ପତ୍ନୀଙ୍କୁ ପୋଷିବାକୁ କ୍ଷମତା ନ ଥିଲେ ଦୁଇ ତିନି ବିବାହ କାହିଁକି କରୁଛ । ସକ୍ଷମ ହୋଇ ନ ଥିଲେ କୌଣସି ମୁସଲମାନ ବ୍ୟକ୍ତିଙ୍କୁ ଏକାଧିକ ବିବାହ କରିବାକୁ ଅନୁମତି ଦିଆଯିବ ନାହିଁ । ଇସ୍‌ଲାମ ଧର୍ମରେ ମଧ୍ୟ ଏନେଇ ଅନୁମତି ଦିଆଯାଉ ନାହିଁ । ଜଣେ ମୁସଲମାନ ଭିକାରୀଙ୍କ ଦ୍ୱିତୀୟ ପତ୍ନୀ ଦାଏର କରିଥିବା ଆବେଦନର ଶୁଣାଣି କରି କେରଳ ହାଇକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ଆବେଦନରେ ଦ୍ୱିତୀୟ ପତ୍ନୀଙ୍କୁ ସ୍ୱାମୀଙ୍କଠାରୁ ମାସକୁ ୧୦ ହଜାର ଟଙ୍କା କ୍ଷତିପୂରଣ ମାଗିଥିଲେ । ଏହି ମାମଲା ପେରିଥଲମନ୍ନା ଅଞ୍ଚଳର । ୩୯ ବର୍ଷୀୟ ମହିଳା ନିଜ ଅନ୍ଧ ସ୍ୱାମୀଙ୍କ ବିରୋଧରେ କୋର୍ଟ ଯାଇଥିଲେ । ସେ କହିଥିଲେ ଯେ ସ୍ୱାମୀ ମାସକୁ ୨୫ ହଜାର ଟଙ୍କା ଆୟ କରୁଛନ୍ତି । ସେଥିପାଇଁ ଭରଣପୋଷଣ ବାବଦକୁ ୧୦ ହଜାର ଟଙ୍କା ମାଗିଛି । ଏବେ ସେ ପ୍ରଥମ ପତ୍ନୀଙ୍କ ସହ ରହୁଛନ୍ତି । ଆଗକୁ ତୃତୀୟ ବିବାହ କରିବେ ବୋଲି ଧମକ ମଧ୍ୟ ଦେଉଛନ୍ତି । ଏହାର ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଭିକାରୀ ସ୍ୱାମୀଙ୍କୁ ଭରଣପୋଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ । କିନ୍ତୁ ରାଜ୍ୟ ସରକାର ଏହି ମାମଲାରେ ଦଖଲ ଦେଇ ଉଭୟଙ୍କୁ ପତ୍ନୀଙ୍କ ସହାୟତା କରନ୍ତୁ । ନିରାଶ୍ରୟ ପତ୍ନୀଙ୍କୁ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ । ନାଗରିକ ଭିକ ନ ମାଗିବାକୁ ସରକାର ସୁନିଶ୍ଚିତ କରନ୍ତୁ । ଏହା କହି କୋର୍ଟ ମହିଳାଙ୍କ ଆବେଦନ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଶିକ୍ଷା ଏବଂ ପ୍ରଥାଗତ ଆଇନର ଜ୍ଞାନ ନ ଥିବାରୁ ମୁସଲିମ ସମାଜରେ ▶ପୃଷ୍ଠା-୭

### ଭାରତୀୟଙ୍କୁ ଟ୍ରମ୍ପଙ୍କ ଆଉ ଏକ ଝଟ୍‌କା

# ଶୁଳ୍କ ପରେ ଭିସା ବୋମା

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଜକୁ ଭାରତର ବନ୍ଧୁ ବୋଲି ଦାବି କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ପାଇଁ ସମସ୍ୟା ବଢ଼ାଇବାରେ ଲାଗିଛନ୍ତି । ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରି ଭାରତର ରପ୍ତାନୀ ଶିଳ୍ପକୁ ସଙ୍କଟ ଭିତରକୁ ଠେଲିଦେଇଥିବା ଟ୍ରମ୍ପ ଆଜି ଆଉ ଏକ ଆଦେଶନାମା ଜାରି କରିଛନ୍ତି । ଏଥିରେ ଏଚ୍-୧ବି ଭିସାର ବାର୍ଷିକ ଫି' ଏକ ଲକ୍ଷ ଡଲାର ବା ୮୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରତିବର୍ଷ ଚାକିରି ପାଇଁ ଆମେରିକା ଯାଉଥିବା ଭାରତୀୟ ଇଞ୍ଜିନିୟର, ଡାକ୍ତର ଓ ବୈଜ୍ଞାନିକଙ୍କ ଭଳି ପ୍ରଫେସନାଲ ଏହଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବେ । ଭାରତରେ ଆଇଟି ଶିଳ୍ପ ଏବେ ଘୋର ସଙ୍କଟ ଦେଇ ଗତି କରୁଥିବା ବେଳେ ଆମେରିକା ଯିବା ଲାଗି ସ୍ୱପ୍ନ ଦେଖୁଥିବା ଭାରତୀୟ ପ୍ରଫେସନାଲଙ୍କ ପାଇଁ ଏହା ବଡ଼ ଧରଣର ଝଟକା ହୋଇଛି । ଏବେ ଆମେରିକାରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀରେ ପ୍ରାୟ ୩ ଲକ୍ଷ ଭାରତୀୟ ଏଚ୍-୧ବି ଭିସାରେ ଚାକିରି

**ଏଚ୍-୧ବି ଭିସା ଫି' ବର୍ଷକୁ ୮୮ ଲକ୍ଷ**

**ଭାରତୀୟ ଆଇଟି ଶିଳ୍ପ ଉପରେ ଚଡ଼କ**

**ନିଷ୍ପତ୍ତିକୁ ଅମାନବୀୟ କହିଲା ଭାରତ**





କରୁଛନ୍ତି । ଟ୍ରମ୍ପଙ୍କ ନୂଆ ଘୋଷଣାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହାକୁ ମାନବିକ ସଙ୍କଟ ରୂପେ ବର୍ଣ୍ଣନା କରିଛି ।

ସୂଚନାଯୋଗ୍ୟ ଯେ ଆମାଜନ, ମାଇକ୍ରୋସଫ୍ଟ, ଆପଲ୍, ଟାଟା କନସଲଟନ୍ସି ଭଳି ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀ ପ୍ରତିବର୍ଷ ପ୍ରତିବର୍ଷ ବିଭିନ୍ନ ଦେଶରୁ ହଜାର ହଜାର ପ୍ରଫେସନାଲଙ୍କୁ ନିଯୁକ୍ତି ଦିଅନ୍ତି । ଏଥିରୁ ବେଶି ସୁବିଧା ମିଳୁଛି ଭାରତୀୟଙ୍କୁ । ଏଭଳି ନିଯୁକ୍ତି ଲାଗି ଯେଉଁ ଭିସା ଦିଆଯାଏ, ତାହାକୁ ଏଚ୍-୧ବି ଭିସା କୁହାଯାଏ । ଭିସା ପିଛା ବର୍ଷକୁ ୨୦୦୦ରୁ ୫ ହଜାର ଡଲାର ଦେବାକୁ ପଡୁଥିଲା । କିନ୍ତୁ ଏହି ଫି'କୁ ଟ୍ରମ୍ପ ବଢ଼ାଇ ଏକ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କା) କରିଦେଇଛନ୍ତି । ଏହି ଭିସା ତିନି ବର୍ଷ ପାଇଁ ବୈଧ । ତିନି ବର୍ଷ ପରେ ଭିସାର ନବୀକରଣ କରାଯାଇ ଏହାକୁ ଆହୁରି ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି । ଏବେ ଏଚ୍-୧ବି ଭିସା ପାଇଁ ୬ ବର୍ଷକୁ ୫.୨୮ କୋଟି ଟଙ୍କା ଦେବାକୁ ପଡ଼ିବ । ଏ ବାବଦ ଖର୍ଚ୍ଚ ପ୍ରାୟ ୫୦ ଗୁଣ ବଢ଼ିଯିବ । ଏହା ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ମହଙ୍ଗା ହୋଇଯିବ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତୀୟ ସର୍ବାଧିକ ପ୍ରଭାବିତ ହେବେ । ଆମେରିକା ପ୍ରତି ବର୍ଷ ଲଟେରୀ ମାଧ୍ୟମରେ ୮୫ ହଜାର ଏଚ୍-୧ବି ଭିସା ଜାରି କରିଥାଏ । ଗତବର୍ଷ ସର୍ବାଧିକ ୭୨ ପ୍ରତିଶତ ଭାରତୀୟ ଏହି ଭିସା ପାଇଥିଲେ । ଏବେ ଭିସା ବାବଦ ଦେୟ ବଢ଼ିଥିବାରୁ ୩ ଲକ୍ଷ ଭାରତୀୟଙ୍କ ଉପରେ ଚଡ଼କ ପଡ଼ିବ ବୋଲି କୁହାଯାଉଛି । ▶ପୃଷ୍ଠା-୭

## ମାଲାୟଲମ୍ ସୁପର୍‌ଷ୍ଟାର୍ ମୋହନଲାଲଙ୍କୁ 'ଫାଲ୍‌କେ'

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଚ୍ଛକ ଅଭିନୟ ପାଇଁ ସାରା ଦେଶରେ ସୁପ୍ରସିଦ୍ଧି ଅର୍ଜନ କରିଥିବା ମାଲାୟଲମ ସୁପରଷ୍ଟାର ମୋହନଲାଲଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ କରାଯିବ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି । ଗତ ଚାରି ଦଶନ୍ଧି ଧରି ସିନେଜଗତରେ ସକ୍ରିୟ ଥିବା ୬୫ ବର୍ଷୀୟ ମୋହନଲାଲ ୨୦୨୩ ପାଇଁ ଏହି ସମ୍ମାନ ପାଇବେ । ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଜାତୀୟ ସିନେମା ପୁରସ୍କାର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ । ପୁରସ୍କାର ବାବଦକୁ ସ୍ୱର୍ଣ୍ଣ କମଳ ସହିତ ୧୦ ଲକ୍ଷ ଟଙ୍କା ଦିଆଯିବ ।

ମୋହନଲାଲ କେବଳ ମାଲାୟଲମ ଚଳଚ୍ଚିତ୍ର ନୁହେଁ; ତାମିଲ, ତେଲୁଗୁ, ହିନ୍ଦୀ ଏବଂ କନ୍ନଡ଼ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି । ୧୯୮୦ରୁ 'ମଞ୍ଜିଲ ଭିରିଞ୍ଜା ପୁକ୍କଲ'ରୁ କ୍ୟାରିୟର ଆରମ୍ଭ



କରିଥିବା ମୋହନଲାଲ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେ ଏକାଧାରରେ ଜଣେ ସଫଳ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ।

ଭାରତମ୍ (୧୯୯୧) ଏବଂ ବାନପ୍ରସ୍ଥମ୍ (୧୯୯୯) ପାଇଁ ମୋହନଲାଲ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ଅର୍ଜନ କରିଛନ୍ତି । ସେହିପରି ସ୍ପେସିଆଲ ମେନ୍‌ସନ ଭାବେ ତାଙ୍କ ଅଭିନୀତ କିରିଦମ୍ (୧୯୮୯) ଏବଂ ସ୍ପେସିଆଲ ଜୁରି ▶ପୃଷ୍ଠା-୭

**ଥମୁନି ସାର ତାତି**

### ସ୍ୱତନ୍ତ୍ର ଆଲୋଚନା ଦାବିରେ ଅଟଳ ବିଜେଡି

## ଦ୍ୱିତୀୟ ଦିନ ବି ଗୃହ ଅଚଳ

■ **ଭୁବନେଶ୍ୱର, ୨୦।୯ (ସମିସ):** ରାଜ୍ୟରେ ସାରର ଉତ୍କଟ ଅଭାବ ଏବଂ କଳାବଜାରୀ ସମ୍ପର୍କରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଧାନସଭା ଅଚଳ କରିଛି ବିଜେଡି । ସାର ପ୍ରସଙ୍ଗରେ ଗୃହର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରି ସ୍ୱତନ୍ତ୍ର ଆଲୋଚନା ଦାବିରେ ବିଜେଡି ବିଧାୟକମାନେ ଅଡ଼ି ବସିବା ସହ ଶନିବାର ମଧ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ବିଜେଡି ବିଧାୟକଙ୍କ ନାରାବାଜି, ହଟ୍ଟଗୋଳ କାରଣରୁ ଗୃହ ମାତ୍ର ୧୬ ମିନିଟ ଚାଲିପାରିଥିଲା । ଏହି ୧୬ ମିନିଟରେ ୧୨ ମିନିଟ ଦିବଂଗତ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିବା ବେଳେ ପ୍ରଶ୍ନକାଳ ୧ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହ ୩ ମିନିଟ ଚାଲିଥିଲା । ଯେପର୍ଯ୍ୟନ୍ତ ସାର ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇନାହିଁ, ସେଯାଏଁ ଗୃହ ଚଳାଇଦେବୁ ନାହିଁ



**ପ୍ରତିକ୍ରିୟା ରଖିଲେ ତାରା: ଆମେ ମଧ୍ୟ ଚାହୁଁଛୁ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଉ**

**ଗୃହ ବାହାରେ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା: ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କର ଭ୍ରୂକ୍ଷେପ ନାହିଁ**

ବୋଲି ବିଜେଡି ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସୋମବାର ସକାଳ ୧୦ଟା ୩୦ ଯାଏଁ ମୁଲତବୀ ରଖିଛନ୍ତି ।

ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ପ୍ରଥମେ ବୀରମିତ୍ରପୁରର ଦିବଂଗତ ବିଧାୟକ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଶ୍ରଦ୍ଧାଞ୍ଜଳି ପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଶୁକ୍ରବାର ପରି ନାରାବାଜି ଆରମ୍ଭ କରିଥିଲେ । ବିଧାୟକମାନେ ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ପ୍ରବଳ ନାରାବାଜି କରିଥିବା ବେଳେ ପ୍ରଶ୍ନକାଳ ଚାଲି ପାରିନଥିଲା । ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ ହେଁ ଏହାକୁ ଭ୍ରୂକ୍ଷେପ କରିନଥିଲେ ବିଜେଡି ବିଧାୟକ । ଫଳରେ ଗୃହ ମାତ୍ର ୧୩ ମିନିଟ ଚାଲିବା ପରେ ବାଚସ୍ପତି ▶ପୃଷ୍ଠା-୭

### ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି

■ **ଭୁବନେଶ୍ୱର,୨୦।୯ (ସମିସ):** ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଦିବଂଗତ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୃହ ମୁଲତବୀ ହେବା ▶ପୃଷ୍ଠା-୭

**ଅଶାନ୍ତ ଓଡ଼ିଶା** | ପାର୍ବଣ ପୂର୍ବରୁ ଗଡ଼ିଲା ଦୁଇ ମୁଣ୍ଡ

## ଟ୍ୟାକ୍ସି ଚାଳକଙ୍କୁ ଅପହରଣ ପରେ ହତ୍ୟା

**ଚନ୍ଦକା-ବାରଙ୍ଗ ମୁଖ୍ୟ ରାସ୍ତାରୁ ମିଳିଲା କ୍ଷତବିକ୍ଷତ ମୃତଦେହ**

**୨ କୋଟି ମୁଣ୍ଡଜାମିନ୍ ଅର୍ଥ ନ ଦେବାରୁ ମାରିଦେଲେ: ପରିବାର**

**ହତ୍ୟା ପଛରେ ଚାକିରି ପାଇଁ ଟଙ୍କା ଠକେଇ ଅଭିଯୋଗ**

**ଟଙ୍କା ଦେଇଥିବା ଯୁବକଙ୍କୁ ପୁଲିସର ପଚରାଉଚରା**

■ **ଭୁବନେଶ୍ୱର, ୨୦।୯ (ସମିସ):** ପାର୍ବଣ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଅଶାନ୍ତ ହୋଇଉଠିଛି । ଗତ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ୪ଟି ହତ୍ୟାକାଣ୍ଡ ଘଟିଯାଇଥିବା ବେଳେ ପୁଣି ଜଣେ ଟାକ୍ସି ଡ୍ରାଇଭରଙ୍କୁ ଅପହରଣ ପରେ ବୀଭତ୍ସ ଭାବେ ହତ୍ୟା କରାଯାଇଛି । ଅପହରଣର ୫ ଦିନ ପରେ ଚନ୍ଦକା-ବାରଙ୍ଗ ନିକଟ ରାସ୍ତାରୁ ଟ୍ୟାକ୍ସିଚାଳକଙ୍କ କ୍ଷତବିକ୍ଷତ ମୃତଦେହକୁ ପୁଲିସ ଜବତ କରିଛି । ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ଚାକିରି ଠକେଇ (ଜବ୍ ସ୍କାମ୍) ମୁଖ୍ୟ କାରଣ ଥିବା ପୁଲିସ ସନ୍ଦେହ କରିଛି । ପୁଲିସ ସୂଚନା ମୁତାବକ, ଖୋର୍ଦ୍ଧା ବାଣପୁର ନିକଟ ଅରାଙ୍ଗ ଗାଁର ବିଦ୍ୟାଧର ସାହୁଙ୍କୁ ଅପହରଣ ▶ପୃଷ୍ଠା-୭



## ମା' ସାମ୍ନାରେ ହାଣିଦେଲେ




■ **ବଲାଙ୍ଗିର, ୨୦।୯ (ସମିସ):** ବଲାଙ୍ଗିରରେ ପାର୍ବଣ ପୂର୍ବରୁ ମୁଣ୍ଡ ଗଡ଼ିଛି । ଘର ଅଗଣାରେ ଜଣେ ଯୁବକଙ୍କୁ ଦିନ ଦ୍ୱିପହରରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି । ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଲେ ବଲାଙ୍ଗିର ସହର ବରପଡ଼ାର ରାଜ ବେହେରା (୨୫) । ତାଙ୍କ ମା'ଙ୍କ ସାମ୍ନାରେ କେତେକ ଯୁବକ ହତ୍ୟା କରିଛନ୍ତି । ୩ ଜଣ ସାଙ୍ଗ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି । କେଉଁ କାରଣରୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ରାଜ ଘର ସାମ୍ନାରେ ଥିବା ବେଳେ ଶନିବାର ▶ପୃଷ୍ଠା-୭

## 'କିଲର୍ ସ୍ୱାମୀ' ଦୀପକ ତଣ୍ଟିରେ ଦୁଇଟି ପତ୍ନୀହତ୍ୟାର କଣ୍ଟା







■ **ଭୁବନେଶ୍ୱର, ୨୦।୯ (ସମିସ):** ବହୁ ଚର୍ଚ୍ଚିତ 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ତଣ୍ଟିରେ ଏବେ ଦୁଇ ଦୁଇଟି ପତ୍ନୀ ହତ୍ୟାର କଣ୍ଟା ପଶିଛି । ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡକୁ ୧୫ଦିନ ବିତିଛି । ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟା ମାମଲାରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣା ହତ୍ୟା ମାମଲାରେ ମଧ୍ୟ ଛନ୍ଦି ହୋଇଛି ।

**ଶୁଭମିତ୍ରା ମୃତ୍ୟୁ ମାମଲାରେ ଜେସିବି ମାଲିକ ଓ ଚାଳକଙ୍କୁ ଜେରା**

**ଅପର୍ଣ୍ଣା ଦୁର୍ଘଟଣା ମୃତ୍ୟୁ ମାମଲାର ନଥିପତ୍ର ଜବତ, ପରିବାରଲୋକଙ୍କ ବୟାନ ରେକର୍ଡ**

ଗୋଟିଏ ପଟେ କମିସନରେଟ ପୁଲିସ ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ▶ପୃଷ୍ଠା-୭

**ଚାଷୀଙ୍କ ପାଇଁ ସତର୍କ ଘଣ୍ଟି**

## ଧାନ ଚାଷକୁ 'ଲା-ନିନା' ବିପଦ

### ବାଧାପ୍ରାପ୍ତ ହେବ ଅମଳ; କମିବ ଉତ୍ପାଦର ମାନ

■ **ଭୁବନେଶ୍ୱର, ୨୦।୯ (ସମିସ):** ସମଗ୍ର ବିଶ୍ୱର ପାଣିପାଗ ଏବେ ଲା-ନିନା ଆଡ଼କୁ ମୁହାଁଉଛି । ଏଥର ଲା-ନିନା ବର୍ଷ ହୋଇଥିବାରୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ହେଉଛି । ଏହାର ପ୍ରଭାବରେ ବର୍ଷା, ଖରା ଓ ଶୀତରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି କ୍ଷେତ୍ରକୁ ମାତ୍ରାଧିକ ପ୍ରଭାବିତ କରିବା ସହ ଫସଲ ଅମଳ ବାଧାପ୍ରାପ୍ତ ହେବା ନେଇ କୃଷି ବିଶେଷଜ୍ଞ ଆକଳନ କରିଛନ୍ତି ।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଲା-ନିନା ପ୍ରଭାବରେ ୬୦ରୁ ୭୦ ପ୍ରତିଶତ ହେବାର ସମ୍ଭାବନା ରହିଛି । ଅକ୍ଟୋବରରୁ ନଭେମ୍ବର ଭିତରେ ଗୋଟିଏରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଘୁଚାପ, ଅବପାତ ବା ଝଡ଼ବାତ୍ୟାରେ ଆଶଙ୍କା ରହିଛି । ଗତ ୨୪ ବର୍ଷ ଭିତରେ ୮ବର୍ଷ ଥିଲା ଲା-ନିନା ବର୍ଷ । ୨୦୧୦-୧୧, ୨୦୨୦-୨୧ରେ ନଭେମ୍ବରରେ ବର୍ଷା ଅଧିକ ହୋଇଥିଲା । ଲା-ନିନା ଡିସେମ୍ବରକୁ



ପ୍ରଭାବିତ କରି ନ ଥାଏ; ମାତ୍ର ଜାନୁଆରୀ ଓ ଫେବ୍ରୁଆରୀରେ କେତେକ ଲା-ନିନା ବର୍ଷରେ ପଶ୍ଚିମାଝଡ଼ ହେତୁ ବର୍ଷା ହୋଇଥାଏ । ଅଧିକ ପବନ ଓ ବର୍ଷା ଯୋଗୁଁ ଅମଳ ଉପଯୋଗୀ ଧାନ ଶୋଇପଡ଼ିବା ସହ ଗଜା ହୋଇଯିବାର ଆଶଙ୍କା ରହିଛି ।

ଲା-ନିନା ସଂପର୍କରେ ବିଶିଷ୍ଟ କୃଷି ଓ ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅତ୍ୟଧିକ ବର୍ଷା ଯୋଗୁଁ ବିଲରେ ପାଣି ଜମି ରହିବ । ଏଥିପାଇଁ ବିଳମ୍ବରେ ଧାନ କାଟିବା ଓ ଶୁଖାଇବାରେ ଅସୁବିଧା ଯୋଗୁଁ ଫିମ୍ପି ମାରିବା ସହ ଅମଳ ନଷ୍ଟ ହେବାର ଆଶଙ୍କା ରହିଛି । ଏଥିସହ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଲୁଣା ପାଣି ମାଡ଼ି ଆସି କ୍ଷେତରେ ପଶିବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ । ଧାନ ବ୍ୟତୀତ କପା ଓ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ▶ପୃଷ୍ଠା-୭



### ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା

# ମାନହାନୀ ମାମଲାକୁ ଖାରଜ କଲେ ଆମେରିକା କୋର୍ଟ



ନ୍ୟୁୟର୍କ, ୨୦।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି। ସେ 'ଦ ନ୍ୟୁୟର୍କ ଟାଇମ୍ସ' ଖବର କାଗଜ ବିରୋଧରେ ୧୫୦୦ କୋଟି ଡଲାରର ମାନହାନୀ ମକଦ୍ଦମା ଦାଏର କରିଥିଲେ। କିନ୍ତୁ ଆମେରିକାର ଏକ କୋର୍ଟ ଏହାକୁ ଖାରଜ କରିଛନ୍ତି। ଦୀର୍ଘଦିନ ଧରି ମୋତେ, ମୋ ପରିବାର ଓ ବ୍ୟବସାୟକୁ ଆକ୍ଷେପ କରି ଏହି ଖବର କାଗଜ ବହୁତ ମିଥ୍ୟା ତଥ୍ୟ ଦେବା ସହ ଭିତ୍ତିହୀନ ଓ ଅମୂଳକ ଖବର ପ୍ରକାଶିତ କରୁଥିଲା ବୋଲି ଟ୍ରମ୍ପ ଅଭିଯୋଗ କରିଥିଲେ। ସେ ଫ୍ଲୋରିଡାର ମିଡିଲ ଡିଷ୍ଟ୍ରିକ୍ଟର ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟରେ ଏହି ମାନହାନୀ ମକଦ୍ଦମା ଦାଏର କରିଥିଲେ। ଆମେରିକାର ଅଧିକାଂଶ ଗଣମାଧ୍ୟମ ମୋ ବିରୋଧରେ ମିଥ୍ୟା ଖବର ପରିବେଶଣ କରିବା ସହ ମୋତେ ବଦନାମ କରିବାକୁ ବରାବର ପ୍ରୟାସ କରିଆସିଛନ୍ତି ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପ ୮୫ ପୃଷ୍ଠାର ଅଭିଯୋଗ ପତ୍ର ଦାଖଲ କରିଥିଲେ ଓ ଏହା ଫେଡେରାଲ ରୁଲ୍ ଅଫ୍ ସିଭିଲ ପ୍ରସିଡ୍ୟୁରର ଧାରା ୮ର ଉଲ୍ଲଂଘନ କରୁଛି ବୋଲି ବିଚାରପତି ଷ୍ଟିଭେନ ଡି ମେରୀଡେ କହିଛନ୍ତି। ଏହି ଅଭିଯୋଗ ତଥ୍ୟ ଉପରେ ଆଧାରିତ ହେବା ସହ ଛୋଟ ଓ ସଂକ୍ଷିପ୍ତ ହେବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି। ଏହି ଅଭିଯୋଗରେ ନ୍ୟାୟିକ ବୈଧତା କମ୍ ଓ ରାଜନୈତିକ ଆଭିମୁଖ୍ୟ ଅଧିକ ରହିଛି ବୋଲି ମେରୀଡେ କହିଛନ୍ତି। ସେଥିପାଇଁ ଏହି ମକଦ୍ଦମା ଗ୍ରହଣୀୟ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା

# ତଦନ୍ତ କରିବ ସିଆଇଡି



ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଜଣାଶୁଣା ଆସାମ ତଥା ବଲିଉଡ୍ ଗାୟକ ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ ନେଇଛି। ସେ ହଂକଂରେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ସେଠାରେ ସେ ସ୍କୁବା ଡାଇଭିଂ କରିବା ଅବସରରେ ଦୁର୍ଘଟଣା ଶିକାର ହୋଇ ପ୍ରାଣ ହରାଇଥିଲେ। ମୃତ୍ୟୁ ପରେ ତାଙ୍କ ଫେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ ଓ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ବିରୋଧରେ ଅଭିଯୋଗ ଆସିଛି। ଫଳରେ ଆସାମ ସରକାର ତଦନ୍ତ ଦାୟିତ୍ୱ ସିଆଇଡିକୁ ହସ୍ତାନ୍ତର କରିଛି। ୫୨ ବର୍ଷୀୟ ଜୁବେନ୍‌ଙ୍କ ଅନ୍ତିମ ଭଡିଓ ଭାଇରାଲ ହୋଇଛି। ସେ ଲାଇଫ୍ ଜ୍ୟାକେଟ ପିନ୍ଧି ପାଣିକୁ ଡେଉଁଥିବାର ଦେଖାଯାଇଛି। ଡାଇଭିଂ କରିବା ଅବସରରେ ସେ ପ୍ରାଣ ହରାଇଥିଲେ। ଏହାପରେ ତାଙ୍କୁ ପାଣିରୁ ବାହାର କରାଯାଇ ହସ୍ପିଟାଲ ନିଆଯାଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ବିଫଳ ହୋଇଥିଲା ଓ ଶେଷରେ ତାଙ୍କୁ ମୃତ ଘୋଷିତ କରାଯାଇଥିଲା। ସିଙ୍ଗାପୁରରେ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଲଗାତର ଏହି ମାମାଲ ଉପରେ ନଜର ରଖିଛନ୍ତି। ଏବେ ତାଙ୍କ ମୃତଦେହକୁ ଭାରତ ଅଣାଯିବ। ଜୁବେନଙ୍କ ଅନ୍ତିମ ଦର୍ଶନ ଲାଗି ତାଙ୍କ ପାର୍ଥୀବ ଶରୀରକୁ ଗୌହାଟୀର ସରୁସାଜାଇ ଷ୍ଟାଡିୟମରେ ରଖାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ କୁହାଯାଇଛି। ଗ୍ୟାଙ୍ଗଷ୍ଟର ସିନେମାର 'ୟା ଅଲି', ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର 'ଦିଲ ତୁହି ବତା' ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର 'ଜାନେ କ୍ୟା ଚାହେ ମନ' ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଦିଲ୍ଲୀରେ ସ୍କୁଲକୁ ପୁଣି ବୋମା ଧମକ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଦିଲ୍ଲୀର କେତୋଟି ସ୍କୁଲକୁ ପୁଣି ବୋମା ଧମକ ମିଳିଛି। ଶନିବାର ଫୋନ୍ କଲ୍ କରି ଏହି ଧମକ ଦିଆଯାଇଥିଲା। ଡିପିଏସ୍ ଦ୍ୱାରକା, କ୍ରିଷ୍ଣା ମଡେଲ ପବ୍ଲିକ୍ ସ୍କୁଲ୍ ଓ ସର୍ବୋଦୟ ବିଦ୍ୟାଳୟକୁ ବୋମା ଧମକ ମିଳିଥିଲା। ଫଳରେ ବିଭାଗୀୟ କର୍ତ୍ତୃପକ୍ଷ ସ୍କୁଲଗୁଡିକୁ ଖାଲି କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କୁ ବାହାରକୁ ଆସିବାକୁ କୁହାଯାଇଥିଲା। ଏହାପରେ ବୋମା ନିଷ୍କ୍ରିୟକାରୀ ଦଳ ଓ ପୁଲିସ୍ ତୁରନ୍ତ ଆସି ଯାଞ୍ଚ ଆରମ୍ଭ କରିଥିଲା ପୂରା ସ୍କୁଲ ପରିସରରେ ଛାନ୍‌ଭିନ୍ କରିଥିଲା। ପରେ ଏହି ବୋମା ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଡିପିଏସ୍ ଦ୍ୱାରକା ସ୍କୁଲରେ ଚାଲିଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କିନ୍ତୁ ଏହି ସ୍କୁଲ୍‌ଗୁଡିକରେ ସେଭଳି କୌଣସି ଆପତ୍ତିଜନକ ଜିନିଷ ଦେଖିବାକୁ ମିଳିନଥିଲା। ଦିଲ୍ଲୀ ଓ ଏନ୍‌ସିଆରରେ ଥିବା ସ୍କୁଲଗୁଡିକୁ ଗତ କିଛିମାସ ହେବ ନିୟମିତ ଭାବେ ବୋମା ଧମକ ମିଳୁଛି। ସେହିପରି ଦିଲ୍ଲୀ ହାଇକୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା।

## ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ରୁଷିଆରେ ୪ ମୃତ

ମସ୍କୋ, ୨୦।୯ (ଏଜେନ୍ସି): ରୁଷିଆର ଦକ୍ଷିଣ ପଶ୍ଚିମ ସମରା ଅଞ୍ଚଳରେ ୟୁକ୍ରେନ୍ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଭ୍ୟାଶେସଲାଭ ଫେଡେରିସଚେଭ ଗଭର୍ଣ୍ଣର ଶନିବାର ସୂଚନା ଦେଇଛନ୍ତି। ଗତ ରାତିରେ ଦୁଇ ଦେଶ ପରସ୍ପରକୁ ଶହଶହ ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲେ। ଏଥିରେ ଜଣେ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏହା ପୂର୍ବରୁ ରୁଷିଆ ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣ କରିଥିଲା ଓ ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଡଜନେରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ ବୋଲି ୟୁକ୍ରେନର ଅଧିକାରୀମାନେ ସୂଚନା ଦେଇଛନ୍ତି। ୟୁକ୍ରେନର ୯ଟି ଅଞ୍ଚଳରେ ଆକ୍ରମଣ ହୋଇଥିଲା ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଏହି ଆକ୍ରମଣରେ ବିଭିନ୍ନ ଭିତ୍ତିଭୂମି, ସାଧାରଣ ଲୋକ ରହୁଥିବା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି।

## ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟିତ

ମୁମ୍ବାଇ୨୦।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଭାବନଗରରୁ ଆଭାସୀ ଭାବେ ମୁମ୍ବାଇର ଅତ୍ୟାଧୁନିକ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ସର୍ବବୃହତ କ୍ରୁଜ ଟର୍ମିନାଲ ବିବେଚିତ ହେଉଛି। ଏହାକୁ ଇନ୍ଦିରା ଡକ୍, ବେଲାର୍ଡ ପିୟର ଓ ମୁମ୍ବାଇ ବନ୍ଦରରେ ନିର୍ମାଣ କରାଯାଇଛି। ଏହାର ନାମ ମୁମ୍ବାଇ ଇଣ୍ଟରନ୍ୟାସନାଲ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି) ରଖାଯାଇଛି। ୫୫୬ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ ହୋଇଛି। ଏହାକୁ ଭାରତୀୟ କ୍ରୁଜ୍ ପର୍ଯ୍ୟଟନର ଗେଟ୍ ୱେର ମାନ୍ୟତା ହାସଲ କରିବ। ଏହାର ଛାତ ସମୁଦ୍ରର ଲହଡି ଭଳି ଡିଜାଇନ୍ କରାଯାଇଛି। ଏହା ଭାରତର କ୍ରୁଜ୍ ପର୍ଯ୍ୟଟନକୁ ଆହୁରି ଗୋଟିଏ ପାଦ ଆଗକୁ ନେବ ବୋଲି କେନ୍ଦ୍ରୀୟ ପୋତ, ନୌବାହନୀ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଏଠାକୁ ପ୍ରତିବର୍ଷ ୧୦ ଲକ୍ଷ ପର୍ଯ୍ୟଟକ ବୁଲିବାକୁ ଆସିବେ।

# ପିଓକେ ଛାଡୁଛନ୍ତି ଆତଙ୍କବାଦୀ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ସେନାର ନିର୍ଣ୍ଣାୟକ ଅପରେସନ ସିନ୍ଦୂର ପରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଛାଡୁଛନ୍ତି। ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଜେଶ-ଏ- ମହମ୍ମଦ ଓ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ଖାଇବର ପଖତୁନଖ୍ୱାରେ ନିଜର ନୂଆ ଠିକଣା ସୃଷ୍ଟି କରୁଛନ୍ତି ବୋଲି ଭାରତୀୟ ପ୍ରତିରକ୍ଷା ଓ ସେନାର ସୂତ୍ରରୁ ଜଣାଯାଇଛି। ଏବେ ଏହି ସବୁ ଆତଙ୍କବାଦୀ ସଂଗଠନ ପିଓକେରେ ଅସୁରକ୍ଷିତ ମନେ କରୁଛନ୍ତି। ଖାସ୍ ଏଥିପାଇଁ ଏହି ସଂଗଠନଗୁଡିକ ଆଫଗାନିସ୍ତାନ ସୀମାରେ ଥିବା ଖାଇବର ପଖତୁନଖ୍ୱାର ପାହାଡି ଅଞ୍ଚଳରେ ସେମାନଙ୍କ ପାଇଁ ସୁରକ୍ଷିତ ଠିକଣା ଓ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ପାକିସ୍ତାନର ସରକାରୀ ସଂସ୍ଥାଗୁଡିକ ମଧ୍ୟ ଏହି ପ୍ରକ୍ରିୟାରେ ଏହି ସଂଗଠନଗୁଡିକ ସହଯୋଗ କରୁଛନ୍ତି। କିଛି ଦିନ ତଳେ ପାକିସ୍ତାନରେ ପୁଲିସର ସୁରକ୍ଷା ବଳୟରେ ଜେଶ-ଏ- ମହମ୍ମଦ ସଭା କରିଥିଲା। ସେହିପରି ଜମିୟତ ଉଲେମା-ଏ-ଇସଲାମ ଭଳି ରାଜନୈତିକ ତଥା ଧାର୍ମିକ ସଂଗଠନ ମଧ୍ୟ ଏହାକୁ ସମର୍ଥନ କରିଥିଲା। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ଭାରତ-ପାକିସ୍ତାନ ଏସିଆକପ୍ କ୍ରିକେଟ ମ୍ୟାଚ ଅବସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ନାମରେ ସଂଗଠନଗୁଡିକ

### ଖାଇବର ପଖତୁନଖ୍ୱାରେ ଏବେ ନୂଆ ଠିକଣା

ବିଭିନ୍ନ ଆତଙ୍କବାଦୀଙ୍କୁ ନିୟୋଜିତ କରିଥିଲେ। ଉଲ୍ଲେଖଥାଉ କି, ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଜବାବ ସ୍ୱରୂପ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଓ ପାକିସ୍ତାନର ୭ଟି ସହରରେ ୯ଟି ଆତଙ୍କବାଦୀଙ୍କ ଠିକଣାକୁ ଧ୍ୱଂସ କରି ଦେଇଥିଲା।

ଇତିମଧ୍ୟରେ ଗତ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣରେ ଆତଙ୍କବାଦୀଙ୍କୁ ସହାୟତା ପ୍ରଦାନ କରିଥିବା ଅଭିଯୁକ୍ତଙ୍କ ହାଜତ ଅବଧିକୁ ବୃଦ୍ଧି କରାଯାଇଛି। ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ)ର ଆବେଦନ କ୍ରମେ ଦୁଇ ଅଭିଯୁକ୍ତଙ୍କ ହାଜତ ଅବଧିକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯୁକ୍ତଙ୍କଠାରୁ ପାକିସ୍ତାନ ଫୋନ୍ ନଂ ଥିବା ଜାଣିବାକୁ ମିଳିଥିଲା ବୋଲି ସରକାରୀ ଓକିଲ କହିଛନ୍ତି। ଅନ୍ୟପଟେ ୯୦ ଦିନ ସମୟ ମିଳିଥିଲେ ମଧ୍ୟ ଏନ୍‌ଆଇଏ ଯାଞ୍ଚ ପୂରା କରିବାରେ ବିଫଳ ହୋଇଛି ବୋଲି ପ୍ରତିପକ୍ଷ ଓକିଲ କୋର୍ଟରେ ଦଲିଲ ରଖିଥିଲେ। କିନ୍ତୁ କୋର୍ଟ ଏହି ଯୁକ୍ତିକୁ ଖାରଜ କରିଥିଲେ ଓ ଅଭିଯୋଗ ଗମ୍ଭୀର ହୋଇଥିବାରୁ ଓ ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ରହିଥିବାରୁ ହାଜତ ଅବଧିକୁ ବୃଦ୍ଧି କରାଯିବା ସପକ୍ଷରେ ରାୟ ଦେଇଥିଲେ।



# ୨୭ରେ ଅବସର ନେବ 'ମିଗ୍-୨୧'



ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ବାୟୁସେନାର ମେରୁଦଣ୍ଡ ବିବେଚିତ ହେଉଥିବା ମିଗ୍-୨୧ ଲଢୁଆ ବିମାନ ଆସନ୍ତା ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଅବସର ନେବ। ଦୀର୍ଘ ୬୨ ବର୍ଷ ହେବେ ଏହି ବିମାନ ବାୟୁସେନାର ନିରନ୍ତର ଭାବେ ସେବା କରିଆସୁଥିଲା। ଏହି ବିମାନ ୧୯୬୫ ଭାରତ- ପାକିସ୍ତାନ ଯୁଦ୍ଧ, ୧୯୭୧ ବାଂଲାଦେଶ ମୁକ୍ତି ସଂଗ୍ରାମ, ଭାରତ- ପାକିସ୍ତାନ କାରଗିଲ ଯୁଦ୍ଧ ଓ ବହୁ ମିଶନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏବେ ମିଗ୍-୨୧ ସ୍ଥାନରେ ତେଜସ ଏଲଏସି ମାର୍କ ୧ଏ ବିମାନକୁ ବାୟୁସେନାରେ ସାମିଲ କରାଯିବ। ଚଣ୍ଡିଗଡ଼ ଏୟାର ବେସ୍‌ରେ ମିଗ୍-୨୧କୁ ବିଦାୟ ଦିଆଯିବ। ଏହାପରେ ବାୟୁସେନାରେ ଏହି ବିମାନ ସେବା ଉପଲବ୍ଧ ହେବ ନାହିଁ। ୧୯୬୩ରେ ପ୍ରଥମଥର ପାଇଁ ମିଗ୍-୨୧କୁ ବାୟୁସେନାରେ ସାମିଲ କରାଯାଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଏହା ଶବ୍ଦ ତଥ ଧ୍ୱନୀର ଗତି (୩୩୨ ମିଟର ପ୍ରତି ସେକେଣ୍ଡ)ଠାରୁ ଅଧିକ ବେଗ୍‌ରେ ଗତି କରୁଥିଲା। ଏହି ଫାଇଟର ଜେଟ୍‌ର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ଟି ମିଗ୍ ବିମାନ) ରାଜସ୍ଥାନର ବିକାନେରର ନାଲ ଏୟାରବେସ୍‌ରେ ନିୟୋଜିତ ରହିଛି। ଏହି ଦୁଇଟି ସ୍କ୍ୱାଡ୍ରନକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଓ ନଂ ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ବୋଲି କୁହାଯାଉଛି। ଏପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ବିମାନ ଦୁର୍ଘଟଣାରେ ଧ୍ୱଂସ ପାଇଛି ଓ ୨୦୦ରୁ ଊର୍ଦ୍ଧ୍ୱ ପାଇଲଟ୍ ମୃତ୍ୟୁବରଣ କରିଛନ୍ତି। ଖାସ ଏହି କାରଣ ପାଇଁ ମିଗ୍-୨୧କୁ ଉଡନ୍ତା କଫିନ ଓ ୱିଡୋ ମେକର ବୋଲି କୁହାଯାଉଥିଲା। ଭାରତ ମୋଟ୍ ଉପରେ ୯୦୦ ମିଗ୍-୨୧ ଜେଟ୍ କ୍ରୟ କରିଥିଲା ଓ ଏଥିରେ ଏବେ ମାତ୍ର ୩୬ଟି ବାକି ରହିଛି। ୬୬୦ଟି ବିମାନ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ଏଚ୍‌ଏଏଲ) ଭାରତରେ ହିଁ ତିଆରି କରିଥିଲା। ୨୦୨୧ ମିଗ୍-୨୧ ୭ ଥର ଦୁର୍ଘଟଣା ସମ୍ମୁଖୀନ ହୋଇଛି। ବାଲାକୋଟ ଏୟାର ଷ୍ଟ୍ରାଇକ୍‌ରେ ମଧ୍ୟ ୱିଙ୍ଗ୍ କାମାଣ୍ଡର ଅଭିନନ୍ଦନଙ୍କ ମିଗ୍- ୨୧ ବିମାନ କ୍ରାସ ହୋଇଥିଲା।

### ୯୦୦ରୁ ମାତ୍ର ୩୬ଟି ବିମାନ ବାକି ରହିଛି

## ସୁରକ୍ଷାବଳ- ଆତଙ୍କବାଦୀ ଗୁଳି ବିନିମୟରେ ଜଣେ ଯବାନ ସହିଦ

ଉଧାମପୁର, ୨୦।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧାମପୁରରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି। ଶନିବାର ଏଥିରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଏସ୍‌ପିଓଙ୍କ ସମେତ ଦୁଇଜଣ ପୁଲିସକର୍ମୀ ଆହତ ହୋଇଛନ୍ତି। ଶୁକ୍ରବାରଠାରୁ ଏହି ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା। ଉଧାମପୁରର ଦୁଡୁ-ବସନ୍ତଗଡ଼ ଓ ଭଦେରୱାର ସୋଜଧାର ଜଙ୍ଗଲରେ ସେନା ଓ ସ୍ପେସିଆଲ ଅପରେସନ ଗ୍ରୁପ୍ ଓ ଆତଙ୍କବାଦୀଙ୍କ ମଧ୍ୟରେ ଚାଲିଥିବା ଏବେ ଏହି ଏନ୍‌କାଉଣ୍ଟର ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଦୁଇଜଣ ଜୈଶ ଆତଙ୍କବାଦୀ ଛପି ରହିଥିବା ଜଣାଯାଇଛି। ଏନକାଉଣ୍ଟର ଚାଲିଥିବା ଅଞ୍ଚଳରେ ଶୁକ୍ରବାର ରାତିରେ ଘେରାବନ୍ଦୀ କରାଯାଇଥିଲା ଓ ସକାଳେ ପୁଣିଥରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା। ଆକାଶରୁ ନିରୀକ୍ଷଣ କରିବା ପାଇଁ ଏହି ଅଞ୍ଚଳରେ ଡ୍ରୋନ୍, ହେଲିକପ୍ଟରର ବ୍ୟବହାର କରାଯାଉଛି। ସେହିପରି ଜଙ୍ଗଲ୍‌ରେ ଶିକାରୀ କୁକୁରଙ୍କ ସହ ଆତଙ୍କବାଦୀଙ୍କୁ ଖୋଜିବା ଜାରି ରହିଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡି କରାଯାଇଛି। ସେପଟେ କିସ୍ତୱାରରେ ମଧ୍ୟ ଆତଙ୍କବାଦୀଙ୍କୁ ଖୋଜା ଜାରି ରହିଛି। ତେଣୁ ଏଠାରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି।

## ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ ରାଞ୍ଚିର ଛାତ୍ର

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତର ଏକ ଛୋଟିଆ ସହରର ଛାତ୍ର ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲା। ବିଶ୍ୱାସ ନ ହେଲେ ବି ଏହା ସତ। ଝାଡଖଣ୍ଡ ରାଜଧାନୀ ରାଞ୍ଚିର ଇସଲାମନଗର ଅଞ୍ଚଳରେ ଏକ ଅଜଣା ପରିତ୍ୟକ୍ତ ସ୍ଥାନରେ ଆସାର ଦାନିସ ନାମକ ଏକ ଯୁବକ ଷ୍ଟାଫ୍ ସିଲେକସନ କମିସନ (ଏସ୍‌ଏସ୍‌ସି) ଭଳି ସରକାରୀ ଚାକିରି ପାଇଁ ପ୍ରସ୍ତୁତି ତଥା ପଢ଼ାପଢ଼ି କରୁଛନ୍ତି। କିନ୍ତୁ ସେ ପ୍ରକୃତରେ ଆଇଏସ୍‌ଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ। ଗତ ସପ୍ତାହରେ ଦିଲ୍ଲୀ ପୁଲିସ ଏ ବିଷୟରେ ଜାଣିବାକୁ ପାଇଥିଲା। ଆଫତାବ କୁରେସି ନାମକ ଜଣେ ଆତଙ୍କବାଦୀକୁ ଜେରା କରିବା ପରେ ଏହି ସ୍ଥାନ ଉପରେ ଚଢ଼ାଉ କରି ଦାନିସକୁ ଗିରଫ କରାଯାଇଥିଲା। ବରିଷ୍ଠ ନେତା ଖାସ୍ କରି ବିଜେପି ନେତାଙ୍କୁ ଟାର୍ଗେଟ କରି ଦାନିଶ ବୋମା ତିଆରି କରୁଥିଲା। ଦାନିସକୁ ଗିରଫ କରିବା ସହ ଏହି ସ୍ଥାନରୁ ପୋଟାସିୟମ ନାଇଟ୍ରେଟ୍, ବିସ୍ଫୋରକ ଓ ବିପୁଳ ପରିମାଣର ରାସାୟନିକ ପଦାର୍ଥ ଜବତ କରିଛି। ଏଠାରେ କେବଳ ବୋମା ତିଆରି ହେଉ ନଥିଲା, ଏଠାରେ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଉଥିଲା। ଦାନିସକୁ ମଧ୍ୟ ଜଣେ ପାକିସ୍ତାନୀ ହ୍ୟାଣ୍ଡଲର ସାମାଜିକ ଗଣମାଧ୍ୟମ ଦ୍ୱାରା ନିଯୁକ୍ତି ଦେଇଥିଲା। ଏହି ମାମଲାରେ ଜଡିତ ଅନ୍ୟ ଲୋକଙ୍କୁ ପୁଲିସ ଖୋଜୁଛି। ପୁଲିସ ଦାନିସକୁ ଗିରଫ୍ କରିବା ସହ ଏକ ବଡ଼ ଆତଙ୍କବାଦୀ ନେଟୱର୍କ ବିଷୟରେ ଜାଣିବାକୁ ପାଇଛି।

## ବ୍ରିଟିଶ ବୃଦ୍ଧ ଦମ୍ପତିଙ୍କୁ ଛାଡ଼ିଲା ତାଲିବାନ

କାବୁଲ, ୨୦।୯ (ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବ୍ରିଟେନର ଏକ ବୃଦ୍ଧ ଦମ୍ପତିଙ୍କୁ ତାଲିବାନ ଛାଡିଦେଇଛି। ୮୦ ବର୍ଷୀୟ ପିଟର ରିନୋଲ୍ଡ ଓ ତାଙ୍କ ପତ୍ନୀ ୭୬ ବର୍ଷୀୟା ବାରବାରାଙ୍କୁ ଗତ ଫେବୃଆରୀରେ ଗିରଫ କରାଯାଇଥିଲା। ଏବେ ଏହି ଦମ୍ପତି ଖୁସିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର ବାଟ ଫିଟିଛି। ୧୯୭୦ରେ ଏହି ଦମ୍ପତି ବିବାହ କରିଥିଲେ ଓ ଗତ କେତେ ଦଶନ୍ଧି ଧରି ଆଫଗାନିସ୍ତାନରେ ଅବସ୍ଥାନ କରୁଥିଲେ। ଏହି ପତିପତ୍ନୀ ଆଫଗାନିସ୍ତାନରେ ମହିଳା ଓ ଛୋଟପିଲା ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମ କରିଆସୁଥିଲେ ଓ ଏଥିପାଇଁ ତାଲିବାନ ରୋଷର ଶିକାର ହୋଇଥିଲେ। ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ସେମାନଙ୍କୁ ଛାଡିବାକୁ ନିଷ୍ପତ୍ତି ନେଇଛି। ଏହି ଦୁଇଜଣଙ୍କୁ ଆମେ ଭଲ ଭାବେ ରଖିଛୁ ଓ ସବୁ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଇଛୁ ବୋଲି ତାଲିବାନ କହିଛି।

## ମୁନୀର ମାନସିକ ନିର୍ଯାତନା ଦେଉଛନ୍ତି: ଇମ୍ରାନ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦେଶର ସେନାଧକ୍ଷ ହାସିମ ମୁନୀରଙ୍କ ବିରୋଧରେ ନୂଆ ଅଭିଯୋଗ ଆଣିଛନ୍ତି। ୭୨ ବର୍ଷୀୟ ଇମ୍ରାନ ବିଭିନ୍ନ ମାମଲାରେ ଜଡିତ ହୋଇ ଗତ ୨ ବର୍ଷ ହେବ ଜେଲରେ ଅଛନ୍ତି। ଏବେ ସେ ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ଅଛନ୍ତି। ତାଙ୍କ ପତ୍ନୀ ବୁସ୍‌ରା ବିବି ମଧ୍ୟ ଅଲ- କାଦିର ଟ୍ରଷ୍ଟ ମାମଲାରେ ଚଳିତ ବର୍ଷ ପ୍ରାରମ୍ଭରେ ଜେଲ୍‌ରେ ଅଛନ୍ତି। ଜେଲ୍‌ରେ ପତ୍ନୀଙ୍କ ସହ ମୋତେ ମାନସିକ ଭାବେ ନିର୍ଯାତନା ଦିଆଯାଉଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଆମେ ଭାଙ୍ଗିପଡ଼ି ଆତ୍ମସମର୍ପଣ କରିବୁ ବୋଲି ମୁନୀର ଭାବୁଛନ୍ତି ବୋଲି ସେ କହିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଆମେ ବଞ୍ଚିଥିବୁ ସେ ପର୍ଯ୍ୟନ୍ତ ଆମେ ଅନ୍ୟାୟ ଓ ଅତ୍ୟାଚାର ଆଗରେ ନଇଁବୁ ନାହୁଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜେନେରାଲ ମୁନୀର ସେନାକୁ ବ୍ୟବହାର କରି ସାରା ଦେଶରେ ଏକଛତ୍ରବାଦ ଶାସନ ଚଳାଇବା ସହ ଭୟର ବାତାବରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।

# ଭାରତୀୟଙ୍କ ସ୍ୱପ୍ନ ଚୂର୍‌ମାର୍ କରିଦେଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି। ଭାରତ ପ୍ରତି ବନ୍ଧୁତାର ହାତ ବଢ଼ାଇ ଆଉ ଥରେ ଧୋକା ଦେଇଛନ୍ତି। ଏଚ୍-୧ବି ଭିସାର ବାର୍ଷିକ ଦେୟ ବୃଦ୍ଧି କରି ଲକ୍ଷେ ଡଲାର କରିଦେଇଛନ୍ତି। ଏହାକୁ ନେଇ ଭାରତୀୟ ସର୍ବାଧିକ ଚିନ୍ତାରେ ଅଛନ୍ତି। କାରଣ ଏହି ଭିସାର ପ୍ରାୟ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳୁଥିଲା। କୁଶଳୀ କର୍ମଚାରୀଙ୍କୁ ଆମେରିକା ଡାକୁଥିବା କମ୍ପାନୀଙ୍କୁ ଏହି ଭିସା ବାବଦ ଅର୍ଥ ଦେବାକୁ ପଡ଼ିବ। ସୂଚନା ଅନୁଯାୟୀ ଆମେରିକା ବର୍ଷକୁ ଜାରି କରୁଥିବା ୮୫ ହଜାର ଏଚ୍-୧ବି ଭିସାରୁ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳିଥାଏ। ଏଭଳି ପଦକ୍ଷେପ ନେଇ ଘରଦ୍ୱାର ବିକି ଆମେରିକା ଯାଉଥିବାର ଭାରତୀୟଙ୍କ ସ୍ୱପ୍ନକୁ ଟ୍ରମ୍ପ ଚୁରମାର କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଏଚ୍-୧ବି ଭିସା କାର୍ଯ୍ୟକ୍ରମ ପ୍ରାୟ ଶେଷ ହୋଇଯିବ ବୋଲି ଲାଗୁଛି। କାରଣ ଏହା ବାବଦ ଦେୟ ଭିସା ଧାରକଙ୍କ ବାର୍ଷିକ ଦରମାଠାରୁ ବି ଅଧିକ। ଭାରତୀୟଙ୍କ ପାଇଁ ଏହି ଭିସା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଏହି ଭିସା ଧାରକଙ୍କ ସଂଖ୍ୟା ଏକ ଚତୁର୍ଥାଂଶ ରହିଛି। ଚଢ଼ା ଶୁଳ୍କ ବିବାଦ ପରେ ଭାରତ ସହ ସମ୍ପର୍କକୁ ସୁଧାରିବା ପାଇଁ କହୁଥିବା ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି। ଗତ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଟ୍ରମ୍ପ ଭାରତ-ଆମେରିକା ସମ୍ବନ୍ଧ ବିଷୟରେ ଉଲ୍ଲେଖ କରିଥିଲେ। ଉଭୟ ଦେଇ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଚର୍ଚ୍ଚା କରୁଥିବା କହିଥିଲେ।

ଆମେରିକାରେ ପ୍ରାୟ ୩ ଲକ୍ଷ ଅଧିକ-କୁଶଳୀ ଭାରତୀୟ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗରେ କାମ କରୁଛନ୍ତି। ଏଚ-୧ବି ଭିସାରେ ଏହି ଭାରତୀୟ ଆମେରିକାରେ ଅଛନ୍ତି। ଭାରତ ପରେ ଚୀନ୍ ନାଗରିକଙ୍କୁ ଏହି ଭିସାର ସର୍ବାଧିକ ଲାଭ ମିଳୁଛି। ତେବେ ଏହି ସଂଖ୍ୟା ମାତ୍ର ୧୧-୧୨ ପ୍ରତିଶତ ରହିଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ୨୧୫ ଡଲାର ଦେବାକୁ ପଡୁଥିଲା। ଏହା ସହିତ ଆଉ ୭୫୦ ଡଲାର ଲାଗୁଥିଲା। କିଛି ମାମଲାରେ ଏଥିପାଇଁ ୫ ହଜାର ଡଲାର ଅର୍ଥାତ୍ ପ୍ରାୟ ୪.୫ ଲକ୍ଷ ଟଙ୍କା ଦେବାକୁ ପଡିଥାଏ। କିନ୍ତୁ ଏବେ ନୂଆ ଦେୟ ୨୦ରୁ ଶହେ ଗୁଣା ଅଧିକ ରହିଛି। ଏଥିପାଇଁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଚ-୧ବି ଭିସା ଧାରକଙ୍କ ହାରାହାରି ବାର୍ଷିକ ଦରମାର ଏହି ନୂଆ ଦେୟ ୮୦ ପ୍ରତିଶତରୁ ଅଧିକ।

### ଏଚ୍-୧ବି ଭିସା ପାଇଛନ୍ତି ୨ ଲକ୍ଷ ୭ ହଜାର ଭାରତୀୟ

### ଆମାଜନ ୧୨ ହଜାର, ମେଟା ୫ ହଜାର ଭିସା ନେଇଛି

### ଭିସାର ଅପବ୍ୟବହାର ହେଉଛି କହିଲା ଆମେରିକା

ରିପୋର୍ଟ ଅନୁଯାୟୀ ଆମେରିକାରେ ପ୍ରାୟ ୩୦ ଲକ୍ଷ ଭାରତୀୟ-ଆମେରିକୀୟ ରହୁଛନ୍ତି। ୨୦୨୩ରେ ଏଚ-୧ବି ଭିସା ନେଇଥିବା ଲୋକଙ୍କ ମଧ୍ୟରେ ଲକ୍ଷେ ୯୧ ହଜାର ଭାରତୀୟ ଥିଲେ। ଏହା ୨୦୨୪ରେ ୨ ଲକ୍ଷ ୭ ହଜାରରେ ପହଞ୍ଚି ଯାଇଥିଲା। ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଏହି ଭିସା ଯୋଗୁଁ ପ୍ରବାସୀ ଭାରତୀୟ ଆମେରିକାର ସର୍ବାଧିକ ଆୟକାରୀଙ୍କ ମଧ୍ୟରେ ସାମିଲ ଅଛନ୍ତି। ଏହି ଭିସା ସହାୟତାରେ ଭାରତୀୟ କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଆମେରିକା ପଠାଇଥାଆନ୍ତି। ଇନ୍‌ଫୋସିସ, ଟିସିଏସ ଏବଂ ୱିପ୍ରୋ ଭଳି ଭାରତୀୟ ଆଇଟି କମ୍ପାନୀଗୁଡିକ ଏଚ-୧ବି ଭିସା ବ୍ୟବହାରକରି ଜୁନିୟର ଏବଂ ମିଡ-ଲେଭୁଲ ଇଞ୍ଜିନିୟରଙ୍କୁ ଆମରିକା ପଠାଇ ଥାଆନ୍ତି। ଆମାଜନ ଏବଂ ମାଇକ୍ରୋସଫ୍ଟ ଭଳି ଆମେରିକା କମ୍ପାନୀଗୁଡିକ ମଧ୍ୟ ଭାରତର ଯୁବ ପ୍ରତିଭାଙ୍କୁ ଆମେରିକା ନେଇଥାନ୍ତି। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାରେ ଆମାଜନ ଏବଂ ଏହାର ଶାଖା ଏଡବ୍ଲ୍ୟୁଏସ ୧୨ ହଜାର, ମାଇକ୍ରୋସଫ୍ଟ ଏବଂ ମେଟା ପ୍ଲାଟଫର୍ମକୁ ୫ ହଜାର ଏଚ୍-୧ବି ଭିସା ପାଇଁ ଅନୁମତି ମିଳିଥିଲା। କିନ୍ତୁ ଏବେ କର୍ମଚାରୀଙ୍କୁ ଆମେରିକା ପଠାଇବା ଲାଭଜନକ ହେବ ନାହିଁ। ଏହା ସହିତ ବୃତ୍ତିଗତ ଭାରତୀୟଙ୍କୁ ମଧ୍ୟ କମ୍ ସୁଯୋଗ ମିଳିବ।



ଆମେରିକ ବାଣିଜ୍ୟ ସଚିବ ହାଭର୍ଡ ଲୁଟନିକଙ୍କ ଅନୁଯାୟୀ ଏବେ ଏଚ-୧ବି ଭିସାରେ ପ୍ରଶିକ୍ଷାର୍ଥୀଙ୍କୁ ରଖିପାରିବେ ନାହିଁ। ଆର୍ଥିକ ଭାବେ ଏହା ଆଉ ସମ୍ଭବ ହେବନାହିଁ। ଯଦି ପ୍ରଶିକ୍ଷଣ ଦେବାକୁ ଅନ୍ୟ ଦେଶର କର୍ମଚାରୀଙ୍କୁ ଆଣୁଛନ୍ତି ତେବେ ଆମେରିକୀୟଙ୍କୁ ପ୍ରଶିକ୍ଷଣ ଦିଅନ୍ତୁ। ହ୍ୱାଇଟ ହାଉସର ଷ୍ଟାଫ ସେକ୍ରେଟାରୀ ୱିଲ ସାର୍ଫ କହିଛନ୍ତି ଯେ ଏଚ୍-୧ବି ଭିସାର ସର୍ବାଧିକ ଅପବ୍ୟବହାର ହୋଇଛି। ଅତ୍ୟନ୍ତ ଦକ୍ଷ କର୍ମଚାରୀଙ୍କୁ ଆମେରିକା ଆସିବା ପାଇଁ ଅନୁମତି ଦେବା ଏହାର ଉଦ୍ଦେଶ୍ୟ ଥିଲା।

# ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀ ମୃତ




ଜଳେଶ୍ୱର, ୨୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ନେତୁଆ ପଞ୍ଚାୟତ କପାସୁଦା ଗାଁରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗୋବିନ୍ଦ ଜେନାଙ୍କ ପୁଅ ରବୀନ୍ଦ୍ର ଜେନା (୪୦) ଓ ଭଗବାନ ଜେନାଙ୍କ ପୁଅ ଜଗନ୍ନାଥ ଜେନା (୪୫)। ଆଜି ସକାଳେ ଦୁହେଁ ଚାଷ କାମ ପାଇଁ ଜମିକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ବିଲରେ ଛିଡ଼ି ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମର ସୁଦର୍ଶନ ମହାନ୍ତି ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅଘଟଣ ପାଇଁ ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ନାମ୍ପୋ ପୁଲିସ୍ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଏହି ଅଘଟଣ ଯୋଗୁଁ ରବୀନ୍ଦ୍ରଙ୍କ ୩ ପୁଅ ଓ ସ୍ତ୍ରୀ ଏବଂ ଜଗନ୍ନାଥଙ୍କ ୨ ପୁଅ ଓ ସ୍ତ୍ରୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଆଙ୍କୁଲା ନୂଆସାହି ଲଳିତ ସାହୁ ହତ୍ୟା ମାମଲା**

# ବାପା ସମେତ ଦୁଇ ପୁଅଙ୍କୁ ଆଜୀବନ ଜେଲ୍

ଅନୁଗୋଳ,୨୦।୯ (ସମିସ): ଅନୁଗୋଳ ସଦର ଥାନା ଆଙ୍କୁଲା ନୂଆସାହି ଗ୍ରାମର ଲଳିତ ସାହୁ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ହୃଷୀକେଶ ଆଚାର୍ଯ୍ୟ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପା ଓ ଦୁଇ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ବାପ-ପୁଅ ହେଲେ, ସେହି ଗ୍ରାମର ବିଜୟ ସାହୁ ଏବଂ ତାଙ୍କ ପୁଅ ଦୁଷ୍ମନ୍ତ ସାହୁ ଓ ପିଣ୍ଟୁ ସାହୁ। ଏଥିସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୮ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

୨୦୨୨ ମେ' ୨୩ରେ ଦୁଷ୍ମନ୍ତଙ୍କ ଦୋକାନକୁ ଲଳିତ ସିଗାରେଟ୍ ଆଣିବାକୁ ଯାଇଥିଲେ। କିନ୍ତୁ ଦୁଷ୍ମନ୍ତ ସିଗାରେଟ୍ ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ, ମାରପିଟ୍ ହୋଇଥିଲା। ସେଠାରୁ ଲଳିତ ଘରକୁ ଫେରିଯାଇଥିଲେ। ପରେ ଦୁଷ୍ମନ୍ତ, ତାଙ୍କ ଭାଇ ପିଣ୍ଟୁ ଏବଂ ବାପା ବିଜୟଙ୍କ ସମେତ ପରିବାରର କେତେଜଣ ମହିଳା ଠେଙ୍ଗାବାଡ଼ି ଓ ମରଣାସ୍ତ୍ର ଧରି ଲଳିତଙ୍କ ଘରେ ପହଞ୍ଚିଥିଲେ। ଲଳିତ ଘରେ ଏକୁଟିଆ ଥିବା ଦେଖି ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ମିଶି ଲଳିତଙ୍କୁ ଜାବୁଡ଼ି ଧରିବା ପରେ ପିଣ୍ଟୁ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଲଳିତ ରକ୍ତଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯିବା ପରେ ଦୁଷ୍ମନ୍ତ ଏବଂ ବିଜୟ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ପରେ ସମସ୍ତେ ସେଠାରୁ ପଳାଇଥିଲେ। ପରିବାରଲୋକେ ଘରେ ପହଞ୍ଚିବା ପରେ ଲଳିତଙ୍କୁ ଏପରି ଅବସ୍ଥାରେ ଦେଖି ତୁରନ୍ତ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଲଳିତଙ୍କ ଭାଇ ସଞ୍ଜୟ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ବିଜୟ, ଦୁଷ୍ମନ୍ତ ଓ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର୍ ତାପସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ତ୍ରିଶୁଳିଆରେ ନିର୍ମାଣ ହେବ ଦ୍ୱିତୀୟ ବ୍ରିଜ୍

ଭୁବନେଶ୍ୱର,୨୦।୯ (ସମିସ): କଟକ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍‌ର ନିର୍ମାଣ ହେବ। ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ମଧ୍ୟରେ ହେଉଥିବା ଭିଡ଼ କମାଇବା ଲାଗି ରାଜ୍ୟ ସରକାର ଏଭଳି ଯୋଜନା କରିଛନ୍ତି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇ ଅନୁମୋଦନ ହୋଇ ସାରିଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ତାରକା ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଲାଗି ଓବିସିସି ଟେଣ୍ଡର ପ୍ରକ୍ରିୟା ଜାରି ରଖିଛି। ଏଥିପାଇଁ ପ୍ରସ୍ତୁତ ଡିପିଆରକୁ ପ୍ରଶାସନିକ ଅନୁମୋଦନ ମିଳି ସାରିଛି । ଏହି ପ୍ରକଳ୍ପରେ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଆରମ୍ଭ ହେବ ଏବଂ ସରକାର ୩୬ ମାସରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ

**ବନ୍ଦ ଥିବା ୭୦ ମଦ ଦୋକାନକୁ ଖୋଲିବାକୁ ଅନୁମତି ■ ଆଉ ୪ ନୂଆ ଠିପି ଖୋଲା ମଦଦୋକାନ ଖୋଲିବାକୁ ପ୍ରସ୍ତାବ**

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ। ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ କୌଣସି ପ୍ରସ୍ତାବ ବିଚାରଧୀନ ନାହିଁ। ରାଜ୍ୟ ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ଦ ଥିବା ମଦ ଦୋକାନଗୁଡ଼ିକ ମଧ୍ୟରୁ ୭୦ଟି ମଦ ଦୋକାନ ପୁନଃ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ମନ୍ତ୍ରୀ ବିଧାନସଭାରେ ଏଭଳି ତଥ୍ୟ ପ୍ରଦାନ କରିବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବରୁ ମଦମୁକ୍ତ ରାଜ୍ୟ ଓ ମଦ ବନ୍ଦ କରିବାକୁ ବିଜେପି ବାରମ୍ବାର ଦାବି କରିଆସୁଥିଲା। ଏମିତିକି, ରାଜ୍ୟରେ ସରକାର ଗଠନ କଲେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବା ନେଇ ବିଜେପି ନିଜ ନିର୍ବାଚନୀ ଇସ୍ତାହାର (ସଂକଳ୍ପପତ୍ର)ରେ ଦର୍ଶାଇଥିଲା। ହେଲେ, ସରକାରକୁ ଆସିବା ପରେ ମଦ ବନ୍ଦ ଓ ମଦମୃତ୍ୟୁ ପ୍ରସଙ୍ଗରୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମୁହଁ ଫେରାଇ ନେଇଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ମଦମୁକ୍ତ ଓଡ଼ିଶା ଦୂରର କଥା, ବର୍ତ୍ତମାନ ରାଜ୍ୟ ସରକାର ମଦକୁ ପ୍ରୋତ୍ସାହନ କରୁଥିବା ଜଳଜଳ ଦେଖାଯାଉଛି। ରାଜ୍ୟରେ ଯେଉଁ ମଦ ଦୋକନଗୁଡ଼ିକ ବନ୍ଦ ରହିଥିଲା, ସେଥିମଧ୍ୟରୁ ୭୦ଟିକୁ ପୁନଃ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏଥିରେ ବାଲେଶ୍ୱରରେ ସର୍ବାଧିକ ୧୭ଟି ମଦ ଦୋକାନ ରହିଥିବା ବେଳେ ଜଗତସିଂହପୁରରେ ୧୦ଟି ନୟାଗଡ଼ରେ ୯ଟି, ନବରଙ୍ଗପୁରରେ ୮ଟି, କଟକରେ ୭ଟି, ରାଉରକେଲାରେ ୫ଟି, ବ୍ରହ୍ମପୁରରେ ୪ଟି, କନ୍ଧମାଳ ଓ କେନ୍ଦୁଝରରେ ୩ଟି ଲେଖାଏଁ, ବଲାଙ୍ଗିରରେ ୨ ଏବଂ ମାଲକାନଗିରି ଓ ସମ୍ବଲପୁରରେ ଗୋଟିଏ ଲେଖାଏଁ ରହିଛି। ଏହାବ୍ୟତୀତ, ସରକାରଙ୍କ ନିକଟରେ ୪ଟି ନୂଆ ଠିପିଖୋଲା ମଦ ଦୋକାନ ଏବଂ ୩ଟି ନୂଆ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ୩ଟି ପୁରୀରେ ହେବାକୁ ଥିବା ବେଳେ ଗୋଟିଏ ଭୁବନେଶ୍ୱର ପାଇଁ ପ୍ରସ୍ତାବ ରହିଛି। ଏହାସହ ମଦ କାରଖାନା ମଧ୍ୟରେ ଗୋଟିଏ କଟକ ଓ ଦୁଇଟି ଢେଙ୍କାନାଳରେ

**■ ଢେଙ୍କାନାଳ ଓ କଟକ ଜିଲ୍ଲାରେ ଖୋଲିବ ୩ ମଦ କାରଖାନା**

**■ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ସଂକଳ୍ପପତ୍ରରେ କହିଥିଲା ବିଜେପି**

କରିବାକୁ ବିଚାରଧୀନ ରହିଥିବା ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଧାନସଭାରେ ଉତ୍ତର ରଖିଛନ୍ତି।

ରାଜ୍ୟରେ ସରକାର ପରବର୍ତ୍ତନ ପରେ ପରେ ଚିକିଟି ମଦ ମୃତ୍ୟୁକୁ ନେଇ ତମ୍ବିତୋଫାନ ହୋଇଥିଲା। ଏହି ଘଟଣାରେ ୫ ଜଣଙ୍କର ପ୍ରାଣହାନି ହୋଇଥିବା ବେଳେ ନୂଆ ସରକାରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଗୋଟିଏପଟେ ପ୍ରତିଦିନ ବିଭିନ୍ନ ଅଞ୍ଚଳରେ ଅପମିଶ୍ରିତ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଅପରାଧିକ ମାମଲା ମଧ୍ୟ ବଢୁଛି। ଅନେକ ସମୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ମଦମୃତ୍ୟୁ ଭଳି ଘଟଣା ସାମନାକୁ ଆସୁଛି। ଯଦିଓ ସରକାର ଏଭଳି ଘଟଣା ରୋକିବା ଓ ନିଶା ସେବନଠାରୁ ରାଜ୍ୟବାସୀଙ୍କୁ ଦୂରରେ ରଖିବା ପାଇଁ ନିୟମିତ ଧରପଗଡ଼ କରୁଛନ୍ତି ବୋଲି କହୁଛନ୍ତି, ମାତ୍ର ପରୋକ୍ଷରେ ମଦ ଦୋକାନ ବଢ଼ାଇ ଏହାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି।

ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୨୧ ତାରିଖ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି "ନିଶାମୁକ୍ତ ଭାରତ'। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ଗଣଦୌଡ଼ ଆୟୋଜନ କରାଯାଉଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବହୁ ସଂଖ୍ୟାରେ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କିନ୍ତୁ ଅଜବ କଥା ହେଲା, ନିଶାମୁକ୍ତିର ବାର୍ତ୍ତା ଦେଇ ଗୋଟିଏପଟେ ସରକାର ଯୁବ ସମାଜକୁ ସୁଧାରିବା ପାଇଁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ବନ୍ଦ ଥିବା ମଦ ଦୋକାନକୁ ଖୋଲି ନିଶାକୁ ପ୍ରୋତ୍ସାହିତ କରୁଛନ୍ତି। ତେଣୁ, ସରକାରଙ୍କ ପ୍ରକୃତ ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦୋକାନ ସହ ଜଳିଗଲେ ଯୁବକ

**ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି**



କଣିହାଁ, ୨୦।୯ (ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅନ୍ତର୍ଗତ କରଡ଼ାଖମଣ ଗାଁରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପେଟ୍ରୋଲ ନିଆଁରେ ଦୋକାନ ସହ ଜଣେ ଯୁବକ ଜଳି ଯାଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ, ସେହି ଗ୍ରାମର ବନୋଜ କୁମାର ସାହୁ। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ବନୋଜଙ୍କ ଏକ ତେଜରାତି ଦୋକାନ ଅଛି। ଆଜି ସେ ଦୋକାନରେ ଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦୁର୍ଭାଗ୍ୟକୁ ଦୋକାନରେ ବିକ୍ରି ଉଦ୍ଦେଶ୍ୟରେ ଥିବା ପେଟ୍ରୋଲରେ ଲାଗିଯିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପିଯାଇଥିଲା। ଫଳରେ ଦୋକାନ ସହ ବନୋଜ ଜଳିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା, ଏଥିରେ କାହାର ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏନେଇ ତଦନ୍ତ ଆରମ୍ଭ କରିଛି।

**ଚୂଡ଼ାନ୍ତ ହେଲା କାର୍ତ୍ତିକ ନୀତି**

# ଏଥର ପଞ୍ଚୁକ ୪ ଦିନ; ହେବନି ବାଙ୍କଚୂଡ଼ା ବେଶ

ପୁରୀ, ୨୦।୯ (ସମିସ): ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଅକ୍ଟୋବର ୩ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳଧୂପ ନୀତି। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ

**ଭୋର୍ ୫ଟାରେ ମଙ୍ଗଳ ଆଳତି**

**ସକାଳ ସାଢ଼େ ୬ରେ ରାଧାଦାମୋଦର ବେଶ**

**ଅକ୍ଟୋବର ୨୭ରେ ହରିହର ବେଶ**

ଏକାଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ପଞ୍ଚୁକ ଚାଲିବ। ଚଳିତବର୍ଷ ପଞ୍ଚୁକ ୪ଦିନ ପଡ଼ିଛି। ଫଳରେ, ଏଥର ବାଙ୍କଚୂଡ଼ା ବା ବାମନ ବେଶ ଅନୁଷ୍ଠିତ ହେବ ନାହିଁ। ତେବେ, ଏହି ସ୍ୱତନ୍ତ୍ର ନୀତିକାନ୍ତି କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ଶନିବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ଏଥିରେ ନୀତି ସବ୍-କମିଟି ଦ୍ୱାରା ପ୍ରସ୍ତୁତ ନୀତିକାନ୍ତି ଉପରେ ବିସ୍ତୃତ ଭାବେ



ଆଲୋଚନା କରାଯାଇ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ହୋଇଛି। ଏତଦ୍‌ବ୍ୟତୀତ ଭକ୍ତ ଏବଂ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ବାଲଭୋଗ, ଠିକ୍ ସମୟରେ ମହାପ୍ରସାଦ ବାହାରିବା ଏବଂ ପଞ୍ଚୁକରେ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, କାର୍ତ୍ତିକ ମାସରେ ରାତି ୧୨ଟାରେ ପହୁଡ଼ ସମ୍ପନ୍ନ ହୋଇ ରାତି ୪ଟାରେ ଦ୍ୱାର ଫିଟାଯିବ। ସାଢ଼େ ୪ଟାରେ ଭିତରଶୋଧ କରାଯାଇ ଭୋର୍ ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ଧର୍ମମାସ କାର୍ତ୍ତିକର ମୁଖ୍ୟ ଆକର୍ଷଣ ରାଧାଦାମୋଦର ବେଶ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟାରେ ସମ୍ପନ୍ନ ହେବ। ସାଢ଼େ ୮ଟାରୁ ସାଢ଼େ ୯ଟା ସକାଳ ଧୂପ (କେବଳ କୋଠଭୋଗ) ପରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଲଧୂପ ବଢ଼ିବ। ସେହିପରି ପଞ୍ଚୁକକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ବେଳେ ଏହାର ତାରିଖ ନିର୍ଘଣ୍ଟ ହୋଇଛି। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ନଭେମ୍ବର ୨ରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ ସହ ହରି ଉତ୍‌ଥାପନ ନୀତି ରହିଛି। ହେଲେ, ଏଥର ପଞ୍ଚୁକର ଦ୍ୱିତୀୟ ବେଶ ଅର୍ଥାତ୍ ବାଙ୍କଚୁଡ଼ ବା ବାମନ ବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ। ଏବର୍ଷ ଏହି ବେଶ ହେବନାହିଁ। ନଭେମ୍ବର ୩ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚୁକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ଅକ୍ଟୋବର ୨୭ ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗ ନାୟକ, ମନ୍ଦିର କମାଣ୍ଡର, ପରିଚାଳନା କମିଟି ସେବାୟତ ପ୍ରତିନିଧି ଏବଂ ସମସ୍ତ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିର୍ମାଣ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ନୂଆ ଲୋକସେବା ଭବନ ନିର୍ମାଣ ହେବ ବୋଲି ବିଧାୟିକା ସୁଭାଷିନୀ ଜେନାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନୂଆ ଲୋକସେବା ଭବନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ଦାୟିତ୍ୱ ସେତୁ ଓ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି। ମାଷ୍ଟର ପ୍ଲାନ ଅନୁମୋଦନ ପରେ ଲୋକସେବା ଭବନରେ ପାଇଁ ବ୍ୟୟ ଅଟକଳ ହେବ। ବର୍ତ୍ତମାନର ଲୋକସେବା ଭବନ ୬୮ ବର୍ଷ ପୁରୁଣା ଅଟେ । ଏଠାରେ ଗୁରୁତର ପାର୍କିଂ ସମସ୍ୟା ରହୁଛି, ତେଣୁ ନୂଆ ଲୋକସେବା ଭବନ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ନିର୍ମାଣ ହେବ ୫୭ ନୂଆ ସେତୁ

ଭୁବନେଶ୍ୱର,୨୦।୯ (ସମିସ): ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୨୬୨୩.୯୦ କିଲୋମିଟର ନୂତନ ରାସ୍ତା, ୫୭ ଗୋଟି ସେତୁ, ୩ଟି ରେଲୱେ ଓଭର ବ୍ରିଜ(ଆରଓବି) ଏବଂ ୧୦୬ଟି ନୂତନ ସରକାରୀ କୋଠା ନିର୍ମାଣ ହେବ। ଏଥିପାଇଁ ମୋଟ ୯୫୦୦ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଅଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏତଦ୍ ବ୍ୟତୀତ ରାଜ୍ୟରେ ୧୫୦ କି.ମି. ନୂତନ ଜାତୀୟ ରାଜପଥ ନିର୍ମାଣ କରିବା ପାଇଁ ୧୩୨୯ କୋଟି ଟଙ୍କା (ନିର୍ମାଣ ଓ ଜମି ଅଧିଗ୍ରହଣ) ବିନିଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ବିଧାୟକ ପବିତ୍ର ସାଉନ୍ତାଙ୍କ ଅଣତାରକା ପ୍ରଶ୍ନର ଉତ୍ତର ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସମସ୍ତ ଛୋଟ ବଡ ପ୍ରକଳ୍ପ ଗୁଡିକର ସର୍ଭେ, ଅନୁମୋଦିତ ଡିଜାଇନ, ଏଷ୍ଟିମେଟ ଓ ଡିପିଆର ପ୍ରସ୍ତୁତି ପାଇଁ ଘରୋ କନସଲଟାନ୍ସି ସର୍ଭିସଙ୍କ ସହଯୋଗ ନିଆଯାଉଅଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ରାଜ୍ୟରେ ଉତ୍କଟ ସାର ସଙ୍କଟ**

# ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର, ୨୦।୯ (ସମିସ): ରାଜ୍ୟରେ ଉତ୍କଟ ସାର ଅଭାବ ଏବଂ କଳାବଜାରୀ ପ୍ରସଙ୍ଗରେ ଶନିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ରାଜ୍ୟରେ ଚାଷୀଙ୍କୁ ଯେପରି ସଠିକ୍ ପରିମାଣ ଏବଂ ମୂଲ୍ୟରେ ସାର ମିଳିପାରିବ, ସେନେଇ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରିବାକୁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଛି। ଏହାସହ ସାର କଳାବଜାରୀ ଓ ବେଆଇନ ନମହଜୁଦକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମାର୍କଫେଡ, ପାକ୍ସ ଓ ଲାମ୍ପ୍ସ ପରି ସରକାରୀ ସଂସ୍ଥା ଯେପରି ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବେ, ସେନେଇ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

ପ୍ରତିନିଧି ଦଳ କହିଛି ଯେ ରାଜ୍ୟର ଚାଷୀକୂଳ ସାର ମୁଠାଏ ପାଇବା ପାଇଁ ବିଭିନ୍ନ ସମବାୟ ସମିତି ଆଗରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି।



**ସ୍ମାରକ ପତ୍ର ପ୍ରଦାନ, ଚାଷୀଙ୍କୁ ସାର ଯୋଗାଣ ପାଇଁ ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଜ୍ୟପାଳ**

**କଳାବଜାରୀ, ବେଆଇନ ମହଜୁଦକାରୀଙ୍କ ବିରୋଧରେ ନିଆଯାଉ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ: ବିରୋଧୀ**

**ସରକାରଙ୍କ ଉଦାସନୀତା କାରଣରୁ ସୃଷ୍ଟି ହୋଇଛି ସମସ୍ୟା**

ମାତ୍ର ସେମାନଙ୍କୁ ସାର ମିଳୁନାହିଁ। ଯାହାଫଳରେ ସେମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇ ଏନେଇ ପ୍ରତିବାଦ ମଧ୍ୟ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାରର ଅଭାବ ସମ୍ପର୍କରେ କେନ୍ଦ୍ର ସାର, ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର ସାର ସଙ୍କଟ ଓ ଚାଷୀ ସମସ୍ୟାର ସମାଧାନ ଦିଗରେ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କଲେନାହିଁ। ରାଜ୍ୟର ଅର୍ଥନୀତିରେ କୃଷିର ପ୍ରମୁଖ ଭୂମିକା ରହିଛି। ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତ ଲୋକେ କୃଷିକରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଗତ ବିଜେଡି ସରକାରଙ୍କ ପଦକ୍ଷେପ ଏବଂ ଚାଷୀଙ୍କ କଠିନ ପରିଶ୍ରମ କାରଣରୁ ଓଡ଼ିଶା ଏବେ ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇପାରିଛି। ଏହି ଅଗ୍ରଗତି ଆଧୁନିକ କୃଷି ଜ୍ଞାନକୌଶଳ, ଜଳସେଚନ ଭିତ୍ତିଭୂମିରେ ବିକାଶ ସହ ସଠିକ ସମୟରେ ସଠିକ୍ ମୂଲ୍ୟରେ ସାର ଯୋଗାଣ ଯୋଗୁଁ ସମ୍ଭବ ହୋଇପାରିଛି। ମାତ୍ର ରାଜ୍ୟ ବିଜେପି ସରକାରଙ୍କ ଏକ୍ଷେତ୍ରରେ ଉଦାସୀନତା ଏବଂ ଯୋଜନାର ଅଭାବ କାରଣରୁ ରାଜ୍ୟ କୃଷି କ୍ଷେତ୍ର ଏହି ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି ବୋଲି ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଭୟଙ୍କର ସାର ସଙ୍କଟ କାରଣରୁ ଖରିଫ୍ ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୪୫ କେଜି ସାର ବ୍ୟାଗ୍ର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ତେଣୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଚାଷୀଙ୍କୁ ସଠିକ୍ ସମୟରେ ଏବଂ ସଠିକ୍ ମୂଲ୍ୟରେ ପର୍ଯ୍ୟାପ୍ତ ସାର ଯୋଗାଇଦେବାକୁ ବିଜେଡି ଦାବି କରିଛି। ସେହିପରି ସାର କଳାବଜାରୀ, ବଆଇନ ମହଜୁଦକାରୀ ଏବଂ ସାର ଦୁର୍ନୀତିର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରତିନିଧି ଦଳ ନିଜ ଦାବିପତ୍ରରେ ଉଲ୍ଲେଖ କରିଛି। ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତିକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ ସୁମାର ସାହୁ, ବଦ୍ରି ନାରାୟଣ ପାତ୍ର, ଡ. ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ମନୋହର ରାନ୍ଧାରୀଙ୍କ ସମେତ ଦଳର ପ୍ରାୟ ସମସ୍ତ ବିଧାୟକ ଉପସ୍ଥିତ ଥିଲେ।

**ଦିନରେ ପ୍ରବଳ ଗୁଳୁଗୁଳି**

# ଅପରାହ୍ଣରେ ଡରାଇଲା ବିଜୁଳି, ଘଡ଼ଘଡ଼ି

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ଶୁକ୍ରବାର ପ୍ରବଳ ବିଜୁଳି-ଘଡ଼ଘଡ଼ି ଅନୁଭୂତ ହୋଇଛି। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ର ଓ ଜଗତସିଂହପୁରରେ ବଜ୍ରପାତର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ଲୋକଙ୍କୁ ଡରାଇଛି। ଦିନ ତମାମ ଗରମ ଗୁଳୁଗୁଳିରେ ଲୋକ କଳବଲ ହୋଇଥିବା ବେଳେ ଅପରାହ୍ଣ ପରେ ପାଗରେ ପରବର୍ତ୍ତନ ଆସିବା ସହ ଏପରି ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ବିହାରଠାରୁ ଗୋଟିଏ ଟ୍ରଫ୍ ଲାଇନ ବିଦର୍ଭ ପର୍ଯ୍ୟନ୍ତ ଲମ୍ବିଥିଲା। ଏଥିପାଇଁ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିଲା। ଅନ୍ୟପଟେ ମୌସୁମୀ ଦୁର୍ବଳ ଯୋଗୁଁ ବର୍ତ୍ତମାନ ମେଘମୁକ୍ତ ଆକାଶ ରହୁଛି। ତେଣୁ ଆଜି ଦିନ ତମାମ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଛି। ଉତ୍ତପ୍ତ ବାୟୁଣ୍ଡଳ ସହିତ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସଂସ୍ପର୍ଶରେ ଆସିବା ହେତୁ ପ୍ରବଳ ବଜ୍ରପାତ ଯୋଗୁଁ ପାଗ ଅନୁକୂଳ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ଅନୁଭୂତ ହୋଇଥିବା ବେଳେ ଅନେକ ସ୍ଥାନରେ ଭଲ ବର୍ଷା ମଧ୍ୟ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ବାଲେଶ୍ୱରରେ ୧୭ ମିମି ବର୍ଷା ହୋଇଥିବା ବେଳେ ବାରିପଦା ୧୫, ନୟାଗଡ଼ ୧୫, ଦାରିଙ୍ଗବାଡ଼ି ପୁରୀ ୧୩ ଓ ଦାରିଙ୍ଗବାଡ଼ିରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।

ଅନ୍ୟପଟେ ଅପରାହ୍ଣ ପରେ ସାମାନ୍ୟ ବର୍ଷା ଯୋଗୁଁ ଗୁଳୁଗୁଳିରୁ କିଛିକାଂଶରେ ଆଶ୍ୱସ୍ତି ମିଳିଛି। ବର୍ଷା ଓ ବିଜୁଳି-ଘଡଘଡି ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଆଜିର ତାପମାତ୍ରା ୩୪.୫ ଡିଗ୍ରୀରୁ ଖସି ୨୮.୬ରେ ପହଞ୍ଚିବା ସହ ତାପମାତ୍ରାରେ ପାଖାପାଖି ୫.୯ ଡିଗ୍ରୀ ହ୍ରାସ ପାଇଛି। ଏହା ପ୍ରଭାବରେ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ଆଜି ଉପକୂଳ ଓଡ଼ିଶାରେ ଉଷ୍ମଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧ଟା ୩୦ ସମୟରେ ବିଭିନ୍ନ ସ୍ଥାନରେ ରେକର୍ଡ ତାପମାତ୍ରା ଏବଂ ଆର୍ଦ୍ରତା ପରିମାଣ ଅଧିକ ରହିବା ହେତୁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି। ଦିନ ୧୧ ଟା ୩୦ରେ ଗୋପାଳପୁର: ୩୫ ଡିଗ୍ରୀ ତାପମାତ୍ରା ସହ ୬୮ ପ୍ରତିଶତ ଆର୍ଦ୍ରତା ରହିଥିବା ବେଳେ ବାଲେଶ୍ୱରରେ ୩୪.୬ ଡିଗ୍ରୀ ତାପମାତ୍ରା ସହ ୬୯ ପ୍ରତିଶତ ଆର୍ଦ୍ରତା ରହିଥିଲା।

## ଅସ୍ମିତା ଖେଲୋ ଇଣ୍ଡିଆ

# ମହିଳା ଉଷୁରେ ଅନୁଗୋଳ ଜିଲ୍ଲା ଓଡ଼ିଶାରେ ୩ୟ



ଅନୁଗୋଳ,୨୦।୯ (ସମିସ): ସେପ୍ଟେମ୍ବର ୬ରୁ ୭ ମଧ୍ୟରେ ବାରିପଦା ଡିଗ୍ରୀ କଲେଜରେ ଆୟୋଜିତ ଅସ୍ମିତା ଖେଲୋ ଇଣ୍ଡିଆ ରାଜ୍ୟ ଲିଗ୍ ମହିଳା ଉଷୁ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାର ୯ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ସୂର୍ଯ୍ୟକାନ୍ତି ଶତପଥୀ ଓ ଅର୍ଚ୍ଚିତା ସାହୁ ସ୍ୱର୍ଣ୍ଣ, ଆଶା ବେହେରା, ପଲ୍ଲବୀ ନାଏକ, ପ୍ରିୟଙ୍କା ବେହେରା, ସ୍ମିତା ମନସ୍ୱିନୀ ରୌପ୍ୟ, ଯଶୋମନ୍ତି ସାହୁ, ବିଷ୍ଣୁପ୍ରିୟା ସାହୁ, ଇଶ୍ରାଇ ନିଶା କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀଙ୍କ ଏହି ସଫଳତା ଯୋଗୁଁ ଅନୁଗୋଳ ଜିଲ୍ଲା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିପାରିଛି। ଏହି ପ୍ରତିଯୋଗୀ ଆଗାମୀ ଦିନରେ ଜାତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗନେବେ। ଏହି କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିଲ୍ଲା ପୁଲିସ ଓ ରାଜ୍ୟ ଉଷୁ ସଂଘ ଅଧ୍ୟକ୍ଷ ଏସଏସ ହରିଚନ୍ଦନ, ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲା ଉଷୁ ସଂଘ ସଭାପତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦୀନେଶ ପ୍ରଧାନ ସାଧାରଣ ସମ୍ପାଦକ ସୁଶାନ୍ତ ନାଏକ, କୋଚ୍ ବିନୋଦ ନାଏକ, ଦୋଳଗୋବିନ୍ଦ ଦଳେଇ, ତପନ ସାମଲ, ଅରୁଣ କୁମାର ନାଏକ, ରାଜେଶ ମିଶ୍ର, ଚିତ୍ତରଞ୍ଜନ ମହାନ୍ତ, ଅମରଜିତ୍ ଗଡ଼ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସାତକୋଶିଆ କୋର୍ ଏରିଆରେ ରାତ୍ରି ଭ୍ରମଣ

# ବନ୍ୟଜନ୍ତୁଙ୍କ ଭିଡିଓ ଉତ୍ତୋଳନ ଅନୁମତି ଦେଉଛି କିଏ?

ଅନୁଗୋଳ,୨୦।୯ (ସମିସ)



ବନ୍ୟଜୀବ ସଂରକ୍ଷଣ ଆଇନ ଓ ଏନଟିସିଏ ଗାଇଡଲାଇନ୍ ଅନୁଯାୟୀ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ରାତ୍ରି ଭ୍ରମଣ ବା ନାଇଟ ସଫାରୀ କରିବା ନିଷେଧ। କିନ୍ତୁ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆ (ନିଷେଧାଞ୍ଚଳ)ରେ ଲୋକେ ରାତ୍ରି ଭ୍ରମଣ କରୁଥିବା ସୋସିଆଲ ମିଡିଆରୁ ଜଣାପଡ଼ିଛି। କେବଳ ରାତ୍ରି ଭ୍ରମଣ କରିନାହାନ୍ତି, ଏଥିସହ କଲରାପତରିଆ ବାଘର ଭିଡିଓ ଉତ୍ତୋଳନ କରି ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ସେୟାର ମଧ୍ୟ କରିଛନ୍ତି।

ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆ ଭିତରେ ଦିନରେ ପଶିବାକୁ ହେଲେ ମଧ୍ୟ ଓଡ଼ିଶା ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କ ଅନୁମତି ଦରକାର। କିନ୍ତୁ ଅନୁମାନ କରାଯାଉଛି ଯେ କିଛି ପର୍ଯ୍ୟଟକ ଚିଫ ୱାଇଲ୍ଡ ଲାଇଫ ୱାର୍ଡେନଙ୍କ ବିନା ଅନୁମତିରେ ରାତିରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆରେ ପଶି ବନ୍ୟପ୍ରାଣୀଙ୍କୁ ବିରକ୍ତ କରି ସେମାନଙ୍କ ଫଟୋ ଏବଂ ଭିଡିଓ ଉତ୍ତୋଳନ କରୁଛନ୍ତି। ଏଭଳି ଘଟଣା ନିଶ୍ଚିତ ବନ୍ୟପ୍ରାଣୀପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସାତକୋଶିଆ, ଅସନବାହାଳ ଅଞ୍ଚଳରେ ଏକ କଲରାପତରିଆ ବାଘ ରାତିରେ ବୁଲୁଥିବା ବେଳେ ତା' ଉପରକୁ ଲାଇଟ ପକାଇ ତା'ର ଭିଡିଓ ଉତ୍ତୋଳନ କରିବା ସହ ହ୍ୱାଟ୍ସଆପ୍ ଗ୍ରୁପରେ ସେୟାର କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଗ୍ରାମବାସୀ କିମ୍ବା ସାଧାରଣ ଲୋକଟିଏ ବିନା ଅନୁମତିରେ କୋର ଏରିଆରେ ପଶିପାରିବ ନାହିଁ ଅଥଚ କିଭଳି ଭାବେ ବାହାର ପର୍ଯ୍ୟଟକମାନେ ରାତିରେ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆରେ ପଶି ପାରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ପଛରେ କେଉଁ ବନ ଅଧିକାରୀଙ୍କ ହାତ ରହିଛି ଏବଂ କେଉଁ ସ୍ୱାର୍ଥରେ ରାତିରେ ଭିତରକୁ ପ୍ରବେଶ ଅନୁମତି ଦିଆଯାଉଛି, ଏଭଳି ସାଙ୍ଘାତିକ ବେଆଇନ କାର୍ଯ୍ୟକୁ ସାତକୋଶିଆ ବନଖଣ୍ଡର କେଉଁ ଅଧିକାରୀ ପ୍ରଶ୍ରୟ ଦେଉଛନ୍ତି ଏବଂ କେଉଁ ସ୍ୱାର୍ଥରେ ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହା ଉପରେ ତର୍ଜମା ହେବା ସହ ତଦନ୍ତ ଚରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ମତ ପ୍ରକାଶ ପାଇଛି।

- ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା
- କାର୍ଯ୍ୟାନୁଷ୍ଠାନ କେବେ?

ରାତିରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର ଏରିଆ ଭିତରେ ପଶି କଲରାପତରିଆ ବାଘଙ୍କ ଫଟୋ ଭିଡିଓ ଉତ୍ତୋଳନ କରିବା ଏବଂ କୋର ଏରିଆର ସ୍ଥାନର ନାମ ଲେଖି ସର୍ବସାଧାରଣ ହ୍ୱାଟ୍ସଆପ୍ ଗ୍ରୁପରେ ସେୟାର କରିବା ଘଟଣା କଲରାପତରିଆ ବାଘଙ୍କ ଜୀବନକୁ ବିପଦ ଆଡ଼କୁ ଟାଣି ନେଉଛି। କାରଣ ଫଟୋ ଭିଡିଓ ଶିକାରୀଙ୍କ ପାଖରେ ପହଞ୍ଚିବା କୌଣସି ବଡ଼କଥା ନୁହେଁ। ଗୋଟିଏ ପଟେ ଏନଟିସିଏ ଓ ସରକାର ସାତକୋଶିଆରେ ବାଘବଂଶ ବୃଦ୍ଧି କରିବାକୁ ଯୋଜନା କରୁଥିବାବେଳେ ଅନ୍ୟ ପଟେ ସାତକୋଶିଆ ବନ କର୍ମଚାରୀଙ୍କ ଏଭଳି ସ୍ୱାର୍ଥବାଦୀ, ବେପାରୁଆ କାର୍ଯ୍ୟ ଯୋଗୁଁ ସାତକୋଶିଆ ଆଜି ବାଘଶୂନ୍ୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦେଶରେ ବ୍ୟାଘ୍ର ସଂରକ୍ଷଣର ଉତ୍ତମ ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ କମିଟି ୨୦୨୫ ମେ ମାସରେ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ରାତ୍ରି ପର୍ଯ୍ୟଟନ ଉପରେ ସମ୍ପୂର୍ଣ୍ଣ ନିଷେଧ ପ୍ରସ୍ତାବ ଦେଇଛନ୍ତି। ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳର ଉଭୟ କୋର୍ ଏବଂ ବଫର ଜୋନ୍‌କୁ ନିରବ ଅଞ୍ଚଳ (ସାଇଲେନ୍ସ ଜୋନ୍) ଘୋଷଣା କରିବାକୁ ସୁପାରିସ କରିଛନ୍ତି। ଏହା ସତ୍ତ୍ୱେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର୍ ଏରିଆର ରାତ୍ରି ଭ୍ରମଣ ଏବଂ କଲରାପତରିଆ ବାଘର ଭିଡିଓ ସର୍ବସାଧାରଣ ହ୍ୱାଟ୍ସଆପ୍ ଗ୍ରୁପରେ ଭାଇରାଲ୍ ହେବା ସାତକୋଶିଆ ଟାଇଗର ରିଜର୍ଭର ପରିଚାଳନା ଓ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ରାଜ୍ୟ ପାଇଁ ସୁନାମ ଆଣୁଥିବା ବେଳେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଏପରି ଅବ୍ୟବସ୍ଥା ପାଇଁ ବନ୍ୟପ୍ରାଣୀପ୍ରେମୀ ଚିନ୍ତା ପ୍ରକଟ କରିବା ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ନୋ ପାର୍କିଂ ଜୋନ୍‌ରେ ଗାଡ଼ି ରଖି ଦଣ୍ଡ ଗଣିଲେ

ଅନୁଗୋଳ,୨୦।୯ (ସମିସ): ଅନୁଗୋଳ ସହର ଭିତରେ ମନଇଚ୍ଛା ଭାରୀଯାନ ପାର୍କିଂ ଦ୍ୱାରା ଦୁର୍ଘଟଣା ଘଟିବାରୁ ଜିଲ୍ଲାପାଳ ସହରରେ ସର୍ବସାଧାରଣ ରାସ୍ତାରେ ବେଆଇନ ଭାବେ ଗାଡ଼ି ପାର୍କିଂ କଲେ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ପରେ ପୌରପାଳିକା ଆକ୍ସନ ମୁଡ୍‌କୁ ଆସିଛି। ଶନିବାର ବିଭିନ୍ନ ଭାରୀଯାନ ମନଇଚ୍ଛା ପାର୍କିଂ କରିଥିବାରୁ ପୌର କର୍ତ୍ତୃପକ୍ଷ ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ଟ୍ରକ୍ ସହ ସ୍କୁଲ ବସ୍ ଆଦି ସର୍ବସାଧାରଣ ରାସ୍ତାରେ ମନଇଚ୍ଛା ପାର୍କିଂ କରିଥିବାରୁ ସେଗୁଡ଼ିକରୁ ମୋଟ ୨୦ ହଜାର ଟଙ୍କା ଫାଇନ କଟାଯାଇଛି। ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା।

## ■ ପୌରପରିଷଦ ପକ୍ଷରୁ ଖାଦ୍ୟମାନ ଯାଞ୍ଚ

## ୫୦ ହଜାର ଟଙ୍କା ଜରିମାନା ଆଦାୟ

ତାଳଚେର,୨୦।୯ (ସମିସ): ତାଳଚେର ପୌରପରିଷଦ ଓ ପୁଲିସ୍ ତାଳଚେର ସହର ମଧ୍ୟରେ ଥିବା ବିଭିନ୍ନ ଫାଷ୍ଟଫୁଡ୍, ଢାବା, ହୋଟେଲ ଓ ଦୋକାନରେ ଚଢ଼ଉ କରି ଖାଦ୍ୟ ମାନ ଯାଞ୍ଚ କରିଛନ୍ତି। ବିଭିନ୍ନ ଖାଦ୍ୟ ଦୋକାନରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଫଳରେ ଖାଦ୍ୟ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ନୂତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଏଠାରେ ମାତ୍ର ଦୁଇଦିନ ହେବ କାର୍ଯ୍ୟରେ ଯୋଗଦେବା ପରେ ଚଢ଼ଉ ହୋଇଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବିଭିନ୍ନ ସମୟରେ ଖାଦ୍ୟ ବ୍ୟବସାୟୀମାନେ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଖାଦ୍ୟରେ ରାସାୟନିକ ରଙ୍ଗ ମିଶାନ୍ତି। ଏଥିସହ ବାସି ତଥା ନିମ୍ନମାନର ଖାଦ୍ୟ ପରିବେଷଣ କରିଥାନ୍ତି। ଏହି ଖାଦ୍ୟଖାଇ ଲୋକେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନ ଥିବା ପରି ମନେ ହେଉଥିଲା। ତେବେ ଶନିବାର ସହରରେ ଜୋରଦାର ଚଢ଼ଉ କରାଯାଇଥିବାରୁ ଏହାକୁ ଲୋକେ ସ୍ୱାଗତ କରିଛନ୍ତି।

## ବଜରଙ୍ଗୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାଲଲହଡ଼ା,୨୦।୯ (ସମିସ): ପାଲଲହଡ଼ା ଉପଖଣ୍ଡ ପେଟାମୁଣ୍ଡି ପଞ୍ଚାୟତ ଶିମିଳିପାଳ ଗ୍ରାମ ବଜରଙ୍ଗୀ ଯୁବକ ସଂଘ ଆନୁକୂଲ୍ୟରେ ଷଷ୍ଠ ଅନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରତ୍ନାକର ରାଉତ, ବିଦ୍ୟାଧର ସାହୁ, ଯୁବକ ସଂଘ ସଭାପତି ଦୁଷ୍ମନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରେଫରୀ ଲକ୍ଷ୍ମଣ ଖିଲାର ଖେଳ ପରିଚାଳନା କରିଥିଲେ।

## ଓଏଭିର ପ୍ରତିଷ୍ଠା ଦିବସ ପାଳିତ

ତାଳଚେର,୨୦।୯ (ସମିସ): ତାଳଚେର ପୌରପରିଷଦ ୧ନମ୍ବର ୱାର୍ଡ ବୀରବରପଲ୍ଲୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅତିଥି ଭାବେ ବସନ୍ତ ନାୟକ ଯୋଗଦେଇ ବିଦ୍ୟାଳୟ ଅଧ୍ୟକ୍ଷ ଅମିତ ସାମନ୍ତରାୟ, କ୍ରୀଡ଼ା ଶିକ୍ଷକ ଶ୍ରୀକାନ୍ତ ବର୍ମାଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଶିକ୍ଷକ ଜୟରାମ ପଣ୍ଡା ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଅମରେନ୍ଦ୍ରୁ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାତ୍ରା ପାର୍ଟି ଆୟୋଜକଙ୍କ ପାଇଁ ଗାଁରେ ପଶିଲା ଅଶ୍ଳୀଳତା

ଅନୁଗୋଳ,୨୦।୯ (ସମିସ): ଅନୁଗୋଳ ଜିଲ୍ଲା ନାଲକୋ ନଗର ଏବଂ ବଁଅରପାଳ ଥାନା ଅଞ୍ଚଳର ୩ ଗ୍ରାମରେ ଚଳିତ ମାସ ଗାଁ ଯୁବଗୋଷ୍ଠୀଙ୍କ ଦ୍ୱାରା ଅପେରା ଆୟୋଜନ ହୋଇଥିଲା। ତେବେ ଆୟୋଜକଙ୍କ ଚାହିଦା ମୁତାବକ ଯାତ୍ରାପାର୍ଟି କର୍ତ୍ତୃପକ୍ଷ ଉଚ୍ଚ ମୂଲ୍ୟରେ ଅତିଥି କଳାକାର ଭାବେ ଆଇଟମ୍ ଡ୍ୟାନ୍ସର ଆଣିଥିଲେ। ଆଇଟମ୍ ଡ୍ୟାନ୍ସରମାନେ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ। ଯାତ୍ରାରେ ମେଲୋଡି କାର୍ଯ୍ୟକ୍ରମ ସମୟରେ ଓଡ଼ିଶାର ଜଣେ ବିବାଦୀୟ ଆଇଟମ୍ ଡ୍ୟାନ୍ସର ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ। କିଛି ଦର୍ଶକ ମୋବାଇଲରେ ଏହାର ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡ଼ିଦେଇଥିଲେ। ଏହି ଭିଡିଓ ଏବେ ଭାଇରାଲ ହେଉଛି। ଅଶ୍ଳୀଳ ନୃତ୍ୟ ପରିବେଷଣ ବେଳେ ନିଜ ପରିବାର ଲୋକଙ୍କ ସହ ଆସିଥିବା ମହିଳା ଲଜ୍ଜାରେ ମୁହଁ ତଳକୁ କରିଥିଲେ। ଏଥିପାଇଁ ପରଦିନ ମହିଳା ଓ ଶିଶୁଙ୍କୁ ଯାତ୍ରା ଦେଖିବାକୁ ବାରଣ କରାଯାଇଥିଲା। କେବଳ ପ୍ରାପ୍ତ ବୟସ୍କ ବ୍ୟକ୍ତି ଯାତ୍ରା ଦେଖିବେ ବୋଲି ଆୟୋଜକ କମିଟି ଘୋଷଣା କରିଥିଲେ। ସହରରେ ଯାତ୍ରା ପରିବେଷଣ ସମୟରେ ଆଇଟମ ଡ୍ୟାନ୍ସକୁ ବାରଣ କରାଯାଉଥିବା ବେଳେ ଗାଁ ଗହଳିରେ ଏଭଳି ଅଶ୍ଳୀଳ ନୃତ୍ୟ ପରିବେଷଣକୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ଗାଁ ଗହଳିରେ ଯଦି ଏଭଳି ଯାତ୍ରାପାର୍ଟିଗୁଡ଼ିକ ଅଶ୍ଳୀଳ ନୃତ୍ୟ ପରିବେଷଣ କରିବେ ଛୋଟ ପିଲା କି ପ୍ରକାର ଶିକ୍ଷାଲାଭ କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆୟୋଜକ କମିଟିର ଯୁବକମାନେ ପ୍ରଭାବଶାଳୀ ହୋଇଥିବାରୁ ଭୟରେ କେହି ଅଭିଯୋଗ କରୁନାହାନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଲୁଟ୍ ହୋଇଥିବା ଅଣ୍ଡା ସହ ପିକଅପ୍ ଭ୍ୟାନ୍ ଜବତ; ୨ ଗିରଫ

ଛେଣ୍ଡିପଦା,୨୦।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳରୁ ଅଭିନବ ଉପାୟରେ ଲୁଟ୍ ହୋଇଥିବା ଲକ୍ଷାଧିକ ଟଙ୍କାର ଅଣ୍ଡା ସହ ପିକ୍‌ଅପ୍ ଭ୍ୟାନ୍‌କୁ ପୁଲିସ ଦେବଗଡ଼ରୁ ଜବତ କରିବାରେ ସଫଳ ହୋଇଛି। ଏହି ଘଟଣାର ତଦନ୍ତ କରି ପୁଲିସ ଦୁଇ ଯୁବକଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦନଗର ଅଞ୍ଚଳର ଅଣ୍ଡା ବ୍ୟବସାୟୀ ଏସକେ ଇମ୍ରାନ ଏକ ଟାଟା ଏସିଇ ଗାଡ଼ିରେ ୧ ଲକ୍ଷ ୫୧ ହଜାର ଟଙ୍କାର ୧୨୦ ପେଟି ଅଣ୍ଡା ଲୋଡ୍ କରି ଅନୁଗୋଳ ପଠାଇଥିଲେ। ଟାଟା ଏସିଇ ଗାଡ଼ି ଅନୁଗୋଳ ଆସିବାପରେ ଅଣ୍ଡା ପାଇଁ ଯୋଗାଯୋଗ କରିଥିବା ବ୍ୟକ୍ତି ଜଣଙ୍କ ଛେଣ୍ଡିପଦା ଥାନା ଦେବଗଡ଼ ଛକ ନିକଟକୁ ଡାକିଥିଲେ। ସେଠାରେ ଟାଟା ଏସିଇରୁ ଏକ ପିକଅପ ଭ୍ୟାନକୁ ଅଣ୍ଡା ଲୋଡ୍ କରାଯାଇଥିଲା। ଲୋଡ୍ ପରେ ଟାଟା ଏସିଇ ଗାଡ଼ି ଚାଳକ ଟଙ୍କା ମାଗିବାରୁ ସେ ବ୍ଲକ ଛକରେ ଦେବାକୁ କହି ଫେରାର ହୋଇଯାଇଥିଲେ। ଟାଟା ଏସିଇ ଗାଡ଼ି ଚାଳକ ଦୀର୍ଘ ସମୟ ଅପେକ୍ଷା କରିବା ପରେ ସେମାନେ ନ ଆସିବାରୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଛାନଭିନ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି କୋଶଳା ଚନ୍ଦନ ନଗର ମା' ତାରିଣୀ ସିମେଣ୍ଟ ଟାଇଲ୍ସ ପରିସରରେ ଥିବା ପିକଅପ ଭ୍ୟାନକୁ ଜବତ କରିଥିଲା। ଏଥିସହ ଗାଁର ଜିନିଅସ ଓ କମଳଲୋଚନଙ୍କୁ ପଚରାଉଚରା କରିବା ପରେ ଉଭୟଙ୍କୁ ଗିରଫ କରିଛି। ସେମାନେ ଉକ୍ତ ଅଣ୍ଡାକୁ ଦେବଗଡ଼ରେ ବିକ୍ରି କରିଥିବା ପୁଲିସକୁ କହିଥିଲେ। ପୁଲିସ ବିଳମ୍ବିତ ରାତିରେ ଦେବଗଡ଼ରେ ଚଢ଼ଉ କରି ଲୁଟ୍ ହୋଇଥିବା ୧୨୦ ପେଟି ଅଣ୍ଡା ଜବତ କରିଛି। ଜିନିଅସ ଓ କମଳଲୋଚନଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ମାଷ୍ଟରମାଇଣ୍ଡ ଫେରାର ଥିବା ଥାନା ଏସଆଇ ରାଜେଶ ଶତପଥୀ କହିଛନ୍ତି।

## ୨୪ରେ ବିଶ୍ୱକର୍ମା ଭସାଣି ପାଇଁ ସମନ୍ୱୟ ବୈଠକ

# ବାଜିବନି ଡିଜେ, ଅଶ୍ଳୀଳ ନୃତ୍ୟକୁ ବି ନା

### ଅପରାହ୍ନ ୪ରୁ ରାତି ସାଢ଼େ ୯ ମଧ୍ୟରେ ହେବ ସମ୍ପନ୍ନ

### ଲଟେରୀ ଉଠାଣ; କ୍ରମାନ୍ୱୟରେ ଯିବେ ୬ଟି ମେଢ଼

ଅନୁଗୋଳ,୨୦।୯ (ସମିସ): ନାଲକୋ ନଗର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସପ୍ତାହବ୍ୟାପୀ ସମରୋହର ବିସର୍ଜନ ଉତ୍ସବ ଆସନ୍ତା ୨୪ ତାରିଖ ବୁଧବାର ଅନୁଷ୍ଠିତ ହେବ। ଶନିବାର ସମସ୍ତ ପୂଜାକମିଟି, ନାଲକୋ ପ୍ରଶାସନ, ୱେଲଫେୟାର କମିଟି, ନାଲକୋ ଥାନା ପୁଲିସ, ନାଲକୋ ସିଆଇଏସଏଫ, ନାଲକୋ ଘରୋଇ ସୁରକ୍ଷା କର୍ମୀ ପ୍ରମୁଖଙ୍କ ଉପସ୍ଥିତିରେ ଭସାଣି ଉତ୍ସବ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି।



ଭସାଣିକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ସରକାରଙ୍କ ମାର୍ଗଦର୍ଶିତା ପାଳନ କରିବାକୁ ସହମତି ପ୍ରକାଶ ପାଇଛି। ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେକୁ ବାରଣ କରାଯିବା ସହ ଭସାଣି ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ମଧ୍ୟ ନିଷେଧ କରାଯାଇଛି। ଭସାଣି ଶୋଭାଯାତ୍ରା ନାଲକୋ ନଗର କୋଅପରେଟିଭ ଛକରୁ ଆରମ୍ଭ ହୋଇ ନୂତନ ଗୁଣ୍ଡିଚା ମନ୍ଦିର ପାଡ଼ିଆ ଶେଷ ଯାଏଁ ଯିବ। ସେଠାରୁ କୃତ୍ରିମ ଜଳାଶୟରେ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯିବ। ଭସାଣି ଶୋଭାଯାତ୍ରାରେ ୬ଟି ମେଢ଼ ଅଂଶଗ୍ରହଣ କରିବେ। ମେଢ଼ଗୁଡ଼ିକ ଶୋଭାଯାତ୍ରାରେ କ୍ରମାନ୍ୱୟରେ ଯିବାକୁ ଲଟେରୀ ମାଧ୍ୟମରେ ସ୍ଥିରୀକୃତ ହୋଇଛି। ୧-କାଷ୍ଟ ହାଉସ (ଏ), ୨-ରଡିଙ୍ଗ ସପ-(୨), ୩-କାଷ୍ଟ ହାଉସ-(ବି), ୪-ବେକ ଓଭନ, ୫-ରଡିଙ୍ଗ ସପ-(୧), ୬-ପଟଲାଇନ୍ସ ପ୍ରଭୃତି ମେଢ଼ ଭସାଣି ଉତ୍ସବରେ ସାମିଲ ହେଉଛନ୍ତି। ଏହି ବୈଠକରେ ନାଲକୋ ଏଜିଏମ ଲଲାଟେନ୍ଦୁ ମହାପାତ୍ର, ନାଲକୋ କର୍ମଚାରୀ କମନ ୱେଲଫେୟାର କମିଟି ମୁଖ୍ୟ କିଶୋର କୁମାର ବେହେରା, ନାଲକୋ ଥାନା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।





## ପୂଜା ବୁଲିଲେ ଜିଲ୍ଲାପାଳ ଓ ଏସ୍‌ପି

ନାଲକୋ ନଗର ବିଶ୍ୱକର୍ମା ପୂଜା ମେଢ଼ ବୁଲି ଦେଖିଛନ୍ତି ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର ଏବଂ ଏସପି ରାହୁଲ ଜୈନ। ପୂଜାର ତୃତୀୟ ସନ୍ଧ୍ୟାରେ ଅଧିକାରୀ ଦ୍ୱୟ ପୂଜାବଜାରର ମୁଖ୍ୟ କଣ୍ଟ୍ରୋଲରୁମ୍ ତାରିଣୀ ମନ୍ଦିର ଛକରେ ପହଞ୍ଚିଥିଲେ। ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବା ସହ ରାସ୍ତା କଡ଼ରେ ବସିଥିବା ଛୋଟ ବ୍ୟବସାୟୀଙ୍କ ବେପାର କେମିତି ହେଉଛି ପଚାରି ବୁଝିଥିଲେ। ଏଠି ବସିବା ପାଇଁ କେହି କୌଣସି ଅର୍ଥ ଦାବିକରି ଜୁଲମ କରୁଛନ୍ତି କି ବୋଲି ପଚାରି ବୁଝିଥିଲେ। ତାରିଣୀ ଛକରୁ ଚାଲି ଚାଲି ପ୍ରାୟ ୧କିମି ଦୂର ପଲ୍ଲୀଶ୍ରୀ ମେଳାକୁ ଯାଇ ସେଠି ମଧ୍ୟ ବ୍ୟବସାୟୀଙ୍କ ସହ କଥା ହୋଇଥିଲେ। ଓରମାସ କଣ୍ଟ୍ରୋଲରୁମରେ ପହଞ୍ଚି ଓରମାସ ଅଧିକାରୀ ବିମନ ମଲ, ଶିବାଶିଷ ମିଶ୍ରଙ୍କ ସହ ମେଳା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କ ମେଳା ପରିଦର୍ଶନ ବେଳେ ଡିଏସପି ସମୀର ପଣ୍ଡା, ନାଲକୋ ଥାନା ଆଇଆଇସି ଶ୍ୟାମଲାଲ ଓରାମ, ଏସ୍‌ଆଇ ଗଙ୍ଗାଧର ବେହେରା, ସାଇବର ଇନ୍ସପେକ୍ଟର ଖଗେଶ୍ୱର ସେଠୀ ଉପସ୍ଥିତ ଥିଲେ।

## ବିପଦପୂର୍ଣ୍ଣ ଦୋଳିକୁ ମିଳିଲାନି ଅନୁମତି

ନାଲକୋ ବିଶ୍ୱକର୍ମା ପୂଜା ମେଳାରେ ବିପଦପୂର୍ଣ୍ଣ ଦୋଳିକୁ ମିଳିଲାନି ଅନୁମତି। ପୂର୍ବବର୍ଷ ଭଳି ନାଲକୋ ନଗର ବିଶ୍ୱକର୍ମା ପୂଜା ମେଳାକୁ ନାନା ପ୍ରକାରର ଦୋଳି ନେଇ ବ୍ୟବସାୟୀମାନେ ପହଞ୍ଚିଥିଲେ। ଦୋଳି ପକାଇବାକୁ ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ ଟଙ୍କା ପୈଠ କରି ଦୋଳି ନିର୍ମାଣ ସରିଥିଲା। ରାମଦୋଳି, ଅନ୍ଧାର କୂପ ମଧ୍ୟରେ ଗାଡ଼ିଚାଳନା ଦୋଳି ଚଳାଇବାକୁ ସ୍ଥାନୀୟ ପୁଲିସ ପ୍ରଶାସନ ମେଳାର ତୃତୀୟ ଦିନ ପର୍ଯ୍ୟନ୍ତ ଅନୁମତି ଦେଇ ନ ଥିଲା।


## ମେଳାରେ ପୁଲିସ ଚିତ୍ରରେ ସେଲଫି ପଏଣ୍ଟ

ମେଳାରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପୂଜା ପେଣ୍ଡାଲ ନିକଟରେ ଅବା ବ୍ୟବସାୟିକ ପ୍ରତିଷ୍ଠାନରେ ସେଲଫି ପଏଣ୍ଟ ପ୍ରଦର୍ଶିତ ହୋଇଛି। କିଛି ସ୍ଥାନରେ ଶୁଳ୍କ ଦେଇ ମଧ୍ୟ ସେଲ୍ଫି ପଏଣ୍ଟରେ ପିଲାଠୁ ବୁଢ଼ା ଯାଏ ଫଟୋ, ଭିଡିଓ ଉଠାଇ ରିଲ୍ସ କରୁଛନ୍ତି। ସୋସିଆଲ ମିଡିଆରେ ଛାଡ଼ି ଭାଇରଲ କରୁଛନ୍ତି। ଚଳିତ ବର୍ଷ ପୁଲିସ ପକ୍ଷରୁ ମଧ୍ୟ ମେଳାରେ ଦର୍ଶକଙ୍କ ପାଇଁ ସେଲ୍ଫି ପଏଣ୍ଟ କରାଯାଇଛି। ଖାକି ପୋଷାକର ସେଲ୍ଫି ପଏଣ୍ଟ ତାରିଣୀ ମନ୍ଦିର ଛକ ପୁଲିସ କଣ୍ଟ୍ରୋଲ ରୁମ ସମ୍ମୁଖରେ କରାଯାଇଛି। ଯୁବଗୋଷ୍ଠୀ, ଛୋଟ ପିଲାମାନେ ନିଜକୁ ଜଣେ ପୁଲିସ ଅଧିକାରୀ ଚିତ୍ରରେ ଫଟୋ ଉଠାଇ ମଜା ନେଉଛନ୍ତି। ସାଧାରଣ ଲୋକଙ୍କ ସହ ସମ୍ପର୍କ ବୃଦ୍ଧି କରିବା ପାଇଁ ପୁଲିସ ଏପରି ଅଭିନବ ପ୍ରୟାସ କରିଥିବା କୁହାଯାଇଛି।

## ଫାଷ୍ଟଫୁଡ୍, ନନ୍‌ଭେଜ ସହ ଟଙ୍କତୋରାଣି

ନାଲକୋ ନଗର ବିଶ୍ୱକର୍ମା ପୂଜା ସମରୋହରେ ଦର୍ଶକମାନେ ନାନା କିସମର ଖାଦ୍ୟର ସ୍ୱାଦ ନେଉଛନ୍ତି। ମେଳାର ମିନାବଜାର, କୋଅପରେଟିଭ ମାର୍କେଟ, ଦୋଳି ପଡ଼ିଆ, ପଲ୍ଲୀଶ୍ରୀ ପଡ଼ିଆରେ ପୃଥକ ଭାବେ ଫୁଡ୍ ବଜାର ଖୋଲିଛି। ବିଭିନ୍ନ ରାଜ୍ୟର ଲୋକପ୍ରିୟ ଚଟପଟି ଖାଦ୍ୟ, ପାରମ୍ପରିକ ଓଡ଼ିଆ ଖାଦ୍ୟ ସମେତ ସଂସ୍କୃତି ସହ ଜଡ଼ିତ ଟଙ୍କତୋରାଣି ମଧ୍ୟ ମେଳାରେ ମିଳୁଛି।

## ନିରୁଦ୍ଦିଷ୍ଟ



ବଁଅରପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚ୍ଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଁଅରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

## ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ: ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ), ଅଶୋକ ସାମଲ, ସାରଦା ପୃଷ୍ଟି, ମନ୍ମଥ ସାମଲ

● ସର୍ବଭାରତୀୟ ଜୁନିଅର କିକ୍ ବକ୍ସିଂ ପ୍ରତିଯୋଗିତା

## ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ୫ ଖେଳାଳି ଭାଗନେବେ



ଢେଙ୍କାନାଳ,୨୦।୯(ସମିସ): ହିମାଚଳ ପ୍ରଦେଶର ସୋଲାନଠାରେ ଭାରତୀୟ ଜୁନିଅର କିକ୍ ବକ୍ସିଂ ପ୍ରତିଯୋଗିତା ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ବାଳକ ବିଭାଗରେ ୨ଜଣ ଓମ ପ୍ରସାଦ ଭଞ୍ଜ, ଶୁଭଙ୍କର ନାୟକ ଏବଂ ବାଳିକା ବିଭାଗରେ ୩ ଜଣ ରୋଜାଲିନ ସ୍ୱାଇଁ, ଗାୟତ୍ରୀ ପଟ୍ଟନାୟକ, ମମତା ଭୋଇ ମନୋନୀତ ହୋଇଛନ୍ତି। ଏହି ଖେଳାଳିମାନେ ଅନୁଗୋଳଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଏହି ଯୋଗ୍ୟତା ହାସଲ କରିଛନ୍ତି। ଖେଳାଳିମାନେ ଶନିବାର ହିମାଚଳପ୍ରଦେଶ ଅଭିମୁଖେ ଯାତ୍ରା କରିଛନ୍ତି। ଟିମ୍ ସହ କୋଚ୍ ମିହିର କୁମାର ସାହୁ ମଧ୍ୟ ଯାଇଛନ୍ତି। ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ, କୋଚ ଏବଂ ବରିଷ୍ଠ ଖେଳାଳିମାନେ ସେମାନଙ୍କୁ ଶୁଭକାମନା ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଖେଳାଳିମାନଙ୍କ ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ କ୍ରୀଡ଼ା ବିଭାଗ ବହନ କରିଛି।

**ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ**

# ୭ ଦିନରେ ସର୍ଭିସ୍ ରୋଡ୍ ମରାମତି କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ,୨୦।୯(ସମିସ)

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଗଜଲକ୍ଷ୍ମୀ ପୂଜାକୁ ଦୃଷ୍ଟିରେ ରଖି କଲେଜ ବାଇପାସ ଓ କୋରିଆଁ ବାଇପାସ ଓଭର ବ୍ରିଜ ସଂଲଗ୍ନ ସର୍ଭିସ ରୋଡକୁ ୭ ଦିନ ମଧ୍ୟରେ ମରାମତି ନିଶ୍ଚିତ କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଇପାସ ରାସ୍ତାକୁ ଯଥାଶୀଘ୍ର ଆଲୋକୀକରଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସର୍ଭିସ ରୋଡକୁ ୭.୫ ମିଟର ଚଉଡ଼ା କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି। ଗଣେଶ ବଜାରରୁ ବାଜିଚୌକ ପର୍ଯ୍ୟନ୍ତ ସକାଳ ୯ରୁ ରାତି ୯ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଗତ ଜୁଲାଇ ମାସରେ ୨୭ଟି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଅଗଷ୍ଟରେ ୩୮ ଦୁର୍ଘଟଣା ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପ୍ରବଣ ଛକଗୁଡ଼ିକରେ ଗାଡ଼ି ଚଳାଚଳ ନିୟନ୍ତ୍ରିତ କରିବାକୁ କଂକ୍ରିଟ ବ୍ଲକମାନ ରଖିବାକୁ ଏସ୍‌ପି ଅଭିନବ ସୋନକର କହିଥିଲେ। ରାଜପଥରେ ଥିବା ବେଆଇନ ଡିଭାଇଡର କଟିଂକୁ ୭ଦିନ ମଧ୍ୟରେ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ କଟିଂ କରୁଥିବା ବ୍ୟବସାୟ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଲକ୍ଷ୍ମୀପୂଜା ସମୟରେ ବାଇପାସରେ ଗାଡ଼ି ପାର୍କିଂ ବ୍ୟବସ୍ଥା, ଜାତୀୟ ରାଜପଥରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆମ୍ବୁଲାନ୍ସ ଓ କ୍ରେନ ମୁତୟନ ବ୍ୟବସ୍ଥା ନିଶ୍ଚିତ କରିବାକୁ କମିଟି ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ୫୫ନଂ ଜାତୀୟ ରାଜପଥର ବିଭିନ୍ନ ସଂଯୋଗୀକରଣ ରାସ୍ତା ଛକରେ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଦୁର୍ଘଟଣା ଘଟୁଛି। ଆଲୋକୀକରଣ ନିମନ୍ତେ ବିଭାଗୀୟ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିବା ବେଳେ କାର୍ଯ୍ୟ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ବୈଠକରେ ଆଇଏଏସ ପ୍ରୋବେସନର ଭାଗତ ସାମଲ କଲ୍ୟାଣ ରାଓ, ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଜୁଲାଇ, ଅଗଷ୍ଟରେ ଦୁର୍ଘଟଣାରେ ୨୯ ମୃତ**

## ପାଚିକା ସହାୟିକା ସଂଘର ବିକ୍ଷୋଭ ପ୍ରଦର୍ଶନ

ଢେଙ୍କାନାଳ,୨୦।୯(ସମିସ): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରୁ ପାଚିକା ସହାୟିକାମାନେ ଶୋଭାଯାତ୍ରା ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପାଚିକା ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ ମାସର ମଜୁରି ପ୍ରଦାନ, ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ବର୍ଷକୁ ୨ ଖଣ୍ଡ ଶାଢ଼ି ପ୍ରଦାନ, ୨୪ ମାସର ଏରିୟର ପ୍ରଦାନ, ଅବସର ପରେ ପେନସନ ବ୍ୟବସ୍ଥା କରିବା, ୪ର୍ଥ ଶ୍ରେଣୀ



ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁବିଧା ପାଚିକା ସହାୟିକାମାନଙ୍କୁ ଦେବା ଆଦି ଦାବି କରାଯାଇଛି। ସଭାପତି ରବି ରଥଙ୍କ ନେତୃତ୍ୱରେ ଏ ନେଇ ୧୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାରତୀ ଦାସ, ଶାନ୍ତିପ୍ରିୟା ସାହୁ, ସୁବାସିନୀ ସାହୁ, ପବିତ୍ର ରଣା, ସୁଷମା ଦାଶ, ରଶ୍ମିତା ଦେହୁରୀ ଓ ରାଜ୍ୟ କମିଟି ସଭ୍ୟ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ପରଜଙ୍ଗ,୨୦।୯(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ତଥା ମହାବିରୋଡ ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାମ ପଞ୍ଚାୟତ ହନୁମୁନ୍ତିଆ ସାହିର ଦିବାକର ସୂର୍ଯ୍ୟଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସୂର୍ଯ୍ୟ (୨୯)। ଶୁକ୍ରବାର ସକାଳେ ପୂର୍ଣ୍ଣଚନ୍ଦ୍ର ଘରୁ ବାହାରକୁ ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ସାହିଠାରୁ ଅଳ୍ପ ଦୂରରେ ଥିବା ତରାଟପାଳ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡିକାଲ ପଠାଇଛି।

## ଆଇଆଇଏମସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ଢେଙ୍କାନାଳ,୨୦।୯(ସମିସ): ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନର ଚତୁର୍ଥ ଦିବସରେ ସ୍ଥାନୀୟ ଶ୍ରୀଶ୍ରୀ ସିଦ୍ଧବଳରାମଜୀଉ ମନ୍ଦିର ନିକଟରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ, ବିଦ୍ୟାର୍ଥୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ପ୍ରତିଷ୍ଠାନ ପରିସରରୁ ବାହାରି ବଳରାମଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଇଥିଲେ। ପରେ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା।

## କଳାକାରଙ୍କ ବିୟୋଗରେ ଶୋକ



ପରଜଙ୍ଗ,୨୦।୯(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମର ବହୁ ପୁରାତନ ବାଞ୍ଛେଶ୍ୱର ନାଟ୍ୟ ପରିଷଦର ବରିଷ୍ଠ କଳାକାର ପରଜଙ୍ଗ ଗ୍ରାମର ଯୁଗଳ କିଶୋର ଦଳବେହେରାଙ୍କର ଶୁକ୍ରବାର ଅପରାହ୍ଣରେ ନିଜ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଖବର ପାଇ ନାଟ୍ୟ ପରିଷଦର କଳାକାରମାନେ ତାଙ୍କ ଘରକୁ ଯାଇ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ଆଖଡ଼ାଶାଳାରେ ନାଟ୍ୟ ପରିଷଦ ସଭାପତି ବିଦ୍ୟାଧର ସେଠୀ, ମ୍ୟାନେଜର ସର୍ବେଶ୍ୱର ଦଳବେହେରା ଓ ମୁଖ୍ୟ ସଞ୍ଚାଳକ ତଥା ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରାଙ୍କ ଆବାହକତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ନାଟ୍ୟ ନିର୍ଦ୍ଦେଶକ ଜିତୁ ସାରଙ୍କ ସମେତ କଳାକାର ଅଜୟ କୁମାର ବେହେରା, ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅଜୟ କୁମାର ସାମଲ, ଅବିନାଶ ବେହେରା, ନୃସିଂହ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ମହିଳାଙ୍କୁ ଉଦ୍ଧାର କଲା ପ୍ରଶାସନ

କାମାକ୍ଷାନଗର,୨୦।୯(ସମିସ): କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ପ୍ରଶାସନ ଶନିବାର ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମକୁ ପଠାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ



ନିକଟରେ କିଛିଦିନ ହେବ ମହିଳା ଜଣକ ରହୁଥିଲେ। ଶନିବାର ବିଡିଓ ପ୍ରଭୁକଲ୍ୟାଣ ଦାସ, ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ଉପସ୍ଥିତିରେ ତାଙ୍କୁ ଉଦ୍ଧାର କରି ଜିରିଡ଼ାମାଲିସ୍ଥିତ ବୃଦ୍ଧାଶ୍ରମକୁ ପଠାଯାଇଛି।

## ବଜ୍ରପାତରେ ମହିଳା ଗୁରୁତର

କମାକ୍ଷାନଗର,୨୦।୯(ସମିସ): କାମାକ୍ଷାନଗର ବ୍ଲକ ବାଙ୍କୁଆଳ ଗାଁରେ ଶନିବାର ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ସଞ୍ଜୁକ୍ତା ନାୟକ (୪୨)। ସଞ୍ଜୁକ୍ତା ଘରେ ଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି କମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।



## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭୁବନ,୨୦।୯(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଆୟୁଷୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୮୨ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ଅସ୍ଥିଶଲ୍ୟ ବିଭାଗରେ ୧୦୬, ଶ୍ରବଣ ବାଧିତ ୪୯, ଦୃଷ୍ଟିବାଧିତ ୩୭, ମାନସିକ ଅନଗ୍ରସର ୪୩, ଭେଷଜ ବିଭାଗରେ ୧୬ ଓ ଅନ୍ୟାନ୍ୟ ବିଭାଗରେ ୩୧ ଜଣ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ ବିଭାଗର ଡାକ୍ତର ସେମାନଙ୍କ ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ପାଇଁ ସୁପାରିସ କରିଥିଲେ। ଏଥିରେ ବ୍ଲକର ସମସ୍ତ କର୍ମଚାରୀ, ଏନସିସି ଶିକ୍ଷାର୍ଥୀ ଓ ଭୁବନ ଥାନା ପୁଲିସ ସହଯୋଗ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଶିବିରାର୍ଥୀଙ୍କ ବିଶ୍ରାମ ଓ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ପୂର୍ବରୁ ପ୍ରମାଣପତ୍ର ପାଇଥିବା ମାତ୍ରାଧିକ ଭିନ୍ନକ୍ଷମ ଥିବା କିଛି ବ୍ୟକ୍ତିଙ୍କ ଅକ୍ଷମତା ମାନ କମ ଥିବାରୁ ମାନବୃଦ୍ଧି ନିମନ୍ତେ ଆସି ବିଫଳ ଫେରିଯାଉଥିବା ଦେଖିବାକୁ ମିଳିଥିଲା। ଯୋଗ୍ୟତା ଭିତ୍ତିରେ ମାନବୃଦ୍ଧି କରାଯିବା ପାଇଁ ସାଧାରଣରେ ଦାବି ହୋଇଛି। ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଶିବିରକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସାହୁ ଶିବିର ପରିଚାଳନା କରିଥିଲେ।

**ପରିବା ମାର୍କେଟ ଏନ୍‌ଏସି ଅଫିସ ନିକଟକୁ ସ୍ଥାନାନ୍ତର**

# ନାହିଁ ସୁବିଧା, ରବିବାରଠୁ ବନ୍ଦହେବ ହାଟ

ଭୁବନ,୨୦।୯(ସମିସ)

ଭୁବନ ଏନ୍‌ଏସି ୧ ନମ୍ବର ୱାର୍ଡ ଡାକବଙ୍ଗଳା ସମ୍ମୁଖ ଏନ୍‌ଏସି ଅଫିସ ନିକଟକୁ ପରିବା ମାର୍କେଟ ସ୍ଥାନାନ୍ତର ହୋଇଛି। ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଓ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ତେବେ ସ୍ଥାନାନ୍ତରର ୫ ଦିନ ପରେ ରବିବାରଠାରୁ ହାଟ ବନ୍ଦ କରିବାକୁ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ଏଠାରେ କୌଣସି ସୁବିଧା ଉପଲବ୍ଧ ନ ଥିବାରୁ ବ୍ୟବସାୟୀମାନେ ଏପରି ନିଷ୍ପତ୍ତି ନେଇଛନ୍ତି।

୧୯୭୨ରେ ଭୁବନ ଏନ୍‌ଏସି ହେବା ଦିନଠାରୁ ପରିବା ମାର୍କେଟ ବାରମ୍ବାର ସ୍ଥାନାନ୍ତର ହୋଇଛି। ଡାକବଙ୍ଗଳା ଏରିଆରେ ଦୀର୍ଘଦିନ ହେଲା ଦୈନିକ ପରିବା ମାର୍କେଟ ବସୁଥିଲା। ତେବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନ ଉଚ୍ଚ ବିଦ୍ୟାଳୟ ସମେତ ଡାକବଙ୍ଗଳା, ତହସିଲଦାରଙ୍କ ବାସଭବନ ସମ୍ମୁଖରେ ପରିବା ହାଟ ବସୁଥିବାରୁ ଏହାକୁ ସ୍ଥାନାନ୍ତର ପାଇଁ ଦାବି ହୋଇଆସୁଥିଲା। ଏନ୍‌ଏସି ତରଫରୁ ରଗଡ଼ି ଛକରେ କୋଟି କୋଟି ଟଙ୍କା ବ୍ୟୟରେ ପରିବା ମାର୍କେଟ ପାଇଁ ପିଣ୍ଡି ନିର୍ମାଣ କରାଯାଇଥିଲା। ତେବେ ବାରମ୍ବାର ତାଗିଦ ପରେ ବ୍ୟବସାୟୀମାନେ ସେଠାକୁ ଯାଉ ନ ଥିଲେ। ଏନ୍‌ଏସି ଅଫିସ ସମ୍ମୁଖରେ ଥିବା ଉଠା ଜଳସେଚନ କାର୍ଯ୍ୟାଳୟ ଯାହାକି ଏକ ପରିତ୍ୟକ୍ତ ତଥା ଅବ୍ୟବହୃତ ସ୍ଥାନ ହୋଇ ପଡ଼ିରହିଥିଲା, ସେଠାରେ ତରବରିଆ ଭାବେ ମୋରମ ବିଛାଇ ବିଶ୍ୱକର୍ମା ପୂଜାଠାରୁ ପରିବା ମାର୍କେଟ ଶୁଭାରମ୍ଭ ହୋଇଛି। ହେଲେ କୌଣସି ଭିତ୍ତିଭୂମି କିମ୍ବା ସୁବିଧା ନ ଥାଇ ଏହି ସ୍ଥାନରେ ପରିବା ହାଟ କରାଯାଇଥିବାରୁ ଚାଷୀ, ବେପାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ପିଣ୍ଡି ନିର୍ମାଣ ସହ ଆଲୋକ ଏବଂ ପାଣି ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଜେନା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆବଶ୍ୟକ ବ୍ୟବସ୍ଥା ନ ହେଲା ଯାଏଁ ରବିବାରଠୁ ହାଟ ବନ୍ଦ ରହିବ ବୋଲି ଦୈନିକ ପରିବା ବଜାର କମିଟି ସମ୍ପାଦକ ଚକ୍ରଧର ପୃଷ୍ଟି ଚେତାବନୀ ଦେଇଛନ୍ତି।



## ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ


ଢେଙ୍କାନାଳ ସଦର,୨୦।୯(ସମିସ): ଢେଙ୍କାନାଳ ସହର ୫ ନମ୍ବର ୱାର୍ଡ ଅମଲାପଡ଼ା ନିବାସୀ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଯୁଗଳ କିଶୋର ଦାଶଙ୍କର ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ଅମଲାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୬ ଝିଅ, ଜ୍ୱାଇଁ, ନାତିନାତୁଣୀ, ପୁତୁରା ଝିଆରୀ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତଥା ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀନିବାସ ହୋତା, ବଡ଼ଜେନା ସାହିତ୍ୟ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ, ଡା. ଶାନ୍ତିଭୂଷଣ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି।



## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

କାମାକ୍ଷାନଗର,୨୦।୯(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଙ୍ଗୁରା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରକ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରଦୀପ ଦାସ (୪୦)। ଏନେଇ ପୁଲିସ ତଦନ୍ତ କରୁଛି।

# ଦୁଇଟି ମିନି ଗପ



ମୃଣାଳ



## ଭୀମସେନର ପ୍ରେମ

ଭୀମସେନ ଜୀବନରେ ପ୍ରେମ ଯେତେ ଥର ହୋଇଛି, ବ୍ରେକ୍-ଅପ୍ ହୋଇଛି ତା'ଠୁଁ ସତର ଥର ଅଧିକ । ଆପଣ କହିବେ, ଏହା କେମିତି ?

କିଛି ଝିଅଙ୍କୁ ସେ ମନେ ମନେ ପ୍ରେମ କରିଥିଲା; ତା'ପରେ ସେମାନଙ୍କ କାରବାର ଦେଖି ସେ ନିଜେ ନିଜେ ଓହରି ଆସିଛି ।

ତା'ପରେ ଭୀମସେନ ଭାବିଲା ଆରେଞ୍ଜ ମ୍ୟାରେଜ୍ କରିବ । ବାହା ହୋଇ ସାରିଲା ପରେ ପତ୍ନୀକୁ ମନ ଭରି ପ୍ରେମ କରିବ । କିନ୍ତୁ 'ହନିମୁନରେ ଯାଇଥିବା ପତ୍ନୀ ପ୍ରେମିକ ସାହାଯ୍ୟରେ ପତିଙ୍କୁ ହତ୍ୟା କଲା', 'ପତ୍ନୀ ପ୍ରେମିକ ସହିତ ମିଶି ପତିଙ୍କୁ ଖଣ୍ଡ ଖଣ୍ଡ କରି କାଟି ଡ୍ରମରେ ପୂରେଇ, ସିମେଣ୍ଟରେ ସିଲ୍ କରି ପ୍ରେମିକଙ୍କ ସହିତ ବୁଲି ଚାଲିଗଲା'- ଏଇ ଜାତୀୟ ଖବର ପଢ଼ି ଭୀମସେନ ଭୀଷଣ ଡରିଗଲା । ଜୀବନକୁ ଡର କାହାର ନାହିଁ କହୁନାହାନ୍ତି !

ଏବେ ଭୀମସେନ କରେ କ'ଣ ! ତା' ଛାତି ଭିତରେ ପ୍ରେମ ଲହଡ଼ି ଭାଙ୍ଗୁଛି । ବୁଦ୍ଧି ଦେଲା ତା'ର ଘଣି ସାଙ୍ଗ ହାବୁଲ ।

ଭୀମସେନ ଗୋଟେ ଝିଅ ନାଁରେ ଫେକ୍ ଆଇଡି ଖୋଲିଲା । ତା' କଳ୍ପନାରେ ପ୍ରେମିକାର ମୁଖଶ୍ରୀ, ଚେହେରା ଯେମିତି ହେବା କଥା - ସେମିତି ଭାବେ ସଜେଇଲା । ଆଉ ତାକୁଇ ପ୍ରେମ କରି ବସିଲା । ଗଭୀର ପ୍ରେମ ।

ଭୀମସେନ ଏବେ ଶାନ୍ତିରେ ଅଛି । ନା ବ୍ରେକ୍-ଅପ୍‌ର ଦୁଃଖ, ନା ଜୀବନର ଭୟ । ନା ପ୍ରେମିକାର ନଖରା, ନା ତା' ପଛରେ ଖର୍ଚ୍ଚ । ■



## ପ୍ରଶ୍ନ

- ଆଚ୍ଛା କହିଲୁ ଆମେ କ'ଣ ସ୍ୱାଧୀନ ?

ପ୍ରତି ବର୍ଷ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ସ୍ୱାଧୀନତା ଦିବସ ଆଉ ସାଧାରଣତନ୍ତ୍ର ଦିବସ ଦିନ ବସନ୍ତ ବାବୁ ରାସ୍ତାରେ ଯାହାକୁ ଦେଖନ୍ତି ତାକୁ ଏ ପ୍ରଶ୍ନ ପଚାରନ୍ତି । ସେମିତି ପ୍ରତ୍ୟେକ ପୂଜା ପରେ, ଜମାଣ ଭସାଣି ଶୋଭାଯାତ୍ରା ପରେ ସେ ଲୋକନାକୁ ଡାକି ଡାକି ପଚାରନ୍ତି, ଆଚ୍ଛା କହିଲ ଭସାଣିରେ ନାଚକୁଦ କ'ଣ ଦରକାର ? ଏତେ ହଲୋଳ, ଏତେ ଅପବ୍ୟୟ କ'ଣ ନିହାତି ଦରକାର ?

ବର୍ଷକୁ ବର୍ଷ ତାଙ୍କର ପ୍ରଶ୍ନ ବଢ଼ି ବଢ଼ି ଚାଲିଛି । ଆଚ୍ଛା କହିଲ, ଭୋଟ ପ୍ରଚାରରେ ଏତେ ଖର୍ଚ୍ଚ କରିବା କ'ଣ ଦରକାର ? ଲୋକମାନଙ୍କର ସେବା କରିବା ପାଇଁ ପରସ୍ପର ଭିତରେ ମାରପିଟ ଲାଗିବେ କାହିଁକି ? ସ୍କୁଲ କଲେଜ, କୋର୍ଟ କଚେରିରେ ଏତେ ଛୁଟି କାହିଁକି ହେବ? ଆଚ୍ଛା, ରାସ୍ତା ଘାଟରେ ଏତେ ଖାଲଖମା କାହିଁକି ହେବ, ପୋଲଗୁଡ଼ିକ ଏତେ ଶୀଘ୍ର କାହିଁକି ଭାଙ୍ଗିବ?

ସେ ବହୁବର୍ଷ ଧରି ଲୋକଙ୍କୁ ଏସବୁ ପ୍ରଶ୍ନ ପଚାରନ୍ତି । ତାଙ୍କ ଘର ଲୋକ କହନ୍ତି, ଅଧିକା ପାଠ ପଢ଼ି ତାଙ୍କ ମୁଣ୍ଡଟା ଖରାପ ହୋଇ ଯାଇଛି, ସେଇଥିପାଇଁ... ।

ସମସ୍ତେ ତାଙ୍କ କଥାରେ ହସନ୍ତି । ଆଉ କିଛି ଉତ୍ତର ନ ଦେଇ ନିଜ ବାଟରେ ଚାଲିଯାଆନ୍ତି ।

ସମସ୍ତେ ଏ ପ୍ରଶ୍ନଗୁଡ଼ିକ ନିଜକୁ ଏବଂ ହୁଏତ ପରସ୍ପରକୁ ପଚାରିବାକୁ ଚାହାନ୍ତି ।

ହୁଏତ ଏ ପ୍ରଶ୍ନଗୁଡ଼ିକରୁ କେତୋଟିର ଉତ୍ତର କାହାକୁ କାହାକୁ ଜଣା । କିନ୍ତୁ କେହି ସେ ଉତ୍ତର ସାଧାରଣରେ ଦେବାକୁ ଚାହାନ୍ତି ନାହିଁ । ■

ସଂଚାର ମାର୍ଗ, ଢେଙ୍କାନାଳ
ପିନ୍: ୭୫୯୦୦୧

# କେଉଁଠି ସେମାନେ



ମୌସୁମୀ ଦାସ୍

ଯେଉଁମାନେ କହିଥିଲେ
ପୁଣିଥରେ କଟାପାପୁଲି ସବୁକୁ ଯୋଡ଼ିଦେବାର କଥା
ଦୃପ୍ତ ସ୍ୱରରେ ...
ଯେଉଁମାନେ ଦାମ୍ଭିକ ପ୍ରତିଜ୍ଞାରେ କହିଥିଲେ
ଘରେଘରେ ଭରିଦେବେ ଅମାର
ନିଜ ପାଇଁ ଆସନ ମାଗିବାବେଳେ...
ଏବେ କେଉଁଠି ସେମାନେ...??

ଧାର୍-କରା ଧନ ଓ ଧାନରେ
ନୂଆ ଖାଇ, ହାତ ଆଞ୍ଚେଇ
ସନାତନମାନେ ଉଠିଗଲେଣି
ବାହାରେ ହର୍ଣ୍ଣ ମାରୁଥିବା ଟ୍ରକ୍‌ଡାଲାକୁ,

ହାଣ୍ଡି ଶୁଖି ଚଡ଼କି ଗଲାଣି ତାତି
ଚାଳଫୁଟି ଦିଶିଲାଣି ତାରାଙ୍କ ଆସର
ବିଲସାରା ବାଲୁଙ୍ଗାଙ୍କ ଉଗ୍ର ବାଲୁଙ୍ଗାମି
ବନ୍ଧପାଣି ଗୋଲାପୀ ଦଳରେ ଗୋଳିଆ ଛଳଛଳ ।

ଶୂନ୍ୟଆଖି ଦରାଣ୍ଡୁଛି ବାଟ
ଦାଦନ ଦେଶରୁ ଫେରାଇ ଆଣିବାର
ପ୍ରତିଶ୍ରୁତି ଦେଇଥିଲେ ଯେଉଁମାନେ
ତାତିଲା ଖରାବେଳର ବରଗଛ ତଳେ
କୋଉଠି ହଜିଗଲେ ସେମାନେ ?

ଦଦରା ଶରୀରଟେ ଏବେ ଓହ୍ଲେଇ ଆସୁଛି ପୁଣି
ସଞ୍ଜ ବୁଡ଼ିଯାଉଥିବା ଆକାଶର ନିଃସଙ୍ଗକୋଣରୁ,
ପବନରେ କୁଟାଖିଏ ଭଳି ଉଡୁଛି କାମିଜର
ବାହାହୀନ ହାତ,
ଗାଆଁ ମୁଣ୍ଡରେ ଅସହାୟ ବୁଢ଼ାବାପାର ଲୁହରେ
ଓଦା ସରସର ଆତୁର ଜୁଇଟିଏ ଜଳୁଛି
ଜୁଆନ ଦାଦନିଆ ପୁଅର,

ସାଉଁଟା ଛିଣ୍ଡା ପଲିଥିନ ଛାତ ତଳେ
ବିଞ୍ଚି ହେଇଯାଉଛି ଟୁକୁରା ଟୁକୁରା ହେଇ

ପାଣିକାଚ ମୁଠାକ
ବାଲୁତର ଭୋକିଲା କାନ୍ଦରେ ବି ତରଳୁନି
ଈଶ୍ୱରୀର ପଥର-ଅନ୍ତର,

ଯେଉଁମାନେ କହିଥିଲେ
ତୋଳି ଆଣିଦେବେ ଆକାଶରୁ ଜହ୍ନର ଗୀତ
ତାରାଙ୍କ ଆଲୋକିତ ଅଗଣା
ନିଜନିଜ ନିଅନ୍ ଆଲୁଅ ତଳେ ସେମାନେ
ଉତ୍ସବରେ ମସଗୁଲ ଏବେ ।

କହି ଜାଣନ୍ତି ବୋଲି ତ ସେମାନେ
ବାଜି ମାରିନିଅନ୍ତି କାଳକାଳ,
ମୋହରା ସାଜିପାରନ୍ତି ବୋଲି ହିଁ
ସନାତନମାନେ ହାରୁଥାଆନ୍ତି
ଥରକୁ ଥର ଚିରକାଳ । ■

ସୂଚନା ଓ ଲୋକସମ୍ପର୍କ ବିଭାଗ
ଲୋକସମ୍ପର୍କ ଭବନ
ଭୁବନେଶ୍ୱର-୧

# ନଈ



ନରେନ୍ଦ୍ର କୁମାର ଭୋଇ

ଏ ନଈ ଭସାଇ ନିଏ ନାହିଁ
ମୁଁ ଭାସିଯାଏ ନଈର ସୁଅରେ!

ନଈରେ ପହଁରୁଥିବା ମାଛ
ମୋର ଅବୟବ
ହାତ ଗୋଡ଼
ମୁଁ ହଲାଇ ପହଁରିଯାଏ ସାରା ନଈ ।

ଯୋଉଠି ଶୁଖିଲା ବାଲିକୁଦ
ମୋ ଜୀବନର ଦୁଃଖାଂଶ
ଜଳ ବିହୁନେ ଛଟପଟ
ଯୋଉଠି ଭଉଁରି ସେଇଠି ସୁଖାଂଶ
ମୁଁ ମତୁଆଲା ମାଛ ପରି
ଜଳକ୍ରୀଡ଼ା ରତ ।

ମୁଁ ଆରତ! ତ୍ରାଣକର ବୋଲି
ଘୋଷି ପାରେନା ପ୍ରାର୍ଥନା
ତୁମେ ମହାବାହୁ ବୋଲି
ପ୍ରସାରି ଦିଅନା ହାତ
ଯେ ଯା' ଜାଗାରେ ଥାଉଁ
ଯଥାପର ତଥା ପୂର୍ବ
ବେଳ ଉବୁଥାଉ ବୁଡୁଥାଉ
କାଳକାଳ ଅନବରତ ।



ମାଛର ଆଖିକୁ ବାଣ ଯୋଖି
କିଏ ହୁଏତ ଜିତିପାରେ ବାଜି
କି ସ୍ୱୟଂବର ନାଁରେ ନାରୀ
ମୁଁ କିନ୍ତୁ ମାଛର ଆଖି ନେଇ
ପହଁରିଯାଏ ସଂସାର ନଈ ।

ନଈର ଧାର ପରି
ସଂସାରର ଅନେକ ପକ୍ଷ
ମୁଁ ସେଠି ବିଜଡ଼ିତ ସଂସାରୀ
ଘରେ ବାହାରେ
ଅନେକ କଣ୍ଟା ଅନେକ ଜାଲ
ମୁଁ ଗିଳିଦେଲେ ଚରା
ତଣ୍ଟିରେ କଣ୍ଟା ଛଟପଟ
ଗିଳି ନପାରିଲେ ସଂସାର ଅସାର
ଦହଗଞ୍ଜ ସଂସାରୀ ବୈରାଗ୍ୟ
ଜଳରେ ଘର ମୋର
ମୋ ଭିତରେ ପ୍ରବହମାନ
ସରୁ ନଈର ଧାର ।

ଏ ନଈ ଭସାଇ ନିଏ ନାହିଁ ମୋତେ
ମୁଁ ନଈଟିଏ ହୋଇ ବହି ଯାଉଥାଏ
ମୋ ଭିତରେ ଧୀରେ ଧୀରେ । ■

ନୂର୍ପା, ବୌଦ୍ଧ -୭୬୨୦୧୬
ମୋ: ୮୮୯୫୨୫୪୫୯୨

# ରାଧାମୋହନଙ୍କ ଗାଥା କବିତାର ବୈଶିଷ୍ଟ୍ୟ

ସଂଗ୍ରାମ କେଶରୀ ପୃଷ୍ଟି



ଆଧୁନିକ କବିତାରେ ମୁକ୍ତ ଛନ୍ଦର ପ୍ରବର୍ତ୍ତନ ସାଙ୍ଗକୁ ଗାଥାର ସଫଳ ପ୍ରୟୋଗ ଧାରାରେ ପ୍ରାତଃ ସ୍ମରଣୀୟ ସାରସ୍ୱତ ସ୍ରଷ୍ଟା ହେଉଛନ୍ତି, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ । କାହାଣୀ ଶିଳ୍ପର ସମସ୍ତ ଆଙ୍ଗିକ ବିଭବ ତାଙ୍କ କାବ୍ୟକୃତିକୁ ଯେପରି ମନୋଜ୍ଞ କରିପାରିଛି, ତା'ଠୁ ଅଧିକ କରିପାରିଛି ଜୀବନ୍ତ । ପୁରାଣ, ଇତିହାସ, ଲୋକକଥା, କିମ୍ବଦନ୍ତୀ ଆଧାରରେ ଲିଖିତ ତାଙ୍କର ଗାଥା କବିତାଗୁଡ଼ିକ ବେଶ୍ ପ୍ରଭାବଶାଳୀ । କାବ୍ୟ ଜୀବନର ଆରମ୍ଭରୁ ପରିଣତ ବୟସ ପର୍ଯ୍ୟନ୍ତ ପ୍ରକାଶ ଭଙ୍ଗୀର ସ୍ୱଚ୍ଛତା ହେଉଛି ରାଧାମୋହନଙ୍କ ଗାଥା କବିତାର ଏକ ବୈଶିଷ୍ଟ୍ୟ । ଗାଥା କବିତାର ମୁଖ୍ୟ ଉତ୍ସ ହେଉଛି ଲୋକ କାହାଣୀ । ଗାଥା କବିତାରେ କବି ଗଡ଼ନାୟକଙ୍କ ସରଳ ପଦ ସଂଯୋଜନା, ବର୍ଣ୍ଣନାରେ ନାଟକୀୟତା, ନିରାଡ଼ମ୍ବର ଭାବର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ । ତାଙ୍କର ଗାଥା କବିତା ଛାନ୍ଦସିକତା ଓ ଗୀତିମୟତାରେ ସମୃଦ୍ଧ । ସେହିପରି ପରିମାଣ ଦୃଷ୍ଟିରୁ ଦେଖିବାକୁ ଗଲେ ତାଙ୍କର ଗାଥା କବିତା ଯେପରି ସଂଖ୍ୟାଧିକ, ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ସେପରି ରସୋତ୍ତୀର୍ଣ୍ଣ । ତାଙ୍କର ସମଗ୍ର ସୃଷ୍ଟି ମଧ୍ୟରେ ଗାଥା କବିତା ଶ୍ରେୟ ଓ ପ୍ରେୟ ଭାବରେ ପ୍ରଣିଧାନଯୋଗ୍ୟ । ସୁତରାଂ ଗାଥା କବିତା ହିଁ ରାଧାମୋହନ ଗଡ଼ନାୟକଙ୍କ ସର୍ବୋତ୍ତମ ପରିଚୟ ।

ରାଧାମୋହନଙ୍କ 'ସ୍ମରଣିକା', 'ଉତ୍କଳିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ' ପ୍ରଭୃତି କବିତା ସଂକଳନ ଗାଥା କବିତାର ଅପୂର୍ବ ନିଦର୍ଶନ । କୌଣସି ଗୋଟିଏ କିମ୍ବଦନ୍ତୀ ବା ଘଟଣାକୁ କେନ୍ଦ୍ର କରି ମାନବାନୁଭୂତିର ଆବେଗମୟ ଅଭିବ୍ୟକ୍ତି ତାଙ୍କ ଗାଥା କବିତାରେ ଦେଖିବାକୁ ମିଳିଥାଏ । କାହାଣୀ ସହିତ ଗାଥା କବିତାର ଆଙ୍ଗିକ ଓ ଆତ୍ମିକ ଭାବର ଅପୂର୍ବ ସମନ୍ୱୟ ହିଁ ଗାଥା କବିତାକୁ ବିଶେଷ ମହତ୍ତ୍ୱ ପ୍ରଦାନ କରିଛି ।

ସଙ୍ଗୀତ ମାଧ୍ୟମରେ କାହାଣୀ ଭାଗକୁ ନାଟକୀୟ ଢଙ୍ଗରେ ଉପସ୍ଥାପନା କରି ପାଠକୀୟ ତୃଷା ମେଣ୍ଟାଇବା ହିଁ ଗାଥା କବିତାର ମୂଳ ଲକ୍ଷ୍ୟ, ଯାହା କବି ଗଡ଼ନାୟକଙ୍କ ଗାଥା କବିତାରେ ପରିଦୃଷ୍ଟ । ଭାବଭୂମି ଆଧାରରେ ତାଙ୍କ ଲିଖିତ ଗାଥା କବିତାକୁ ମୁଖ୍ୟତଃ ଆଠ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା , ପୁରାଣ ଓ ଇତିହାସ ଆଧାରିତ, କିମ୍ବଦନ୍ତୀ ଓ ଲୋକକଥା, ସମ୍ବାଦଧର୍ମୀ, ମାନବେତର ଜୀବ, ବ୍ୟକ୍ତିତ୍ୱ ପ୍ରଧାନ, ଗାନ୍ଧୀ ସମ୍ବନ୍ଧୀୟ ଏବଂ ପାଶ୍ଚାତ୍ୟ କବିତାର ଅନୁସରଣ ।

କବି ରାଧାମୋହନ ଗଡ଼ନାୟକଙ୍କ କାବ୍ୟ ନାୟିକା, ଉତ୍କଳିକା, ସ୍ମରଣିକା, ମୌସୁମୀ, ମେଘଦୂତ, ପଶୁପକ୍ଷୀର କାବ୍ୟ, ଧୂସର ଭୂମିକା, ଶାମୁକାର ସ୍ୱପ୍ନ, ଦୁଇଟି ତାହାର ଡେଣା, କୁମାର ସମ୍ଭବ, ସୋରାବ ଓ ରସ୍ତମ, କୈଶୋରିକା, ଦୀପଶିଖା, ବନରାଜି ନୀଳା, ଛାୟା ତଥା ସୂର୍ଯ୍ୟ ଓ ଅନ୍ଧକାର ଆଦି ସୃଷ୍ଟି ସାମ୍ରାଜ୍ୟ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟକୁ କରିଛି ଋଦ୍ଧିମନ୍ତ । ଏ ସମସ୍ତ ସୃଷ୍ଟିକୁ ଅନୁଶୀଳନ କଲେ ସେଥିମଧ୍ୟରୁ ଗାଥା କବିତାର ଧାରା ସ୍ୱତଃ ଝରିଆସେ ।

'କାବ୍ୟନାୟିକା' ସଂକଳନରେ ସ୍ଥାନିତ 'ପିଙ୍ଗଳାର ଅଭିସାର', 'ଲଳିତା', 'ଉଠ ଆଗୋ ପାଷାଣୀ', 'ଶବରୀ', 'ଗୋପବାଳାର କୃଷ୍ଣ', 'ବିଭୀଷଣ', 'କୃଷ୍ଣ ବିରହିଣୀ' ଓ 'ଉର୍ମିଳା' ଆଦି ଗାଥା କବିତାଗୁଡ଼ିକରେ ଫୁଟି ଉଠିଛି ମାନବୀୟ ଭାବବୋଧର ମହନୀୟତା । ରାମାୟଣ କଥାବସ୍ତୁ ଆଧାରିତ 'ଶବରୀ' କବିତା ଓ ମହାଭାରତର କଥାବସ୍ତୁ ଆଧାରିତ 'ପ୍ରତିଶୋଧ' କବିତା ଗାଥା କବିତାର ସାର୍ଥକ ନିଦର୍ଶନ । ସେହିପରି 'ମାଟି' କବିତାରେ ନାରୀ ଜାତିର ମହନୀୟତା, ଉଦାରତା ଓ ସମର୍ପିତ ଭାବନା ସ୍ପଷ୍ଟ ବାରି ହୋଇ ପଡ଼ିଥାଏ ।

'ଶାମୁକାର ସ୍ୱପ୍ନ' ସଂକଳନରେ ସ୍ଥାନିତ 'ବାଲ୍ମୀକି', 'ଶ୍ରବଣାର ଅତିଥି ଚର୍ଚ୍ଚା', 'ଆନନ୍ଦ ଓ ପ୍ରକୃତି' ଏବଂ 'ଅବାଚୀର ତାରା' ପୁସ୍ତକରେ ସଂକଳିତ 'ମଣିଷ ସୁନ୍ଦର' ଆଦି କବିତାଗୁଡ଼ିକ ପୌରାଣିକ କଥାବସ୍ତୁ ଅବଲମ୍ବନରେ ଲିଖିତ । 'ଉତ୍କଳିକା' ପୁସ୍ତକର 'ଭାଇ', 'ବୀରରାଣୀ ଶୁକଦେଈ', 'ବିସର୍ଜନ', 'ମଣିକାଞ୍ଚନ ଯୋଗ','କୈଶୋରିକା'ରେ ସଂକଳିତ 'ମାତଙ୍ଗିନୀ ଦେବୀ', 'ଅବାଚୀର ତାରା' ସଂକଳନର 'ତମାଦୋରା ଓ ହୁସେନ ଗଁଗୁ' ଆଦି କବିତା ଇତିହାସ ପୃଷ୍ଠଭୂମି ଉପରେ ଆଧାରିତ ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । 'ଉତ୍କଳିକା' ସଂକଳନରେ ସ୍ଥାନୀତ ୧୭ଟି କବିତା ମଧ୍ୟରୁ ୮ଟି କବିତାକୁ ଜନଶ୍ରୁତି ଆଧାରରେ କବି ଗଡ଼ନାୟକ ରଚନା କରିଛନ୍ତି ।

'କୈଶୋରିକା'ର 'ତଅପୋଇ' କବିତା ମାଧ୍ୟମରେ କବି ଭାଇ - ଭଉଣୀର ପବିତ୍ର ସଂପର୍କ ଓ 'ଦୁଇଟି ତାହାର ଡେଣା' ପୁସ୍ତକରେ ସ୍ଥାନୀତ 'କାମସୂତ୍ର' କବିତାରେ ଜଣେ ନାରୀର ସ୍ପଷ୍ଟବାଦୀତା ପ୍ରସଙ୍ଗକୁ ଗାଥା କବିତା ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଗୌତମ ବୁଦ୍ଧଙ୍କ ବାଲ୍ୟକାଳ ସହିତ ଜଡ଼ିତ ଜୀବେଦୟା ମନ୍ତ୍ରକୁ ଗାଥା କବିତାର ରୂପ ଦେବାକୁ ଯାଇ କବି ରଚନା କରିଛନ୍ତି 'ବାଳବୁଦ୍ଧ' କବିତା । ସେହିପରି ସତ୍ୟ ଓ ଶକ୍ତି କବିତାଟି ମାଦଳା ପାଞ୍ଜିରେ ବର୍ଣ୍ଣିତ ବୌଦ୍ଧ ଏବଂ ବ୍ରାହ୍ମଣଙ୍କ ଉପାଖ୍ୟାନ ଉପରେ ଆଧାରିତ ।

ସମ୍ବାଦପତ୍ର କଥାବସ୍ତୁ ଆଧାରରେ କବି ଗଡ଼ନାୟକଙ୍କ କୋଟନିସ୍ ଆଉ ଫେରିନାହିଁ, ଗୁର୍ଖା ସିପାହୀ ଓ ସତୀ ଆଦି ଗାଥା କବିତା ସମୃଦ୍ଧ, ଯାହାକି ତାଙ୍କ 'ସ୍ମରଣିକା' ପୁସ୍ତକରେ ସ୍ଥାନ ପାଇଛି । କବିଙ୍କ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ 'ସୂର୍ଯ୍ୟ ଓ ଅନ୍ଧକାର'ରେ ପ୍ରକାଶିତ 'ଚନ୍ଦକାବଣର ଏକ ତରୁଣୀ ବାଘୁଣୀ' ଓ 'ସରସ୍ୱତୀ ବାଈ' ହେଉଛି ଦୁଇଟି ସାର୍ଥକ ଗାଥା କବିତା । ପଶୁପକ୍ଷୀଙ୍କ ଭିତରେ ମାନବତାର ଭାବ ଦର୍ଶାଇବାକୁ ଯାଇ କବି 'ଭୂମିକା' ଓ 'ପଶୁପକ୍ଷୀର କାବ୍ୟ' ସଂକଳନର ପରିକଳ୍ପନା କରିଛନ୍ତି । ପ୍ରାୟତଃ କବିତାରେ କବି ପଶୁପକ୍ଷୀ ଚରିତ୍ରଗୁଡ଼ିକରେ ମଣିଷ ସୁଲଭ ସମ୍ବେଦନା, ପ୍ରଣୟ, ବିରହ ଓ ଯାତନାକୁ ପ୍ରାଧାନ୍ୟ ଦେବା କାରଣରୁ ଏହା ବେଶ୍ ପାଠକୀୟ ଆଦୃତି ଲାଭ କରିପାରିଛି ।

ଉତ୍କଳୀୟ ମହନୀୟ କଥା ଓ ଗାଥାକୁ ନେଇ ସମୃଦ୍ଧ ଗାଥା କବିତା ସଂକଳନ 'ଉତ୍କଳିକା' । ଉତ୍କଳ ପ୍ରତି ସମର୍ପିତ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସମ୍ଭବତଃ କବିଙ୍କୁ ପ୍ରଭାବିତ କରିପାରିଛି, ତାହା ଏ ପୁସ୍ତକ ପଢ଼ିଲେ ଜଣାପଡ଼େ । ସେହିପରି 'କୈଶୋରିକା' ପୁସ୍ତକର 'ସୁଭାଷ ଓ ଗୁଣିଆ', 'ମାତଙ୍ଗିନୀ ଦେବୀ' ଆଦି କବିତାରେ ଦେଶପ୍ରେମ ଝଙ୍କୃତ ହୋଇଛି । 'ଦୀପଶିଖା' ପୁସ୍ତକର 'ସାରଳା ଦାସ' ଓ 'ଜଗନ୍ନାଥ ଦାସ', 'ଶାମୁକାର ସ୍ୱପ୍ନ' ସଂକଳନର 'ରାଇଦାସ', 'ରକ୍ତ ଓ ଦୁଗ୍ଧ', 'ରାମୀ ଓ ରାମଚଣ୍ଡୀ', 'ଅବାଚୀର ତାରା' ପୁସ୍ତକର 'ଦୀନବନ୍ଧୁ ପାଇଁ ଜଣେ ସେ ଜଣେ', 'ହୀରାଖଣ୍ଡ ଗାଥା' ସଂକଳନର 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ', 'ଅଦ୍ୱିଜର ହୋଇପାରେ ଦ୍ୱିଜପରାକ୍ରମ' ଓ 'ପୀତବାସ ଷଡ଼ଙ୍ଗୀ' ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । ରାଧାମୋହନଙ୍କ 'ଗାନ୍ଧିଗାଥା' ସଂକଳନଟି ମହାତ୍ମା ଗାନ୍ଧୀଙ୍କ ଜୀବନାନୁଭୂତିର ଏକ ସାର୍ଥକ ପ୍ରତିଫଳନ ବୋଲି କୁହାଯାଇପାରେ ।

କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତା ସମୂହ ପାଠକୀୟ ପ୍ରାଣକୁ ବେଶ୍ ପ୍ରଭାବିତ କରିବାରେ ସାମର୍ଥ୍ୟ ରଖେ । କବିତାର ପଦ ସଂଯୋଜନା ସାଙ୍ଗକୁ ଚମତ୍କାର ବିଷୟବସ୍ତୁ ଚୟନ କାରଣରୁ ତାଙ୍କର ପ୍ରତ୍ୟେକଟି ଗାଥା କବିତା ବେଶ୍ ହୃଦୟସ୍ପର୍ଶୀ । ଏହାର ଆଙ୍ଗିକ ଓ ଆତ୍ମିକ ଦିଗର ସୂକ୍ଷ୍ମ ଅନୁଭବ ହିଁ ଗାଥା କବିତାକୁ କରିପାରିଛି ରସସିକ୍ତ । ଏହା ଅନ୍ତଃକରଣରେ ଏକ ଅନିର୍ବଚନୀୟ ଆନନ୍ଦ ଦେବାକୁ ସମର୍ଥ ହୋଇପାରିଛି । ସୁତରାଂ ଓଡ଼ିଆ ବାଣୀ ଭଣ୍ଡାରକୁ କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତାଗୁଡ଼ିକ ଗୋଟିଏ ଲେଖାଏଁ ଅମୂଲ୍ୟ ଉପହାର । ■

ଶିକ୍ଷକ, ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,
କିଶୋରନଗର, ଜି - ଅନୁଗୋଳ,
ପିନ୍ - ୭୫୯୧୨୬
ମୋ- ୯୪୩୭୫୪୭୧୪୬

## ପୁସ୍ତକ ପରିଚୟ

### ନୂଆ ସକାଳର ବାସ୍ନା

ପୀତାମ୍ବର ମହାପାତ୍ର




ଆଷାଢ଼
ଆନନ୍ଦ ବଜାର, ମଧ୍ୟ ଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ସମାଜର ସାଧାରଣ ଚରିତ୍ର, ଘଟଣା, କିଛି ଅନୁଭୂତି ଓ ଅନୁଭବକୁ ନେଇ ଗତିଶୀଳ ହୋଇଉଠେ ତାଙ୍କ ଗପଗୁଡ଼ିକ । ଏମିତି ନିଆରା ଚରିତ୍ର, ଦୁର୍ଲଭ ଘଟଣା, ବିରଳ ଅନୁଭୂତିକୁ ନେଇ ରଚିତ ପୀତାମ୍ବର ମହାପାତ୍ରଙ୍କ 'ନୂଆ ସକାଳର ବାସ୍ନା' । ପୁସ୍ତକରେ ମୋଟ ୪୮ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପରେ ସାମାଜିକ ଆବେଦନ ଓ ମାନବୀୟ ଭାବାବେଗ ମର୍ମସ୍ପର୍ଶୀ ହୋଇଛି । 'ନୂଆ ସକାଳର ବାସ୍ନା', 'ସାହସ', 'ପ୍ରତୀକ୍ଷା', 'ଅଜାଗା ଘା', 'ବାପାଙ୍କ ଘର', 'ଅଲିଭା ଗାର', ' ଅପଢ଼ା ଉପନ୍ୟାସ', 'ଈଶ୍ୱର', 'ପାଣିର ଗାର', ' ଅନ୍ତରାୟ', 'ବୁଢ଼ା', 'ନୀତିବାଣୀ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ ମଣିଷର ଜୀବନକୁ ଅଧିକ ଚଳଚଞ୍ଚଳ କରେ । ନିରାଶା ଭିତରେ ଆଶାର କିରଣ ଖେଳାଇ ଦିଏ । ଯେମିତି ହୋଇଛି 'ନୂଆ ସକାଳର ବାସ୍ନା' ଗପରେ । ଜୟନ୍ତ ଓ ଜୟନ୍ତୀ ବିବାହ କରି ନଥିଲେ ମଧ୍ୟ ପରସ୍ପର ପ୍ରତି ଭଲ ପାଇବା କଦାପି କମି ଯାଇନାହିଁ । ସେହିପରି 'ଆକଟ' ଗପରେ ପାରିବାରିକ ସ୍ନେହ, ମମତା, ଆକଟର ଚିତ୍ର ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅନେକ ଗପରେ ପାରିବାରିକ ସମ୍ବନ୍ଧ, ସାମାଜିକ ବାସ୍ତବତାର ପ୍ରତିଛବି ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । 'ନୂଆ ସକାଳର ବାସ୍ନା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ହୋଇପାରିବ ବୋଲି ଆଶା କରାଯାଏ । ■

### ପ୍ରିୟତମ ପ୍ରଭୁ

ବଦ୍ରୀ ମହାନ୍ତି





ଗାୟତ୍ରୀ
ବଡ଼ଗଡ଼, ଭୁବନେଶ୍ୱର-୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସେ ଜଗତର ନାଥ ଜଗନ୍ନାଥ । ସେ ସମସ୍ତଙ୍କ ପ୍ରିୟ ଠାକୁର । ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ରହିଛି କେତେ କଥା, କେତେ କିମ୍ବଦନ୍ତୀ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିରକୁ ନେଇ ହୋଇଛି ଅନେକ ଆଲୋଚନା, ଗବେଷଣା । ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ପ୍ରକାଶ ପାଇଛି ବଦ୍ରୀ ମହାନ୍ତିଙ୍କ 'ପ୍ରିୟତମ ପ୍ରଭୁ' ପୁସ୍ତକ । 'ମହାବାହୁଙ୍କ ରୂପକଳ୍ପନା', 'ଶ୍ରୀମନ୍ଦିର', 'ମହାଚେତନାର ଆଲେଖ୍ୟ – 'ମହାପ୍ରସାଦ', 'ରଥଯାତ୍ରା', 'ଶ୍ରୀଚକ୍ର ଓ ଚକ୍ରରାଜ ସୁଦର୍ଶନ', 'ବିଗ୍ରହଙ୍କ ଅଜ୍ଞାତବାସ', 'ଶ୍ରୀଜିଉଙ୍କ ନବକଳେବର', 'ଶ୍ରୀମନ୍ଦିର ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ', 'କାଳିଆ ପ୍ରେମରେ ଶ୍ରୀଚୈତନ୍ୟ', 'ଶ୍ରୀଜଗନ୍ନାଥ ଓ ଜୟଦେବ' ଆଦି ପ୍ରବନ୍ଧଗୁଡ଼ିକରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର, ଶ୍ରୀଚକ୍ର, ଶ୍ରୀଜୀଉଙ୍କ ନବକଳେବର, ଶ୍ରୀକ୍ଷେତ୍ର ସହିତ ଶଙ୍କରାଚାର୍ଯ୍ୟ, ଜୟଦେବ ଓ ଶ୍ରୀଚୈତନ୍ୟଙ୍କ ସଂପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଭବ୍ୟ ଶ୍ରୀମନ୍ଦିର, ବେଢ଼ା ଦେବଦେବୀ, ଶ୍ରୀମନ୍ଦିରର ଭିତର ଓ ବାହାର ମଣ୍ଡପ, ଶ୍ରୀଜୀଉଙ୍କ ନୀତିକାନ୍ତି, ପର୍ବପର୍ବାଣି ଆଦି ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି ଏହି ପୁସ୍ତକରେ । ତଥ୍ୟ ଭିତ୍ତିକ ଓ ଭାବପୂର୍ଣ୍ଣ 'ପ୍ରିୟତମ ପ୍ରଭୁ' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### କୃଷି ପରିବେଶ ଓ ଗ୍ରାମ ବିକାଶ

ବିଦ୍ୟାଧର ମହାରଣା




ଶିକ୍ଷା ସନ୍ଧାନ
ଭି.ଆଇ.ପି. ଏରିଆ
ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଜୀବିକାର୍ଜନ ପାଇଁ କୃଷି ଉପରେ ନିର୍ଭରଶୀଳ । ତେବେ ଜଳବାୟୁ ପରିବର୍ତ୍ତନ, ଜମି ଓ ଜଳ ସଂପଦର ଅବକ୍ଷୟ ସହିତ ଆଉ କେତେକ କାରଣ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକର ବିକାଶ, ଜଳସେଚନର ସୁପରିଚାଳନା, କୃଷି ନୀତି , ପରିବେଶ ପ୍ରଦୂଷଣ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ବିଦ୍ୟାଧର ମହାରଣାଙ୍କ 'କୃଷି, ପରିବେଶ ଓ ଗ୍ରାମ ବିକାଶ' ପୁସ୍ତକ । ଏହି ପୁସ୍ତକରେ 'କୃଷି ଓ କୃଷକ' ବିଭାଗରେ 'ଭାରତ ପାଇଁ ଚିର ସବୁଜ ବିପ୍ଳବ', 'କେତେ ସୁରକ୍ଷିତ ଆମ ଦେଶର କୃଷକ?', 'କୃଷି ବିକାଶର ବୀଜ ମନ୍ତ୍ର', 'ଓଡ଼ିଶାରେ ପୁଷ୍ଟି-ସମ୍ବେଦୀ କୃଷିର ଆବଶ୍ୟକତା', 'କୃଷକଙ୍କ ଆୟ, ହତାଶା ଓ ଆତ୍ମହତ୍ୟା' ଆଦି ଲେଖାଗୁଡ଼ିକରେ କୃଷକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନର ପଥ ଉପରେ ଆଲୋଚନା କରାଯାଇଛି । ଜଳବାୟୁ ପରିବର୍ତ୍ତନର କାରଣ, କୃଷି, କୃଷକ, ପରିବେଶ ସୁରକ୍ଷା, ଗ୍ରାମ ବିକାଶ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

ଦୁର୍ନୀତି ପ୍ରତି ଶୂନ୍ୟ ଶହନଶୀଳତା ଘୋଷଣାକୁ ଉପହାସ

# ଦୁର୍ନୀତିରେ ଉବୁଟୁବୁ ରାଜ୍ୟ ବିଜେପି ସରକାର: କଂଗ୍ରେସ

ଭୁବନେଶ୍ୱର, ୨୦।୯ (ସମିସ): ଦୁର୍ନୀତି କ୍ଷେତ୍ରରେ ଶୂନ୍ୟସହନଶୀଳତା ନୀତି କଡାକଡି ଗ୍ରହଣ କରାଯିବ ବୋଲି ରାଜ୍ୟ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ସରକାର ଆଜି ଦୁର୍ନୀତିର କାଦୁଅରେ ବୁଡି ଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ଶନିବାର କଂଗ୍ରେସ ଭବନଠାରେ ଦଳ ପକ୍ଷରୁ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦୁର୍ନୀତି ଉପରେ ଶୂନ୍ୟସହନଶୀଳତା ଅବଲମ୍ବନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ଥର ଘୋଷଣା କରିଆସିଛନ୍ତି। କିନ୍ତୁ ବର୍ତ୍ତମାନ ମନ୍ତ୍ରୀ, ବିଧାୟକ ଖୋଲାଖୋଲି ଦୁର୍ନୀତି କରୁଛନ୍ତି। ସେହିପରି ବିଜେପି ସରକାର ଦୁର୍ନୀତିର ସାହାଣ ମେଲା, ମୁହାଣ ଖୋଲା ବୋଲି ମିଡିଆ ସେଲ୍ ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ବ୍ୟଙ୍ଗ କରିବା ସହ କହିଛନ୍ତି, ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସ



**ପୁଲିସ ହାଉସିଂ କର୍ପୋରେସନ କାମରେ ବ୍ୟାପକ ଦୁର୍ନୀତି**

**ବିଜେପି ବିଧାୟକଙ୍କ ପୁଓ ଓ ଯୁବ ନେତାଙ୍କୁ ଅହେତୁକ ଅନୁକମ୍ପା**

ଠିକାଦାରୀ ଲାଇସେନ୍ସ ପାଇଁ ଗତ ୧୯ ଜୁନ୍‌ରେ ଆବେଦନ କରିଥିଲେ। ସେ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହନ୍ତି; କିନ୍ତୁ ଲାଇସେନ୍ସକୁ ବର୍ଷେ ନ ପୂରୁଣୁ ତାଙ୍କୁ ବେନିୟମ ଭାବେ ୧ କୋଟିରୁ ଅଧିକ ମୂଲ୍ୟର କାମ ଦିଆଯାଇଛି। ଏହାସହିତ ବିଜେପି ଯୁବମୋର୍ଚ୍ଚା ନେତା ଶଶିକାନ୍ତ ମିଶ୍ରଙ୍କ କମ୍ପାନୀକୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ପାଇଁ ୯୬ ଲକ୍ଷ ଟଙ୍କାର କାମ ଦିଆଯାଇଛି। ଏଇ କମ୍ପାନୀ ମଧ୍ୟ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହେଁ। ତେବେ କିଏ ଏଭଳି ବେଆଇନ ଭାବେ ବିଜେପି ନେତାଙ୍କ ପୁଅ ଓ ଦଳୀୟ କର୍ମକର୍ତ୍ତାଙ୍କୁ ସରକାରୀ କାମ ପ୍ରଦାନ କରୁଛି ବୋଲି ଶ୍ରୀ ପାଣ୍ଡବ ପ୍ରଶ୍ନ କରିଛନ୍ତି।

ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ଓଡିଶା ପୁଲିସ ହାଉସିଂ କର୍ପୋରେସନ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସଙ୍କୁ ଦିଆଯାଇଥିବା କାମକୁ ଦୁଇଟି କ୍ଲଷ୍ଟର କରି ଦିଆଯାଇଛି। ଗୋଟିଏ ବାରିପଦା ଜେଲ୍‌ରେ କ୍ୟୁବିକାଲ ରୋପଣ କାମ ଏବଂ ଅନ୍ୟଟି ବାଲେଶ୍ୱରରେ ଯାହା ସମ୍ପୂର୍ଣ୍ଣ ବେଆଇନ। ଅନ୍ୟ ଏକ ଦୁର୍ନୀତିର ତଥ୍ୟ ପ୍ରକାଶ କରି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ ସଂଗ୍ରାମ କେଶରୀ ସାମଲ ନାମକ ଜଣେ ବିଜେପି ଯୁବମୋର୍ଚ୍ଚା ନେତାଙ୍କୁ ମଧ୍ୟ କେନ୍ଦୁଝର ବସଷ୍ଟାଣ୍ଡରେ ଆଲୋକୀକରଣ ଏବଂ ସିସିଟିଭି ଖଞ୍ଜା ପାଇଁ ୭୬ ଲକ୍ଷ ୧୧ ହଜାର ଟଙ୍କାର କାମ ମିଳିଛି। ଏହା ମଧ୍ୟ ପୁଲିସ ହାଉସିଂ କର୍ପୋରେସନ ସହ ଅନୁବନ୍ଧନ ନାହିଁ। କେନ୍ଦୁଝର ବସଷ୍ଟାଣ୍ଡରେ ୨୩ଟି କାମ ପାଇଁ ମୋଟ ୧୩ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆଶ୍ଚର୍ଯ୍ୟର ବିଷୟ ୨୩ଟି କାମ ପାଇଁ ପୃଥକ ଇ-ଟେଣ୍ଡର ହେବା କଥା। କିନ୍ତୁ ଏଥିପାଇଁ ଟେଣ୍ଡର ଡକାଯାଇ ନାହିଁ, ଯାହା ସମ୍ପୂର୍ଣ୍ଣ ବେଆଇନ। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ମୁଖ୍ୟମନ୍ତ୍ରୀ କାହିଁକି ଟେଣ୍ଡର ଡାକିଲେନି, ତାହାର ଜବାବ ଦେବାକୁ କଂଗ୍ରେସ ଦାବି କରିଛି।

ମେଧା ତାଲିକାରେ ସ୍ଥାନିତ ହୋଇ ମଧ୍ୟ ଶିକ୍ଷା ସହାୟକ ନିଯୁକ୍ତିରୁ ବଞ୍ଚିତ ପ୍ରସଙ୍ଗ

## ୧୦ ହଜାର ଦଣ୍ଡ ଗଣିବେ ଦୋଷୀ ଅଧିକାରୀ

କଟକ,୨୦।୯(ସମିସ): ଦୀର୍ଘ ୧୯ବର୍ଷ ପୂର୍ବରୁ ହୋଇଥିବା ଏକ ଶିକ୍ଷା ସହାୟକ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ମେଧା ତାଲିକାର ଚତୁର୍ଥ ସ୍ଥାନରେ ରହିଥିବା ଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଦୋଷୀ ଅଧିକାରୀଙ୍କ ତ୍ରୁଟି ପାଇଁ ସମ୍ପୃକ୍ତ ପ୍ରାର୍ଥୀ ତଥା ଆବେଦନକାରୀଙ୍କୁ ଅନେକ ମକଦ୍ଦମାର ସମ୍ମୁଖୀନ ହେବାକୁ ପଡ଼ିଛି। ଅଧିକାରୀଙ୍କ ଦୋଷ ପାଇଁ ସାମ୍ବିଧାନିକ ଭାବରେ ସଂଗଠିତ ଏକ କଲ୍ୟାଣକାରୀ ରାଜ୍ୟରେ ନାଗରିକଙ୍କୁ ଦଣ୍ଡ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା ଦଣ୍ଡ ଆକାରରେ ଆସନ୍ତା ୩୦ଦିନ ମଧ୍ୟରେ ପଇଠ କରାଯିବ ଓ ଏହା ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କଠାରୁ ଭରଣା କରାଯିବ। ବିଳମ୍ବ ହେଲେ, ପ୍ରତିଦିନ ପାଇଁ ୧୦୦ଟଙ୍କା ଯୋଡ଼ାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବସନ୍ତ କୁମାର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ କଟକ ଜିଲ୍ଲାପାଳଙ୍କ ଆଦେଶକୁ ଖାରଜ କରିଛନ୍ତି ଅଦାଲତ।

## ଓୟୁଏଟି ଦ୍ୱାରା ୮ ଉଦ୍ୟାନ ଫସଲ କିସମ ବିକଶିତ

ଭୁବନେଶ୍ୱର, ୨୦।୯(ସମିସ): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ( ଓୟୁଏଟି) ଦ୍ୱାରା ବିକଶିତ ୮ ଉଦ୍ୟାନ ଫସଲ କିସମକୁ ରାଜ୍ୟ ସ୍ତରୀୟ କିସମ ଅନୁମୋଦନ କମିଟି ପକ୍ଷରୁ ଅନୁମୋଦନ ପରେ ରାଜ୍ୟର କୃଷକ ମାନଙ୍କ ସେବାରେ ଲୋକାର୍ପିତ କରାଯାଇଛି। ଏହି ସବୁ ଅଧିକ ଅମଳକ୍ଷମ, ପୋଷକ ତତ୍ତ୍ୱଯୁକ୍ତ, ପ୍ରକ୍ରିୟାକରଣ ଉପଯୋଗୀ ଓ ରୋଗପୋକ ସହନଶୀଳ କିସମ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ରାଜ୍ୟ ସରକାରଙ୍କ ଫସଲ ବିବିଧକରଣ ଯୋଜନାକୁ ତ୍ୱରାନିତ୍ୱ କରିବାରେ ସହାୟକ ହେବ। ଏହି ଫସଲ କିସମଗୁଡିକ କାଜୁ (ସୁଭଦ୍ରା), ଆଳୁ (ଫୁଲବାଣୀ ଆଳୁ), ଆମ୍ବ ଅଦା (କୋରାପୁଟ ଆମ୍ବ ଅଦା), କଳା ହଳଦୀ (କୋରାପୁଟ କଳା ହଳଦୀ), ବାଇଗଣ (ଅଭିଶେକ), ବିଲାତି ବାଇଗଣ (ନିର୍ମଳା), ଲଙ୍କା (ଗଗନ) ଓ ଖଡା (ମୟୂରୀ) ଆଦି ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁଁ କୃଷକଙ୍କ ମଧ୍ୟରେ ଆଦୃତ ହେବ ବୋଲି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଆଶାବ୍ୟକ୍ତ କରିଛନ୍ତି। କୋରାପୁଟ ଆମ୍ବ ଅଦା ଓ କୋରାପୁଟ କଳା ହଳଦୀ ଅନନ୍ୟ ସୁବାସ, ଔଷଧୀୟ ଗୁଣ ଏବଂ ଉତ୍କୃଷ୍ଟ ଖାଦ୍ୟ ଗୁଣବତ୍ତା ଯୋଗୁ ଅର୍ଥକାରୀ ଫସଲ କିସମ ଭାବରେ ରାଜ୍ୟ ଓ ରାଜ୍ୟ ବାହାରର କୃଷକ ଓ କୃଷି ଉଦ୍ୟୋଗପତିଙ୍କୁ ଆକୃଷ୍ଟ କରି ପାରିବ।


**AFFIDAVIT**

By virtue of an affidavit No. 2146 on dt. 20.09.2025. sworn before the Executive Magistrate, Bhadrak I, Binapani Mohanty, W/o- Mihir Kumar Mohanty, At/Po- Erada, Ps- Sabarang, Dist-Bhadrak, Pin-756123, Odisha declare that My husband name Mihir Kumar Mohanty and Mihir Mohanty are same person and father of Diptimayee Mohanty in the child's birth certificate. I have sworn an affidavit for correction and hereby notify that my husband's correct name is **Mihir Kumar Mohanty** for all future references.

**AFFIDAVIT**

By virtue of an affidavit No. 5467, sworn before the Executive Magistrate Champua, dated- 11/09/2025. I **Anju Jamuda,** W/o- Rahul Kumar Jamuda, resident of At- Bankamaruni, Po- Palaspanga, Ps- Sadar, Dist- Keonjhar, Odisha, Pin-758031, declare that I have changed my name from **Anju Jamuda** (old name) to **Anju Soren** (new name). Henceforth I shall be known as **Anju Soren,** W/o- Rahul Kumar Jamuda for all future purposes.

**Anju Soren**

**AFFIDAVIT**

I, Goutam Mohapatra, son of Mahendra Mohapatra, resident of At- Dalabehera Sahi, PO-Muktapur, Khordha, Odisha, Pin-752055, hereby declare that my name has been wrongly mentioned as Goutam Mahapatra in my BBA Provisional Certificate and 1st to 6th Semester Mark Sheets (Roll No. 66303UT17013) issued by Utkal University, Odisha. My correct and actual name is **Goutam Mohapatra**. This notice is for public information and necessary correction. Affidavit CF No.16, Dated: 19/09/2025. This is for future reference.

Sd/- **Goutam Mohapatra**

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po- Dhemanasole, Ps- Chandua, Dist- Mayurbhanj declare that the actual and correct Date of Birth(DOB) of my daughter Sonali Dehury(Rakhi) is 10-11-2025. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2025, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

I, Harekrishna Mohanta, aged about 67 years, S/o- Late Dukhu Mohanta, resident of At- Banasahi, Ward No-15, Ps- Karanjia, Dist- Mayurbhanj, Odisha, Pin-757037 declare by this affidavit No. 1886, dtd- 12.09.2025, that now onwards I shall be known as **HAREKRUSHNA MOHANTA** for all future purposes

**AFFIDAVIT**

By virtue of an affidavit sworn before the Executive Magistrate, Padampur on dated- 20/09/2025. I, **Thabira Chhechua,** S/o Prahallad Chhechua, permanent & current resident of At- Paramanandapur, PO- Katabahal, PS- Gaisilat, Dist- Bargarh, PIN- 768036, Odisha declare that I have changed my name from **Thabira Sachea** (old name) to **Thabira Chhechua** (new name). Henceforth, I shall be known as **Thabira Chhechua** (new name) for all purposes.

**Thabira Chhechua**

**AFFIDAVIT**

I, Lakhan Jani, S/o- Rajmani Jani resident of Vill.- Kumbharguda, Po.- Singsari, Ps.- Dabugam, Dist.- Nabarangpur, Odisha, Pin- 764072 vide affidavit no.6084 dated 19.09.2025 state that, I have changed my name from **LAKHAN BHATRA** to **LAKHAN JANI**. Henceforth I shall be known as **LAKHAN JANI** for all future purposes.

Sd/- **Lakhan Jani**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ହଜାର ଟଙ୍କାରେ...

ଫାର୍ମାକୋଲୋଜିରେ ଗ୍ରାଜୁଏଟ କରିଥିଲେ। ସେ ୟୁପିଏସ୍‌ସିରେ ୬୩୭ ର୍‍ୟାଙ୍କ ପାଇ ଭାରତୀୟ ପୁଲିସ ସେବା ପାଇଁ ଯୋଗ୍ୟ ହୋଇଥିଲେ। ମସୁରୀ ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀରୁ ଉଭୟଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ବନ୍ଧୁତା ପ୍ରେମରେ ପରିଣତ ହୋଇଯାଇଥିଲା। ବିବାହ ପରେ ଯୁବରାଜ ନିଜ କ୍ୟାଡର ବଦଳାଇ ଦେଇଥିଲେ। ଏବେ ଉଭୟେ ତେଲଙ୍ଗାନା ରାଜ୍ୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଛନ୍ତି।

### ପୋଷି ନ ପାରିଲେ...

ଏଭଳି ବିବାହ ହେଉଛି। ଅଦାଲତ କୌଣସି ମୁସଲିମ ବ୍ୟକ୍ତିଙ୍କୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ବିବାହ କରିବାକୁ ସହଜରେ ଅନୁମତି ଦେବେ ନାହିଁ। ମୁସଲିମ ପୁରୁଷ ଚାହିଁଲେ ଏକାଧିକ ବିବାହ କରିପାରିବେ ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ତେବେ ଏଭଳି ବିବାହ ପାଇଁ ସାମର୍ଥ୍ୟ ରହିବା ଦରକାର।

### ଶୁଳ୍କ ପରେ...

ଏହିସବୁ ବହୁରାଷ୍ଟ୍ରୀୟ କଂପାନୀରେ ଆମେରିକାର ନାଗରିକଙ୍କୁ ଅଧିକ ନିଯୁକ୍ତି ଦେବା ଲକ୍ଷରେ ଭିସା ଫି' ବୃଦ୍ଧି କରାଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆମେରିକୀୟ ପ୍ରଫେସନାଲଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଏହା ଜରୁରି। ଏହି କଟକଣା ଦ୍ୱାରା କଂପାନୀମାନେ କେବଳ ଅତ୍ୟନ୍ତ ଦକ୍ଷ ପ୍ରଫେସନାଲଙ୍କୁ ବିଦେଶରୁ ଆଣି ନିଯୁକ୍ତି ଦେଇପାରିବେ। ଏଚ୍-୧ବି ଭିସାରେ ଆମାଜନରେ ସର୍ବାଧିକ ୧୦ ହଜାର ପ୍ରଫେସନାଲ କାମ କରୁଥିବା ବେଳେ ଏହା ପଛକୁ ରହିଛି ଟାଟା କନସଲଟାନ୍ସି (୫୫୦୦), ମାଇକ୍ରୋସଫ୍ଟ (୫୨୦୦), ମେଟା (୫୧୦୦), ଆପଲ (୪୨୦୦), ଗୁଗୁଲ (୪୮୦), ଡେଲଏଟ୍ (୨୩୫୦), ଇନଫୋସିସ୍ (୨୦୦୦), ୱିପ୍ରୋ (୧୫୨୦) ଏବଂ ଟେକ୍ ମହିନ୍ଦ୍ରା ଆମେରିକାନ୍ସ (୯୫୦)। ଏହା ସହିତ ଟ୍ରମ୍ପ ଭିସାର ମଧ୍ୟ ବ୍ୟବସାୟୀକରଣ କରିଦେଇଛନ୍ତି। ସେ ଏଚ୍-୧ବିରେ ପରିବର୍ତ୍ତନ କରିବା ସହିତ ୩ ପ୍ରକାରର ନୂଆ ଭିସା କାର୍ଡ ଆଣିଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ', 'ଟ୍ରମ୍ପ ପ୍ଲାଟିନମ୍ କାର୍ଡ', 'କର୍ପୋରେଟ ଗୋଲ୍ଡ କାର୍ଡ'ର ଶୁଭାରମ୍ଭ କରିଛନ୍ତି। ଗୋଲ୍ଡ କାର୍ଡ ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୮.୮ କୋଟି ଟଙ୍କା ଦେବାକୁ ପଡ଼ିବ। ଏଥିରେ ଆମେରିକାରେ ସବୁଦିନ ପାଇଁ ରହିବାକୁ ଅଧିକାର ମିଳିବ। ନାଗରିକତା ପାଇବାରେ ସହାୟକ ହେବ। ପ୍ରତିବର୍ଷ ୮୦ ହଜାର ଗୋଲ୍ଡ କାର୍ଡ ଜାରି କରାଯିବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଆମେରିକା ନାଗରିକ ପାଉଥିବା ସବୁ ପ୍ରକାରର ସୁବିଧା ଏହି କାର୍ଡ ମାଧ୍ୟମରେ ମିଳିବ। କେବଳ ପାସପୋର୍ଟ ଏବଂ ଭୋଟ ଦେବାର ଅଧିକାର ମିଳିବ ନାହିଁ। ସେହିପରି କର୍ପୋରେଟ ଗୋଲ୍ଡ କାର୍ଡର ମୂଲ୍ୟ ୧୭.୬ କୋଟି ଟଙ୍କା ରଖାଯାଇଛି। ଏହି ଭିସାକୁ କମ୍ପାନୀ ଅନ୍ୟ କର୍ମଚାରୀଙ୍କୁ ଟ୍ରାନ୍ସଫର (ହସ୍ତାନ୍ତର) କରିପାରିବେ। ଏଥିପାଇଁ ଆଉ ୧.୭୬ କୋଟି ଟଙ୍କା ଦେବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ପ୍ଲାଟିନମ କାର୍ଡର ମୂଲ୍ୟ ୪୧.୫ କୋଟି ଟଙ୍କା ରଖାଯାଇଛି। ଏହି କାର୍ଡ ପାଇଥିବା ବ୍ୟକ୍ତି ବିନା ଟିକସରେ ୨୭୦ ଦିନ ପର୍ଯ୍ୟନ୍ତ ଆମେରିକାରେ ରହିପାରିବେ। ଏଥିପାଇଁ ଟ୍ରାଭେଲ ଭିସାର ଆବଶ୍ୟକତା ପଡ଼ିବ ନାହିଁ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ 'ଏହି ଭିସା କାର୍ଯ୍ୟକ୍ରମ ଧନୀ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ। ସେ ୧୦ ଲକ୍ଷ ଡଲାର ଦେଇ ଆମେରିକାରେ କାମ କରିପାରିବେ। ଏବେ ଆମେରିକା କେବଳ ଅତ୍ୟନ୍ତ ଦକ୍ଷ ଲୋକଙ୍କୁ ଭିସା ଦେବ। ଚାକିରି ଛଡ଼େଇ ନେଉଥିବା ଲୋକଙ୍କୁ ଆମେରିକାର ଭିସା ପ୍ରଦାନ କରାଯିବ ନାହିଁ। ଏହି ଭିସାରୁ ମିଳିବାକୁ ଥିବା ଅର୍ଥକୁ ଟିକସ ହ୍ରାସ ଏବଂ ସରକାରୀ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରାଯିବ। ଯଦି ଟ୍ରମ୍ପଙ୍କ ନିଷ୍ପତ୍ତିକୁ ନେଇ ଆଇନଗତ ସମସ୍ୟା ସୃଷ୍ଟି ନ ହୁଏ, ତେବେ ଭିସା ବାବଦ ଦେୟ ବୃଦ୍ଧି ପାଇବ।

### ମାଲାୟଲମ୍ ସୁପରଷ୍ଟାର୍...

ଭାବେ ମୁନ୍ଥିରିଭେଲିକଲ (୨୦୧୬) ଜାତୀୟ ପୁରସ୍କାର ପାଇଥିଲା। ଦୃଶ୍ୟମ୍, କାଲାପାନି, ଲୁସିଫର୍, ଜନଥା ଗ୍ୟାରେଜ, ବଂଶମ୍, ଦୃଷ୍ଟିକନ୍, ବୋଇଙ୍ଗ ବୋଇଙ୍ଗ ଭଳି ଚର୍ଚ୍ଚିତ ଚଳଚ୍ଚିତ୍ରରେ ମୋହନଲାଲ ଅଭିନୟ କରିଛନ୍ତି।

୨୦୦୧ରେ ଭାରତ ସରକାର ମୋହନଲାଲଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣରେ ସମ୍ମାନିତ କରିଥିଲେ। ସିନେମା କ୍ଷେତ୍ରକୁ ଯୋଗଦାନ ପାଇଁ ତାଙ୍କୁ 'ଦ କମ୍ପ୍ଲିଟ ଆକ୍ଟର' ଉପାଧି ମଧ୍ୟ ଦିଆଯାଇଛି। ଭାରତୀୟ ସେନା ମଧ୍ୟ ମୋହନଲାଲଙ୍କୁ ଅନରାରୀ 'ଲେଫ୍ଟନାଣ୍ଟ କର୍ଣ୍ଣେଲ' ପଦବୀ ଦେଇ ସମ୍ମାନିତ କରିଛି। ଅଭିନେତାଙ୍କ ଘନିଷ୍ଠଙ୍କ ଅନୁଯାୟୀ ଏହି ପୁରସ୍କାର ଘୋଷଣା ହେବା ପରେ ମୋହନଲାଲ ଅତ୍ୟନ୍ତ ଭାବୁକ ହୋଇ ଯାଇଥିଲେ। ଏହା ତାଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେ ନିଜ ସମର୍ଥକ, ନିର୍ଦ୍ଦେଶକ-ଲେଖକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହା କେବଳ ମୋର ନୁହେଁ; ସମ୍ପୂର୍ଣ୍ଣ ମାଲାୟଲମ ଚଳଚ୍ଚିତ୍ର ଜଗତର ବୋଲି କହିଛନ୍ତି। ଏହି ପୁରସ୍କାର ପାଇଁ ମୋହନଲାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି।

### ଦ୍ୱିତୀୟ ଦିନ...

ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୃହ ଆରମ୍ଭ ହେବା ପରେ ବିଜେଡି ବିଧାୟକ ସମାନ ଢଙ୍ଗରେ, ସମାନ ଦାବି ରଖି ପୁନର୍ବାର ଗୃହ ମଧ୍ୟକୁ ମାଡ଼ି ଆସିଥିଲେ। ମୋହନ ସରକାର ହାଏ ହାଏ, ଚାଷୀଙ୍କୁ ସାର ଯୋଗାଣ ଆମର ଦାବି, କଳାବଜାରୀ ଚଳିବ ନାହିଁ ଆଦି ନାରାରେ ଗୃହ କମ୍ପାଇଥିଲେ। ଏହି ସମୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ମାତ୍ର ୩ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୋମବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

ଅପରପକ୍ଷେ ଗୃହରେ ବିଜେଡିର ପ୍ରତିବାଦ ନେଇ ଗୃହ ବାହାରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଯଦି ସରକାରଙ୍କ ଆଗ୍ରହ ଥାଆନ୍ତା, ତାହେଲେ ବିଧାନସଭାରେ ବାଚସ୍ପତି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଅନୁମତି ଦେଇଥାନ୍ତେ। ଚାଷୀମାନେ ସାର ନପାଇ ରାସ୍ତାରେ ଆନ୍ଦୋଳନ କରୁଛନ୍ତି। ମାତ୍ର ସରକାର ଏକଥାକୁ ଖାତିର କରୁନାହାନ୍ତି। ଚାଷୀଙ୍କୁ ଉପଯୁକ୍ତ ପରିମାଣରେ ସାର ଯୋଗାଇବାରେ ସରକାର ବିଫଳ ହୋଇଥିବା ବେଳେ ସାର କଳାବଜାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ସରକାର ଜାଣିଶୁଣି ବିଧାନସଭାରେ ଏନେଇ ଆଲୋଚନା କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ବାତିଲ୍ କରି ସାର ସମ୍ପର୍କରେ ଆଲୋଚନା କରିବାକୁ ଆମେ ବାରମ୍ବାର ଦାବି କରୁଛୁ। ମାତ୍ର ଚାଷୀଙ୍କ ଏହି ମୌଳିକ ସମସାର ସମାଧାନ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ବୋଲି ଶ୍ରୀମତି ମଲ୍ଲିକ ଅଭିଯୋଗ କରିଛନ୍ତି।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଗୃହ ବାହାରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟରେ ଚାଷୀଙ୍କୁ ସାର ମିଳୁନାହିଁ। ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ସମସ୍ୟା ନେଇ ଆମେ ମଧ୍ୟ ଆଲୋଚନା କରିବାକୁ ଚାହୁଁଛୁ। ଏଥିପାଇଁ ଆମେ ମଧ୍ୟ ନିଜ ଆସନରେ ଛିଡ଼ା ହୋଇ ଆଲୋଚନା କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲୁ। ରାଜ୍ୟର ଗରିବ, ଖଟିଖିଆ, ଚାଷୀଙ୍କ ଅର୍ଥରେ ବିଧାନସଭା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଧାନସଭାରେ ଆଲୋଚନା ସହ ଚାଷୀଙ୍କୁ ସାର ମିଳିବା ଆବଶ୍ୟକ। ମାତ୍ର ଏନେଇ ଆଲୋଚନା ନକରାଯାଇ, ବିଧାନସଭାକୁ ଉଦ୍ଦେଶ୍ୟମୂଳକ ଭାବେ ଠପ୍ କରିଦେବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଜର୍ଜ ତିର୍କୀଙ୍କୁ...

ପରେ ବିଧାନସଭା ପରିସରରେ ସ୍ୱର୍ଗତ ତିର୍କୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ୱର୍ଗତ ତିର୍କୀଙ୍କ ମରଶରୀରକୁ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

### ଟ୍ୟାକ୍ସି ଚାଳକଙ୍କୁ...

କରାଯାଇଥିବା ନେଇ ଗତ ୧୫ ତାରିଖରେ ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଅପହରଣକାରୀମାନେ ତାଙ୍କୁ ମୁଣ୍ଡଜାମିନ ରଖି ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନେ ଥାନାରେ ଅଭିଯୋଗ କରିବା ପରେ ଅପହରଣକାରୀମାନେ ତାଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିବା କହିଛନ୍ତି ପରିବାର ଲୋକ। ବିଦ୍ୟାଧରଙ୍କ ଗାଡ଼ି ବାରଙ୍ଗ-ଚନ୍ଦକା ରାସ୍ତାରେ ଛିଡ଼ା ହୋଇଥିବା ବେଳେ ମୃତଦେହ ରାସ୍ତା କଡ଼ରେ ଥିବା ପାଚେରି କଡ଼ରେ ପଡ଼ିଥିଲା। ଦେହରେ ଏକାଧିକ କ୍ଷତ ଚିହ୍ନ ଥିବା ସହ ବେକରେ ଏକ ଗାମୁଛା ପଡ଼ିଥିଲା। ପାଖରେ ଗାଡ଼ି ଚାବି, ପାଣି ବୋତଲ ଏବଂ ଛତା ରହିଥିଲା। ରାସ୍ତା ଉପରେ ଥିବା କାର୍ ଭିତରେ ମଦ ବୋତଲ ଏବଂ ବିଦ୍ୟାଧରଙ୍କ ମନି ପର୍ସକୁ ପୁଲିସ ଜବତ କରିଛି।

ବିଦ୍ୟାଧର ଭୁବନେଶ୍ୱର ଓ କଟକରେ ଟାକ୍ସି ଚଳାଉଥିଲେ। ଜଣେ ମହିଳାଙ୍କୁ ସେ ପ୍ରତିଦିନ ଭୁବନେଶ୍ୱରରୁ କଟକ ନେବା ଆଣିବା କରୁଥିଲେ ବୋଲି ତାଙ୍କର ସଂପର୍କୀୟ କହିଛନ୍ତି। ଗତ ୧୫ ତାରିଖ ଦିନ ଯାଜପୁର ଭଡ଼ାରେ ଯାଇ ଆଉ ତାଙ୍କର ଖୋଜ ଖବର ମିଳି ନ ଥିଲା। ଶୁକ୍ରବାର ମଙ୍ଗୁଳି ଟୋଲ୍ ଗେଟ ପାର୍ ହୋଇଥିବା ନେଇ ଟୋଲ୍ ଗେଟ୍ ଫି' ମେସେଜ୍ ସହ ଆସିଥିଲା ଦୁର୍ବୃତ୍ତଙ୍କ କଲ୍। ଘର ଲୋକଙ୍କୁ ଫୋନ୍ କରି ଦୁର୍ବୃତ୍ତମାନେ ୨କୋଟି ଟଙ୍କା ମୁଣ୍ଡ ଜାମିନ୍ ମାଗିଥିଲେ। ବଡ଼ଗଡ଼ ଥାନାରେ ଏନେଇ ଏତଲା ଦେଇଥିଲେ ପରିବାର ଲୋକେ। ହତ୍ୟା ପଛରେ ଟଙ୍କା କାରବାର କଥା ସାମ୍ନାକୁ ଆସୁଛି। ପୁଲିସ ସେହି ଦିଗରେ ତଦନ୍ତ କରୁଛି। ଚାକିରି ଦେବାକୁ କହି ବିଦ୍ୟାଧର ଏକାଧିକ ପିଲାଙ୍କଠାରୁ ଅର୍ଥ ନେଇଥିବା ଅଭିଯୋଗ ହୋଇଛି। ସମୟ ମଧ୍ୟରେ ଚାକିରି ଦେଇ ନ ପାରିବାରୁ ଟଙ୍କା ଦେଇଥିବା ଯୁବକମାନେ ଫୋନ୍ କରିଥିଲେ ମଧ୍ୟ ସେ ଉଠାଉ ନ ଥିଲେ। ତେଣୁ ଯୋଜନାବଦ୍ଧ ଭାବେ ସେମାନେ ବିଦ୍ୟାଧରକୁ ଉଠାଇ ନେଇଥିଲେ। ଟଙ୍କା ନ ମିଳିବାରୁ ସେମାନେ ବିଦ୍ୟାଧରକୁ ହତ୍ୟା କରି ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ବିଦ୍ୟାଧରଙ୍କ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରୁଛି। ବିଦ୍ୟାଧରକୁ ଫୋନ୍ କରିଥିବା କିଛି ଯୁବକଙ୍କୁ ଉଠାଇଆଣି ପୁଲିସ ପଚରାଉଚରା କରୁଛି।

### ମା' ସାମ୍ନାରେ...

ଦ୍ୱିପହରରେ ୩ ଜଣ ଯୁବକ ଆସି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ତାଙ୍କ ମା' ବାସନ୍ତୀଙ୍କୁ ଡାକିଥିଲେ। ବାସନ୍ତୀ ଆସି ସଂପୃକ୍ତ ଯୁବକମାନଙ୍କୁ ମନା କରିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ରାଜ୍ ମାଙ୍କୁ ବଞ୍ଚାଇବାକୁ ଆସିବା ପରେ ତାଙ୍କୁ ହତ୍ୟା କରି ସେମାନେ ଫେରାର ମାରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା ଆଲୋଚନା ହେଉଛି। ଟାଉନ ପୁଲିସ ତନାଘନା ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଅଟକ ରଖିଛି।

### ଧାନ ଚାଷକୁ...

ହେବା ନେଇ ସର୍ବାଧିକ ଆଶଙ୍କା ରହିଛି। ତେବେ ଲା-ନିନା ବର୍ଷରେ ଶୀତ ଅଧିକ ହୋଇଥାଏ। ଡିସେମ୍ବର ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀରୁ ୧.୫ ଡିଗ୍ରୀ କମିଥାଏ। ସର୍ବାଧିକ ତାପମାତ୍ରା ବିଶେଷ ପ୍ରଭାବିତ ହୁଏ ନାହିଁ। ରାତି ତାପମାତ୍ରା କମିବା ସହିତ ପାଗ ଶୁଖିଲା ହେତୁ ଶିଶିରପାତ ଅଧିକ ହୁଏ, ଯାହାକି ତୈଳବୀଜ ତଥା ଡାଲି ଜାତୀୟ ଓ ପନିପରିବା ଚାଷ ପାଇଁ ଭଲ। ଅକ୍ଟୋବର -ନଭେମ୍ବର ମାସରେ ବର୍ଷା ହେତୁ ରବି ଫସଲ ପାଇଁ ମାଟି ବତର ରହିବ। ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ମୁଗ, ବିରି, ସୋରିଷ, ଫସଲ ଲଗାଇବା ପାଇଁ ପାଗ ଅନୁକୂଳ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ଲା-ନିନା ଜନିତ ଫସଲ କ୍ଷତିକୁ କମାଇବା ପାଇଁ ଗାଁ, ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଜଳ ନିଷ୍କାସନ, ଫସଲ ଶୁଖିବା ପାଇଁ ମୋବାଇଲ୍ ଡ୍ରାଏର୍, ଥ୍ରେସିଙ୍ଗ ଫ୍ଲୋର୍‌ର ବ୍ୟବସ୍ଥା କରିବା ଆବଶ୍ୟକ। ଏଥିସହ ଉଚ୍ଚ ନିରାପଦ ସ୍ଥାନରେ ଅମଳ ଫସଲ ସାଇତି ରଖିବା, ଗୋ-ଖାଦ୍ୟର ଉପଲବ୍ଧତା ଏବଂ ବୀମାର ପ୍ରାପ୍ୟ ପାଇଁ ଫଟୋ ଏବଂ ରେକର୍ଡ ପ୍ରସ୍ତୁତ କରିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### 'କିଲର୍ ସ୍ୱାମୀ' ଦୀପକ...

ଅନ୍ୟପଟେ କଟକ ଗ୍ରାମାଞ୍ଚଳ ପୁଲିସ ଅପର୍ଣ୍ଣା ହତ୍ୟା ଅଭିଯୋଗର ତଦନ୍ତ ଚଳାଇଛି। ଦୁଇଟିଯାକ ଘଟଣାର ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ପୁଲିସ ଗୋଟିଏ ବି ଛୋଟ ପ୍ରମାଣକୁ ମଧ୍ୟ ହାତଛଡ଼ା କରିବାକୁ ଚାହୁଁନାହିଁ। ଆଜି ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତକାରୀ ଅଧିକାରୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଘଟଗାଁ ଯାଇଥିଲେ। ଶୁଭମିତ୍ରାଙ୍କ ହତ୍ୟା ପୂର୍ବରୁ ଗାତ ଖୋଳିଥିବା ଓ ପୋତିଥିବା ଜେସିବି ଚାଳକ ଓ ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ। ଦୁହିଁଙ୍କୁ ଘଟଗାଁ ଥାନାକୁ ଡକାଇ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଛି। ଜେସିବି ମେସିନକୁ କିଏ, କେତେବେଳେ ଓ କେତେଥର ଡକାଇଥିଲା, ସେନେଇ ପଚରାଉଚରା କରିଛି। ଜେସିବି ଚାଳକ ମଧ୍ୟ ଆରମ୍ଭରୁ ଶେଷଯାଏଁ ଗୋଟିଗୋଟି କରି ସବୁକଥା ପୁଲିସ ଆଗରେ ବଖାଣିଛି। ଶୁଭମିତ୍ରାଙ୍କ ଶବ ଜବତ ହୋଇଥିବା ଜମିର ମାଲିକ ଜଟିଆ ତାକୁ ପ୍ରଥମ ଦିନ ଡକାଇ ଏକ ପରିତ୍ୟକ୍ତ ଚାଳଘର ଭାଙ୍ଗିଥିଲା ଓ ଦୁଇଦିନ ପରେ ପୁଣିଥରେ ଡକାଇ ପାଇଖାନା ଟାଙ୍କି ପାଇଁ ଗାତ ଖୋଳାଇଥିଲା ବୋଲି ଚାଳକ କହିଛି। ଏଥିସହ ମୃତଦେହ ପୋତିବା ପରେ ମଧ୍ୟ ଜେସିବି ମେସିନ୍ ଡକାଇ ଗାତକୁ ପୋତିଥିଲେ ବୋଲି ସେ କହିଛି। ହେଲେ ସେତେବେଳେ ଗାତରେ ମୃତଦେହ ପୋତା ହେଉଥିବା ନେଇ ସେ ଜାଣିନଥିବା ପୁଲିସ ଆଗରେ କହିଛି। ସେପଟେ, ଜେସିବି ମେସିନ୍ ମାଲିକ ମଧ୍ୟ ପୁଲିସ ଆଗରେ ନିଜ ବୟାନ ରଖିଛନ୍ତି। ମୋଟ ୩ଥର ଜେସିବି ପଠାଇଥିବା ବେଳେ ସେହି ଦିନଗୁଡ଼ିକରେ ଅନ୍ୟ କେଉଁଠି ଜେସିବି ମେସିନ୍ ପଠାଇ କାମ କରିଛନ୍ତି, ସେନେଇ ପୁଲିସକୁ କହିଛନ୍ତି।

୨୦୨୨ ମାର୍ଚ୍ଚ ୧୭ ତାରିଖ ଦିନ ପ୍ରଥମ ପତ୍ନୀ ଅପର୍ଣ୍ଣା ଓ ଦୀପକ କାର୍ ଯୋଗେ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣୀ ଥାନା ରାଧାକିଶୋରପୁରଠାରେ ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଦୀପକ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲା। ପୁଲିସ ତଦନ୍ତ କରିଥିଲେ ମଧ୍ୟ ଟ୍ରକର ସଂପୃକ୍ତି ସ୍ପଷ୍ଟ ନହେବାରୁ ମାମଲା ବନ୍ଦ ବା ଫାଇନାଲ ଫର୍ମ (ଏଫ୍‌ଆରଟି ନୋ କ୍ଲୁ) କରି ଦେଇଥିଲା। ହେଲେ ଗତକାଲି ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନ ରାଉତଙ୍କ ଅଭିଯୋଗ ଆଧାରରେ ଖୁଣ୍ଟୁଣୀ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ତଥା କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସ ତଦନ୍ତ ଆରମ୍ଭ କରିଛନ୍ତି। ଶ୍ରୀ ଦାସ ଖୁଣ୍ଟୁଣୀ ଥାନାରୁ ଅପର୍ଣ୍ଣା ହତ୍ୟା ମାମଲା ଓ ପୂର୍ବରୁ ରୁଜୁ ହୋଇଥିବା ଦୁର୍ଘଟଣା ମାମଲାର ଏଫ୍‌ଆଇଆର୍ ନେଇଛନ୍ତି। ଏଥିସହ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ, ଦୁର୍ଘଟଣା ମାମଲାର ସାକ୍ଷୀମାନଙ୍କ ବୟାନ, ଜବତ ତାଲିକା ଓ ଫାଇନାଲ୍ ଫର୍ମ (ମାମଲା ବନ୍ଦ) ଜବତ କରିଛନ୍ତି। ଏସବୁ କାଗଜପତ୍ର ଜବତ ପରେ ଅପର୍ଣ୍ଣାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରାଯାଇଛି। ଅପର୍ଣ୍ଣାଙ୍କ ବାପା, ମାଆ, ଭଉଣୀ ଓ ଅନ୍ୟ ସଦସ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବୟାନ ରେକର୍ଡ କରିଛି ପୁଲିସ।


**Office of the Principal Sri Ram Higher Secondary School, Kashinagar, Gajapati**

**WALK-IN-INTERVIEW**

A Walk-In-Interview for the post of **Guest faculty in Mathematics** will be held in the Sri Ram Higher Secondary School, Kashinagar on **26/09/2025 at 11 am**. Candidates having 55% or more marks at Master Degree may attend the interview in the office of the undersigned with complete Biodata and a set of self-attested xerox copy of certificates along with original certificates, experience certificate, if any. No TA, DA will be provided for attending the interview. The undersigned reserves the right to cancel the interview without assigning any reason thereof.

Sd/- **PRINCIPAL**
Sri Ram Higher Secondary School
Kashinagar, Gajapati, Mobile - 9692803572

By Speed Post / e-Mail / WhatsApp

**ପୌର ପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି** C-1137

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

e-Mail: parala.mply@gmail.com

No. 3137 — Date: 19.09.2025

**QUOTATION CALL NOTICE**

The Executive Officer, Paralakhemundi Municipality invites quotations in sealed cover from the intending Suppliers / Dealers / Manufacturers having expertise in STQC Certified CCTV System for supply and installation of CCTV at Office of Paralakhemundi Municipality. The quotation paper may be obtained from the office only during working hours by paying Rs. 2,000/- towards paper cost (non-refundable) in shape of cash or DD in any nationalized bank. The quotation must reach the undersigned on or before Dt. 04-10-2025 upto 1.00 PM Through Regd. Post / Speed Post. The quotation paper should be accompanied with valid GST registration Certificate and PAN Card. The bid will be opened on Dt. 04-10-2025 at 04.00 PM by the Tender Committee in presence of the quotationers or their authorized representatives.

The undersigned reserves the right to reject/accept any or all the quotation received without any reason thereof.

**Sd/- Executive Engineer**
**Paralakhemundi Municipality**

**OIPR-13145/11/0038/2526**

**ADVERTISEMENT FOR WALK-IN-INTERVIEW AT EMRS, RAMPILO, JAJPUR**

**Walk-in-Interview for Guest staff (Non-Teaching) — Academic Session 2025-26**

Eklavya Model Residential School (EMRS), Rampilo invites applications for attending an walk-in-interview on 17 October 2025 from interested and eligible agencies for the following outsourcing guest staff in Ekalavya model residential Rampilo jajpur. The posts are purely temporary in nature. A detail of the posts and application form can be obtained from the district NIC website: (WWW.JAJPUR.NIC.IN) and (HTPS:// NESTS.TRIBAL.GOV.IN )

| | | | | | |
|---|---|---|---|---|---|
| 1. | Male Warden - 01 post | 2. | Female Warden - 01 post | 3. | Counsellor - 01 post |
| 4. | Female Staff Nurse - 01 post | 5. | Assistant Cook - 04 post | 6. | Electrician-cum-Plumber - 01 post |
| 7. | Housekeeping Staff - 01 post | 8. | Peon - 01 post | 9. | Chowkidar - 02 post |
| 10. | JSA - 01 post | | | | |

**Eligibility:** The eligibility criteria will be as per Letter No. - 1. Letter No - NESTS/NESTS-Circulars/129/2025-26 dtd 29/08/2025, 2. Letter No - NESTS/H-1/124/NESTS-Guidelines/2025-26 dtd 26/08/2025, 3. Letter No - NESTS/Admin/Recruitment & RO/2023 dtd 26/07/2024 **Or** •Letter No- 405/omtes-Epu-misc-0013-2024/OMTES, Bhubaneswar dt. 07-04-2025 •Letter No- NESTS/H-1/121/NESTS-Guidelines/2025-26 dtd 26-08-2025

**Selection Process:** The selection process will be conducted as per the previous three years' service records.

**How to Apply:** Interested and eligible agencies must submit their application forms along with self-attested copies of the required documents to the school office on or before 16 October 2025. A copy of which is enlosed with this notification.

**Sd/- Principal, EMRS, Rampilo**

No.: 733 — Date: 20.09.2025

**TENDER CALL NOTICE**

**Supply, Instllation and Commissioning of 60 MT capacity fully electronic Weighbridge (Type-Pitless kind) with ancillary infrastructure on Turn Key basis with A.M.C. at Model Mandi, Chatra Market Yard under R.M.C., Jagatsinghpur**

The Sub-Colector-cum-Chairman, R.M.C., Jagatsinghpur invites sealed tender (in two bid system) from reputed manufacturer/Authorized Dealers having valid License "For manufacturer, supply, installation and commissioning of 1 (one) 60 MT Weighbridge (Pitless type) with ancillary infrastructure on turn key basis," The detail information and tender document shall be hanged in the notice board of R.M.C., Jagatsinghpur which can be collected from the office of the R.M.C., Jagatsinghpur and submitted alongwith tender paper cost of Rs.5,000.00 (non-refundable) inclusive of GST and EMD as prescribed in the DTCN. The last date and time for submission of tender in the office of the R.M.C., Jagatsinghpur is Dt.03.10.2025 by 2.00 P.M. and the Techno Commercial Bid will be opened on Dt.03.10.2025 at 4.30 P.M. The authority reserves the right to accept or reject any or all the tender or cancel the entire tender without assigning any reason thereof.

**Sd/- Sub-Collector-cum-Chairman**
**R.M.C., Jagatsinghpur**

## ପାରାଦୀପ ବିଶ୍ୱକର୍ମା ପୂଜା

# ଚତୁର୍ଥ ଦିବସରେ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ

ପାରାଦୀପ,୨୦।୯ (ସମିସ):

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଚତୁର୍ଥ ଦିବସରେ ପହଞ୍ଚିଛି। ଭିନ୍ନ କଳାକୃତିରେ ଶୋଭା ପାଉଥିବା ପୂଜା ମଣ୍ଡପରେ ଗହଳି ଦେଖିବାକୁ ମିଳିଥିଲା। ଆଜି

- ଭିନ୍ନ କଳାକୃତିରେ ଶୋଭାପାଉଛି ପୂଜା ମଣ୍ଡପ
- ବଡ଼ପଡ଼ିଆ ଥାନା ଛକରୁ ଜୟଦେବ ସଦନ ଛକ ଲୋକାରଣ୍ୟ



ଅପରାହ୍ନରୁ ଗହଳି ବଢ଼ି ଚାଲିଥିବାବେଳେ ସନ୍ଧ୍ୟା ୭ଟାରେ ବଡ଼ପଡ଼ିଆ ଥାନା ଛକରୁ ଜୟଦେବ ସଦନ ଛକ ଦେଇ ହୋଟେଲ ଏମ୍ପାୟାର୍ସ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା। ପୂଜା ଯେତିକି ଶେଷ ହୋଇଆସୁଛି, ଦର୍ଶକଙ୍କ ସଂଖ୍ୟା ବଢି ଚାଲିଛି। ସେପଟେ ବେଳାଭୂମିରେ ଚାଲିଥିବା ବାଣିଜ୍ୟ ମେଳାରେ ମଧ ବହୁ ସମାଗମ ହୋଇଥିଲା। ପାରାଦୀପ ସହର ବ୍ୟତୀତ ମେରାଇନ ରାସ୍ତା ଓ ସମୁଦ୍ର ବେଳାଭୂମିରେ ଗହଳି ରହିଛି। ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା କୁହାଯାଉଛି।

ଆସନ୍ତାକାଲି ରବିବାର ଛୁଟିଦିନ ଥିବାରୁ ଅଧିକ ଗହଳି ହେବା ନେଇ ଆଶା କରାଯାଉଛି। ଗହଳି ପାଇଁ ମୋବାଇଲ ମଧ କାମ କରୁନାହିଁ। ସନ୍ଧ୍ୟାରୁ ରାତି ୧୧ ପର୍ଯ୍ୟନ୍ତ ନେଟୱାର୍କ ନ ଥିବାରୁ ମୋବାଇଲ କାମ କରୁ ନ ଥିବା ଜଣାପଡିଛି। ଖାଇବା ଷ୍ଟଲ, ଘରକରଣା ଷ୍ଟଲ, ପୌର ପ୍ରଶାସନର ସାମର୍ଥ୍ୟ ଷ୍ଟଲ, ଓରମାସ ଓ ଫାଷ୍ଟଫୁଡ ଷ୍ଟଲରେ ଗହଳି ଥିଲା। ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଅଭ୍ୟର୍ଥନା ପ୍ରକୋଷ୍ଠରେ ପୌରାଧ୍ୟକ୍ଷଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପୂଜାକୁ ତଦାରଖ କରିଥିଲେ। ଲୋକଙ୍କୁ ସଚେତନ ରହିବାକୁ ପୌର ପ୍ରଶାସନ ପକ୍ଷରୁ ଡାକବାଜି ଦ୍ୱାରା ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ପଲିଥିନ ବ୍ୟବହାର ନ କରିବାକୁ ବାରମ୍ବାର ସଚେତନ କରାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପଦାର୍ଥ ଯାଞ୍ଚ କରାଯାଉନାହିଁ। ଏଥପ୍ରତି ପୌର କର୍ତ୍ତୃପକ୍ଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ● ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ଥାନା ବାରଣ୍ଡାରେ ଧାରଣାରେ ବସିଲେ ବିଧାୟକ



ରାଜନଗର, ୨୦।୯ (ସମିସ): ଦଳିତ ମହିଳା ସରପଞ୍ଚଙ୍କୁ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୁଲିସ ନୀରବତା ଉପରେ ପ୍ରଶ୍ନ ଉଠାଇବା ସହିତ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ରାଜନଗର ଥାନା ଆଗରେ ୩ ଦିନ ଧରି ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସି ରହିଥିବାବେଳେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଥାନା ସମ୍ମୁଖ ଫାଟକ ଆଗରେ ଧାରଣାରେ ବସି ରହିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନ ଥିବାରୁ ଆଜି ରାତି ପ୍ରାୟ ୯ଟାବେଳେ ରାଜନଗର ବିଧାୟକ ପହଞ୍ଚି ଥାନା ବାରଣ୍ଡାରେ ବସିଥିଲେ। ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ, ଜିଲ୍ଲା ଲୋହିଆ ମଞ୍ଚ ମହିଳା ସଭାପତି ପ୍ରମିଳା ସେଠୀ, ଜିଲ୍ଲା ସଭାପତି ରବୀନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଲିକ, ଜିଲ୍ଲା ପଟ୍ଟାମୁଣ୍ଡାଇ ଦଳିତ ଜାତିସଙ୍ଘର କଳ୍ପତରୁ ମଲିକ, ସଭାପତି ପଟ୍ଟାମୁଣ୍ଡାଇ ବ୍ଲକ୍ ପରୀକ୍ଷିତ ମଲିକ, ସମ୍ପାଦକ ପଟ୍ଟାମୁଣ୍ଡାଇ ବ୍ଲକ୍ ଈଶ୍ୱର ମଲିକ, ସମ୍ପାଦକ ରାଜନଗର ବ୍ଲକ୍ ବାବନ ଜେନା ପ୍ରମୁଖ ଧାରଣାରେ ବସିଥିଲେ। ସେମାନଙ୍କ ସହ ବିଧାୟକ ୧ ଘଣ୍ଟା ଧରି ଧାରଣାରେ ବସିଥିଲେ। ଅତିରିକ୍ତ ଏସପି ସୁଧାକର ସାହୁ, ଏସଡିପିଓ କ୍ଷମାସାଗର ପଣ୍ଡା ବିଧାୟକ ଓ ଦଳିତ ସଙ୍ଘର ନେତା ଓ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ବିଧାୟକ, ସରପଞ୍ଚ ଓ ଦଳିତ ନେତା ଧାରଣାରୁ ଉଠିଛନ୍ତି। ୧୫ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ରାଜନଗର ଥାନା ଆଗରେ ଆଇନଅମାନ୍ୟ ଆନ୍ଦୋଳନ ସହିତ ଥାନା ଘେରଉ କରାଯିବ ବୋଲି ବିଧାୟକ ଓ ଦଳିତ ନେତା ପୁଲିସକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଗଳଧାରୀ ପଞ୍ଚାୟତରେ ସରକାରୀ ଜମି ସୀମା ନିର୍ଦ୍ଧାରଣ

ନାଉଗାଁ, ୨୦।୯ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଧାରୀ ପଞ୍ଚାୟତରେ ଥିବା ସରକାରୀ ଜମିକୁ କେତେକ ବ୍ୟକ୍ତି ବର୍ଷ ବର୍ଷ ଧରି ଜବରଦଖଲରେ ରଖିଛନ୍ତି। ସରକାରୀ ଜମିରେ ସୀମା ଚିହ୍ନଟ ପାଇଁ ସରପଞ୍ଚ ଦିଲ୍ଲୀପ ନାୟକଙ୍କ ଅଭିଯୋଗକ୍ରମେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଆଦେଶ ପ୍ରଦାନ କରାଯାଇଛି। ଏହି ଆଦେଶ ଅନୁଯାୟୀ ଆଜି ନାଉଗାଁ ତହସିଲ ପକ୍ଷରୁ ପୁଲିସ ବାହିନୀ ସହାୟତାରେ ଗଳଧାରୀ ମୌଜାର ଖାତାନଂ ୧୦୫୮, ଏ ୭.୫୦ଡି ଓ ଖାତା ନଂ୧୦୫୯, ଏ୩୨.୨୨ଡିର ସୀମା ନିର୍ଦ୍ଧାରିତ କରାଯାଇଛି। ଅତିରିକ୍ତ ତହସିଲଦାରଙ୍କ ସମେତ ରାଜସ୍ୱ ନିରୀକ୍ଷକ, ସରକାରୀ ଅମିନ, ଥାନା ଅଧିକାରୀ, ସରପଞ୍ଚ ଉପସ୍ଥିତ ଥିଲେ।

## କୀଟନାଶକ ଦୋକାନରେ ଅଗ୍ନିକାଣ୍ଡ



ନାଉଗାଁ,୨୦।୯ (ସମିସ): ନାଉଗାଁ ହାଟ ଶ୍ରୀଜଗନ୍ନାଥ କୀଟନାଶକ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏହା ଜାଣିବା ପରେ ଦୋକନ ମାଲିକ ସତ୍ୟରଞ୍ଜନ ଦାସ ଦୋକାନ ଉପର ଗୃହରେ ଥିବା ପରିବାର ଲୋକଙ୍କୁ ସୁରକ୍ଷିତ ଭାବେ ଛାତ ଉପରକୁ ନେଇଯାଇ ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଦୋକାନର ୯୦ ପ୍ରତିଶତ ସାମଗ୍ରୀ ପୋଡ଼ିଯାଇଥିଲା।

## ଗଞ୍ଜେଇ ଜବତ; ୨ ଗିରଫ

ନାଉଗାଁ,୨୦।୯ (ସମିସ): ନାଉଗାଁ ଥାନା ଆଇଆଇସି ପ୍ରଦୀପ୍ତ କାନୁନଗୋଙ୍କ ତତ୍ତ୍ୱାବଧାନରେ ଏସଆଇ ଜାକସନ ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗତକାଲି ରାତିରେ ଗଳଦାରୀ ଛକ (ଦେବିଦୋଳ) ନିକଟରେ ସର୍ଚ୍ଚ ଅପରେସନ କରିଥିଲା। ଏହି ଅପରେସନ୍ ସମୟରେ ନିଆଳି ଥାନା ଅଞ୍ଚଳର ପଟେଣୀବାଣପୁର ଗ୍ରାମର ଅଭୟ ଜେନା, ନାଉଗାଁ ଥାନା ଅଞ୍ଚଳ ବୋଦଳ ଗ୍ରାମର ଉମେଶ ମୁଦୁଲିଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ୨ କିଲୋ ୭୯୨ ଗ୍ରାମ ଗଞ୍ଜେଇ ଓ ୭୮୧୦ ଟଙ୍କା ଜବତ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୪୦ ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗିରଫ ଦୁଇଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଶିଆଳି ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ



ବାଲିକୁଦା,୨୦।୯ (ସମିସ): ଶିଆଳି ବେଳାଭୂମିରେ ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଓ ସାଗର ବନ୍ଧୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହୋଦଧି ଆଳତୀ ପରେ ସାଗର ବକ୍ଷକୁ ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା ମୁକ୍ତ କରିବାକୁ ସଂକଳ୍ପ ପାଠ କରାଯାଇଥିଲା। ଉତ୍କଳ ସେବା ନିବୃତ୍ତ ସେନାନୀ ସଙ୍ଘର ଜେନେରାଲ ସେକ୍ରେଟାରୀ ପ୍ରଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସଭାପତି ସୋମନାଥ ମହାରଣା, ବିପିନ ମୁଦୁଲି, ଶିବଚରଣ ମଲ୍ଲିକ, ଜଗନ୍ନାଥ ଦାସ, ଜ୍ୟୋତିରଞ୍ଜନ ଦାସ, ଜଟାଧାରୀ ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ମଲ୍ଲିକ, ଗୁରୁଚରଣ ସ୍ୱାଇଁ, ନାଗୁଚରଣ ଦେବତା, ଜିଲ୍ଲା କର୍ଯ୍ୟବାହ ଜିତେନ୍ଦ୍ର ବିଶ୍ୱାଳ, ନାରାୟଣ ନନ୍ଦ, ଏରସମା ଖଣ୍ଡ କାର୍ଯ୍ୟବାହ କୃଷ୍ଣଚନ୍ଦ୍ର ଘଡ଼ାଇ, ବସନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଜଗତସିଂପୁର ସାଂସଦ ପ୍ରତିନିଧି ଜଟାଧାରୀ ସ୍ୱାଇଁ ଓ ପୂର୍ବତନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ଓଝା, ଅନୀଲ ସ୍ୱାଇଁଙ୍କ ସହ ସ୍ଥାନୀୟ ଯୁବ ସଂଗଠନ ଓ ସମାଜସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ସୃଜନର ସୁଗନ୍ଧ'ର ପୂଜା ସଂଖ୍ୟା ଉନ୍ମୋଚିତ

ଏରସମା, ୨୦।୯ (ସମିସ): ସାହିତ୍ୟ ପତ୍ରିକା 'ସୃଜନର ସୁଗନ୍ଧ'ର ଶାରଦୀୟ ସଂଖ୍ୟା ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଛି। ଅବସରପ୍ରାପ୍ତ ଅଧକ୍ଷ ଡଃ ସର୍ବେଶ୍ୱର ସେଣ ମୁଖ୍ୟଅତିଥି ଭାବେ ଯୋଗଦେଇ ପତ୍ରପତ୍ରିକା ସାହିତ୍ୟର ବାର୍ତ୍ତାବହ ବୋଲି କହିଥିଲେ। ବିଡିଓ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟବକ୍ତା, ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା, ନାଟ୍ୟକାର ରଘୁନାଥ ସାହୁ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ନିଖିଳ ଉତ୍କଳ କୃଷକ ସଭାର ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୃଜନର ସୁଗନ୍ଧର ପୂଜା ସଂଖ୍ୟା ଉନ୍ମୋଚନ କରିଥିଲେ। ଜ୍ଞାନରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମୃତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ଓ ପରିମଳ ସମ୍ପର୍କିତ ତାଲିମ

ରଘୁନାଥପୁର,୨୦।୯ (ସମିସ): ରଘୁନାଥପୁର ବ୍ଲକ ସଭାକକ୍ଷରେ ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା ଓ ପରିମଳ ସମ୍ପର୍କିତ ଏକଦିବସୀୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିମଳ ବିଭାଗ କର୍ମଚାରୀ ଯୋଗଦେଇଥିଲେ। ମୁଖ୍ୟ କିରାଣି ବିଜୟ ମଲ୍ଲିକ, ଆକାଉଣ୍ଟ ଅଫିସର ବୈରାଗୀ ସେଠୀ ଓ ବିଆରସି ଇତିସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜନପ୍ରତିନିଧି ସେମାନଙ୍କ ପଞ୍ଚାୟତରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଇ ସମାଜରେ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତ୍ୟେକ ପରିବାରରେ ଉତ୍ତମ ପରିମଳ ବ୍ୟବସ୍ଥା ଓ ବାହାର ପରିବେଶକୁ ମଳମୁକ୍ତ ରଖିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପରେ ବ୍ଲକ୍ ପରିସର ସଫେଇ କରାଯାଇଥିଲା।

# ପାରାଦୀପରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ

ପାରାଦୀପ,୨୦।୯ (ସମିସ): ଦେଶ ବ୍ୟାପି ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ ପାଇଁ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉଦଘାଟନ କରିଛନ୍ତି। ଗୁଜୁରାଟର ଭାବନଗରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ପାରାଦୀପ ବନ୍ଦରର ଦକ୍ଷିଣ କନେର ବର୍ଥ, ସାଉଥ କେୱର ଯାନ୍ତ୍ରୀକିକରଣ, ବହୁମୁଖୀ ପଣ୍ୟବର୍ଥର ଯାନ୍ତ୍ରୀକିକରଣ, ଉର ଡକ୍ କମ୍ପ୍ଲେକ୍ସ-୩ର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ପାରାଦୀପ ବନ୍ଦର ଜୟଦେବ ସଦନରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ। ଭାବନଗରଠାରେ ଅନୁଷ୍ଠିତ ହେଉଥିବା ଟ୍ରାନଫରମିଂ ମେରିଟାଇମ୍ ସେକ୍ଟର କନକ୍ଲେଭରେ ଶୁକ୍ରବାର ଦିନ ଗଂଜାମ ଜିଲ୍ଲାର ବାହୁଦ ମୁହାଣରେ ଏକ ବନ୍ଦର ନିର୍ମାଣ ନିମନ୍ତେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଓଡିଶା ସାମୁଦ୍ରିକ ବୋର୍ଡ ଓ ଭାରତ ସରକାରଙ୍କ ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ମଧ୍ୟରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୧,୫୦୦ କୋଟି ଟଙ୍କା



ବିନିଯୋଗରେ ୫୦୦୫ ଏକର ଲୁଣା ଜମିରେ ଏହି ବନ୍ଦର ପାରାଦୀପ ବନ୍ଦରର ସାଟେଲାଇଟ୍ ବନ୍ଦର ହେବ। ଏହି ବନ୍ଦରରେ ବାର୍ଷିକ ୧୫୦ ଏମଏମଟି ପଣ୍ୟ କାରବାର ହେବା ଲକ୍ଷ୍ୟ ରଖାଯାଇଛି। ଏଥିସହିତ କେନ୍ଦ୍ରାପଡା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ନିମନ୍ତେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଓଡିଶା ସାମୁଦ୍ରିକ ବୋର୍ଡ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହାନଦୀ ଅବବାହିକାରେ ପ୍ରସ୍ତାବିତ ଏହି କ୍ଲଷ୍ଟରରେ ୧ ନିୟୁତ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ନିର୍ମାଣ ହେବା ସହିତ ଦୁଇରୁ ଅଢେଇ ଏକର ଜମିରେ ଜାହାଜ ଇଂଜିନ୍ ନିର୍ମାଣ କରାଯିବ। ଷ୍ଟିଲ ଫେବ୍ରିକେସନ୍, ଉପକରଣ ନିର୍ମାଣ କାରଖାନା, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର, ଗବେଷଣା କେନ୍ଦ୍ର ନିର୍ମାଣ ହେବ। ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ ଜାହାଜ ନିର୍ମାଣ କ୍ଷେତ୍ରରେ ଓଡିଶା ବିଶ୍ୱସ୍ତରୀୟ କେନ୍ଦ୍ର ହୋଇପାରିବ। ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି. ସାହୁ, ମୁଖ୍ୟ ଯାତାୟାତ ପ୍ରବନ୍ଧକ ଜି.ଏଡିସନ୍, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ।

## ଭୂତମୁଣ୍ଡାଇ ବିଦ୍ୟାଳୟ ପକ୍ଷରୁ 'ଆସ ସ୍କୁଲ ଯିବା' ପଦଯାତ୍ରା

ପାରାଦୀପ, ୨୦।୯ (ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଭୂତମୁଣ୍ଡାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହ ଗ୍ରାମ୍ୟ ପରିକ୍ରମା କରିଥିଲେ। ଛାତ୍ରୀମାନେ ଗୀତ ଓ ନୃତ୍ୟ ମାଧ୍ୟମରେ ସମାଜକୁ ଶିକ୍ଷାର ଗୁରୁତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ। ଯେଉଁ ପିଲା ଅଧାରୁ ପାଠପଢା ବନ୍ଦ କରୁଛନ୍ତି କିମ୍ବା ସ୍କୁଲକୁ ଆସୁନାହାନ୍ତି, ସେମାନଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନଶିକ୍ଷକ ଅସିତ୍ ସାହାଣୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମଧୁଛନ୍ଦା ମହାନ୍ତି, ରିତାରାଣୀ ପ୍ରଧାନ, ଜୟନ୍ତୀ ସ୍ୱାଇଁ, ଲଳିତା ପଶାୟତ, ରଶ୍ମିତା ଲେଙ୍କା, ଶୁଭଦର୍ଶିନୀ ବେହେରା, ଅର୍ଚ୍ଚନା ସାହୁ, ପ୍ରତୀମା କୁମାରୀ ଓ ଶିକ୍ଷାବିତ ରଞ୍ଜନ ସ୍ୱାଇଁ ଏହି ପଦଯାତ୍ରାରେ ସାମିଲ ଥିଲେ।



## ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ବୃକ୍ଷରୋପଣ



ଜଗତସିଂହପୁର,୨୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ତରଫରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ସଦସ୍ୟଙ୍କୁ ବୃକ୍ଷରୋପଣ ଲାଗି ଆଗ୍ରହୀ ହେବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବଛେତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ବଳରାମ ଦାସ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ସଂଘ ସଭାପତି ସୋମନାଥ ମହାରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେନାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କେଦାର ଦାସ, ଜଗନ୍ନାଥ ଦାଶ, ବିପିନ ମୁଦୁଲି, ଦିଲ୍ଲୀପ ରାୟ, ବିଜୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶତାଧିକ ଫଳ ଓ ଫୁଲ ଗଛ ଚାରା ଲଗାଯାଇଥିଲା।

## ଡିଆଇଇଟିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତଙ୍କ ସମାରୋହ



ଜଗତସିଂହପୁର,୨୦।୯ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଏହି ସଫଳତାକୁ ସହଯୋଗୀ ତଥା ଅନୁଷ୍ଠାନର ଗୁରୁ, ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିବା ପାଇଁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଧକ୍ଷ ରମେଶ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦାନ କରିଥିଲେ। ଶ୍ରୀ ପାତ୍ର ଗୁରୁ, ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟ ନିଷ୍ଠ ହେବା ଓ ବାସ୍ତବାନୁଭୁତିକୁ ଭିତ୍ତିକରି ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖିନ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ସମୂହ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ଏହି ପୁରସ୍କାରର ଶ୍ରେୟ ଅନୁଷ୍ଠାନର କର୍ମଚାରୀ ଓ ଗୁରୁ ଛାତ୍ରଛାତ୍ରୀ, ଜିଲ୍ଲାର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଜିଲ୍ଲା ପ୍ରଶାସନ, ଜିଲ୍ଲାର ସମସ୍ତ ଶିକ୍ଷା କର୍ମଚାରୀ, ଶିକ୍ଷକ ଓ ସମସ୍ତ ଜନପ୍ରତିନିଧିଙ୍କୁ ଅର୍ପଣ କରିଥିଲେ। ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜୟିନୀ ପ୍ରୟୋଗଶାଳା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜ ଅଭିଜ୍ଞତା ସମ୍ପର୍କରେ ମତବ୍ୟକ୍ତ କରି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

## ଡଗରପଡ଼ା ଭକ୍ତିବେଦାନ୍ତ ଆଶ୍ରମରେ ଚାରାରୋପଣ

କୁଜଙ୍ଗ,୨୦।୯ (ସମିସ): ବଣିତୋ ପଞ୍ଚାୟତର ଡଗରପଡା ଭକ୍ତିବେଦାନ୍ତ ଆଶ୍ରମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଶ୍ରମର ପ୍ରତିଷ୍ଠାତା ବାବା ବନମାଳୀ ଦାସମହାରାଜ କହିଥିଲେ, ସୃଷ୍ଟିର ଆଧାର ହିଁ ବୃକ୍ଷ। ବୃକ୍ଷ ବିନା ପ୍ରାଣ ସଞ୍ଚରିତ ହୋଇପାରିବନାହିଁ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଡଃ ସୁନାକର ବେହେରା, ଆଶ୍ରମ ଭଉଣୀ କୁନି ଅପା, ସେବିକା ରସପ୍ରିୟା ଦେବୀ, ଶିକ୍ଷକ ପ୍ରସନ୍ନ ବିଶ୍ୱାଳ, ଭାରତ ଭୂଷଣ ମହାପାତ୍ର, ରାହାମାର ବିପିନ ବରାଳ, ବିନୋଦ ବରାଳ, ସୌଭାଗ୍ୟ ନାୟକ, ଜିତେନ୍ଦ୍ର ସ୍ୱାଇଁ ଓ ଆଶ୍ରମ ଅନ୍ତେବାସୀ ଯୋଗ ଦେଇଥିଲେ। ଆଶ୍ରମ ପକ୍ଷରୁ ଆଗାମୀ ଦିନରେ ଗୋରଡ଼, ବଣିତୋ, ନୂଆପୋଖରୀ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ବାବା ବନମାଳୀ ଦାସ ମହାରାଜ ସୂଚନା ଦେଇଛନ୍ତି।

## ବଜ୍ରପାତରେ ଜଳିଗଲା ଗୁହାଳ, ମନ୍ଦିର ଆଂଶିକ କ୍ଷତିଗ୍ରସ୍ତ

ବାଲିକୁଦା,୨୦।୯ (ସମିସ): ଆଜି ମାଧାହ୍ନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟି ବାହାରଣା ପଞ୍ଚାୟତ ଜଇନାବାଦ ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ ଗୁହାଳ ପୋଡ଼ିଯାଇଥିବାବେଳେ ଇଚ୍ଛାପୁର ପଞ୍ଚାୟତ ନରଣପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କେନ୍ଦୁଳାଇଙ୍କ ମନ୍ଦିରର କିଛି ଅଂଶ ଭାଙ୍ଗିଯାଇଛି। ତିନିଘଣ୍ଟା ଧରି ତିନିଶହରୁ ଅଧିକ ଘଡଘଡି ହେବା ଫଳରେ ଲୋକେ ଭୟଭୀତ ହୋଇଯାଇଥିଲେ।





## ଜିଲ୍ଲାରେ ରହିଛି ୭୧୩.୫୯ କିମି ନଦୀବନ୍ଧ ଓ ୫୨୭.୦୮୮ କିମି କେନାଲ ରାସ୍ତା

# ପାଞ୍ଚବର୍ଷରେ ମରାମତିରେ ଖର୍ଚ୍ଚ ହୋଇଛି ୭୨୧୩.୯୩ ଲକ୍ଷ

ଜଗତସିଂହପୁର,୨୦।୯ (ସମିସ):

ଜଗତସିଂହପୁର ଜିଲ୍ଲାରେ ରହିଛି ୭୧୩.୫୯ କିଲୋମିଟର ନଦୀବନ୍ଧ ଓ ୫୨୭.୦୮୮ କିଲୋମିଟର କେନାଲ ବନ୍ଧ ରାସ୍ତା। ଏସବୁ ନଦୀବନ୍ଧ ଓ କେନାଲ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ବାବଦକୁ ବିଗତ ୫ ବର୍ଷ ମଧ୍ୟରେ ଜଳସମ୍ପଦ ବିଭାଗ ଖର୍ଚ୍ଚ କରିଛି ୭୨୧୩.୯୩ ଲକ୍ଷ ଟଙ୍କା। ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସଙ୍କ ଏ ସଂପର୍କିତ ଲିଖିତ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ତଥ୍ୟ ଦେଇଛନ୍ତି।

ଜଗତସିଂହପୁର ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୨୦୨୦-୨୧ରେ ୧୧୦.୪୯ ଲକ୍ଷ,୨୦୨୧-୨୨ରେ ୧୨୫.୮୨ ଲକ୍ଷ,୨୦୨୨-୨୩ରେ ୨୬୦.୯୮ ଲକ୍ଷ, ୨୦୨୩-୨୪ରେ ୨୫୦.୫୦ ଲକ୍ଷ ଓ ୨୦୨୪-୨୫ରେ ୨୬୪.୫୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅର୍ଥାତ୍ ଜଗତସିଂହପୁର ଜଳସେଚନ ବିଭାଗ ବିଗତ ୫ ବର୍ଷରେ ଖର୍ଚ୍ଚ କରିଛି ୧୦୧୨.୩୮ ଲକ୍ଷ। ସେହିପରି ୨୦୨୦-୨୧ରେ ମହାନଦୀ ସାଉଥ ଡିଭିଜନ ଅଧୀନସ୍ଥ ନଦୀବନ୍ଧ ଓ କେନାଲ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ୮୯୯.୨୭ ଲକ୍ଷ ଟଙ୍କା, ୨୦୨୧-୨୨ରେ ୧୮୧୨.୫୫ ଲକ୍ଷ, ୨୦୨୨-୨୩ରେ ୯୭୧.୫୯ ଲକ୍ଷ, ୨୦୨୩-୨୪ରେ ୧୧୬୦.୭୭ ଲକ୍ଷ ଓ ୨୦୨୪-୨୫ରେ ୧୨୦୫.୦୩ ଲକ୍ଷ ଏପରି ବିଗତ ୫ ବର୍ଷରେ ମୋଟ ୬୦୪୯.୨୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ନିମାପଡା ଡିଭିଜନ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ନଦୀବନ୍ଧ ଓ କେନାଲ ରାସ୍ତା ମରାମତିରେ କେବଳ ୨୦୨୪-୨୫ରେ ୪୨.୩୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅନ୍ୟପକ୍ଷରେ ପ୍ରାଚୀ ଡିଭିଜନ ଅଧୀନରେ ଥିବା ଜଗତସିଂହପୁର ଜିଲ୍ଲାର ନଦୀବନ୍ଧ ଓ କେନାଲ ରାସ୍ତା ରକ୍ଷଣାବେକ୍ଷଣରେ ୨୦୨୨-୨୩ରେ ୧୮.୦୦ ଲକ୍ଷ, ୨୦୨୩-୨୪ରେ ୪୨.୦୦ ଲକ୍ଷ ଓ ୨୦୨୪-୨୫ରେ ୫୦.୦୦ ଲକ୍ଷ ଏପରି ମୋଟ ୧୧୦.୦୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ମୁଖ୍ୟମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ଉଲ୍ଲେଖ ରହିଛି। ତେବେ ଏତେ ପରିମାଣରେ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ନଦୀବନ୍ଧ ଓ କେନାଲ ବନ୍ଧ ମରାମତି କାର୍ଯ୍ୟ ସଠିକ୍ ଭାବେ ହେଉ ନ ଥିବା ସାଧାରଣରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ୨୦୨୩ ଜୁଲାଇ ମାସରେ ତରିକୁନ୍ଦ ଓ ଦଳେଇଘାଇ ନିକଟ, ୨୦୨୫ ଜୁଲାଇରେ ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ଭାଙ୍ଗି ଘାଇ ସୃଷ୍ଟି ହେବା ଏହି ଅଭିଯୋଗର ସତ୍ୟତା ଉପରେ ମୋହର ଲଗାଇଛି। ମହାନଦୀ ଓ ଦେବୀନଦୀରେ ବନ୍ୟାଜଳ ପ୍ରବେଶ କଲାବେଳେ ମଧ ବିଭିନ୍ନ ସମୟରେ ନଦୀବନ୍ଧରେ ଘଳିଆ ପଡି ଚାଷଜମି ଓ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଉଦାହରଣ ରହିଛି। ତେଣୁ ଜଳସମ୍ପଦ ବିଭାଗ ଏସବୁ ପ୍ରତି ଦୃଷ୍ଟିଦେବା ଅତ୍ୟନ୍ତ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### କାଗଜ କଲମରେ ଚାଲିଛି ଗୁପ୍ତି ଫାଣ୍ଡି

# କାର୍ଯ୍ୟାଳୟ ନାହିଁ; ଦରମା ନେଉଛନ୍ତି କର୍ମଚାରୀ

ରାଜନଗର, ୨୦।୯ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଗୁପ୍ତି ଫାଣ୍ଡିର ଖୋଜ ଖବର ମିଳୁନି। ଫାଣ୍ଡି କେଉଁଠି ଅଛି, ଚାଲୁଛି କି ନାହିଁ, ତାହା କେହି ଜାଣିପାରୁନାହାନ୍ତି। ପୁଲିସ ବିଭାଗର ଫାଣ୍ଡି ଗାଏବ ହୋଇଯିବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସରକାରୀ ରେକର୍ଡରେ ଫାଣ୍ଡି ଅଛି, ଅଥଚ ଲୋକେ ଫାଣ୍ଡି କେଉଁଠି ଚାଲୁଛି, ତାହା ଜାଣିନାହାନ୍ତି। ପୁଲିସ ବ୍ୟବସ୍ଥାରେ କାଗଜପତ୍ରରେ କାହିଁକି ଏହି ଫାଣ୍ଡି ଚାଲୁଛି, ତାହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟାଳୟ ନାହିଁ, କିନ୍ତୁ ବସି ବସି ଦରମା ନେଉଛନ୍ତି କର୍ମଚାରୀ। ଗୁପ୍ତି ଫାଣ୍ଡି କାଗଜକଲମରେ ଚାଲିଥିବା ଅଭିଯୋଗ ହେଉଛି।

ବଙ୍ଗୀୟ ଭାଷାଭାଷୀ ଅଞ୍ଚଳ ତାଲଚୁଆଠାରେ ତାଲଚୁଆ ଫାଣ୍ଡି ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲା। କିନ୍ତୁ ତାଲଚୁଆଠାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହେବାପରେ ତାଲଚୁଆରୁ ଫାଣ୍ଡିକୁ ଗୁପ୍ତିକୁ ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ରାପଡା ଏସପିଙ୍କ ଚିଠ ନଂ୨୦୦୨/ଇ-୦୧/୦୭/୨୦୧୪ରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଗୁପ୍ତିଠାରେ ଫାଣ୍ଡି ଖୋଲାଯିବା ପାଇଁ ସରକାରୀ ସ୍ତରରେ ମଞ୍ଜୁରି ପ୍ରଦାନ କରାଯାଇ ଗୁପ୍ତି ପଞ୍ଚାୟତ ଅଫିସରେ କିଛି ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ଫାଣ୍ଡି କାର୍ଯ୍ୟକ୍ଷମ ହୋଇଥିଲା। ଏହି ଫାଣ୍ଡିରେ ଜଣେ ସବଇନ୍ସପେକ୍ଟର କିମ୍ବା ଏଏସଆଇ, ଜଣେ ହାବିଲଦାର ଓ ୪ ଜଣ କନଷ୍ଟେବଲ ପଦବୀ ମଞ୍ଜୁରି ହୋଇଛି। ବର୍ତ୍ତମାନ ଏହି ଫାଣ୍ଡିରେ ୨ ଜଣ କନଷ୍ଟେବଲ, ଜଣେ ସୁଇପର ଓ ୨ ଜଣ ହାବିଲଦାର ଡିଉଟି କରୁଥିବା ଦର୍ଶାଇ ଦରମା ସରକାରୀ ତହବିଲରୁ ନେଉଛନ୍ତି। ମାତ୍ର ଫାଣ୍ଡି କେବଳ କାଗଜ କଲମରେ ହିଁ ଚାଲୁଛି। ଦିନକୁ ଦିନ ରାଜନଗର ଅଞ୍ଚଳରେ ଆଇନଶୃଙ୍ଖଳା ବୃଦ୍ଧି ପାଉଥିବାବେଳେ ଫାଣ୍ଡି ଗାଏବ ହୋଇଯିବା ଘଟଣା ପ୍ରଶାସନର ଦୁର୍ବଳତାକୁ ପଦାରେ ପକାଉଛି। ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଅଞ୍ଚଳକୁ ପ୍ରତ୍ୟହ ଏକାଧିକ ବୋଟ ବାଂଲାଦେଶ ସମେତ ପଶ୍ଚିମବଙ୍ଗକୁ ଅବାଧରେ ଯା'ଆସ କରୁଛି। ଏମାନଙ୍କୁ ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଏ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ନିକଟରେ ଗୁପ୍ତି ଘାଟ ନିକଟରୁ ଜଣେ ଅନୁପ୍ରବେଶକାରୀକୁ ସ୍ଥାନୀୟ ଲୋକେ ଧରିବା ସହ ତା' ନିକଟରୁ ଗୋଟେ ବନ୍ଧୁକ ମଧ୍ୟ ଜବତ କରିଥିଲେ। ଏଥିସହ ଭିତରକନିକାକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକ ଗୁପ୍ତି ଜଳପଥ ଦେଇ ଭିତରକନିକା ଯାଇଥା'ନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ସହ ସାତଭାୟା, ଗୁପ୍ତି ଓ ଇଶ୍ୱରପୁର ପଞ୍ଚାୟତର ୬୦ଟି ରାଜସ୍ୱ ଗ୍ରାମର ଆଇନଶୃଙ୍ଖଳା ଦାୟିତ୍ୱ ଗୁପ୍ତି ଫାଣ୍ଡିକୁ ଦିଆଯାଇଛି। ସବୁଠୁ ବଡକଥା ହେଲା ଗୁପ୍ତି ଫାଣ୍ଡି ନିମନ୍ତେ ନିଯୁକ୍ତି ପାଇଥିବା କର୍ମଚାରୀ ଗୁପ୍ତି ଫାଣ୍ଡି କେଉଁଠି ସେମାନେ ଜାଣିଛନ୍ତି କି ନାହିଁ, ତାହା ମଧ୍ୟ ସନ୍ଦେହ। ଘର ପାଖରେ ପୁଲିସ ସେବା ପାଇବା ଖୁସିରେ ବିଭୋର ହୋଇପଡିଥିବା ୩ ପଞ୍ଚାୟତର ଅଧିବାସୀଙ୍କୁ ୨୫ କିମି ଦୂର ରାଜନଗର ଥାନାକୁ ଯିବାକୁ ପଡୁଛି। ରେକର୍ଡରେ ଫାଣ୍ଡି ଚାଲିବା, ଫାଣ୍ଡିରେ କର୍ମଚାରୀ ନିଯୁକ୍ତି ପାଇବା ଓ ସରକାରୀ ତହବିଲରୁ ଦରମା ନେଉଥିବାବେଳେ ଫାଣ୍ଡିର ଖୋଜଖବର ନ ମିଳିବା ଉଦବେଗ ସୃଷ୍ଟି କରିଛି। ତୁରନ୍ତ ଫାଣ୍ଡି କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସିପିଆଇଏମ୍‌ର ଗଣପ୍ରତିବାଦ ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ,୨୦।୯ (ସମିସ): ଚାଷୀଙ୍କୁ ସମବାୟ ସମିତି ଓ ଡିଲର ମାଧ୍ୟମରେ ପର୍ଯ୍ୟାପ୍ତ ସାର ଯୋଗାଣ, ସାରରେ କମ୍ପାନୀଙ୍କୁ ସବସିଡ ନ ଦେଇ ଚାଷୀଙ୍କୁ ସିଧାସଳଖ ଦିଆଯିବା, ପ୍ରକୃତ ଭାଗ ଚାଷୀ ଚିହ୍ନଟ କରି ଆବଶ୍ୟକ ସାର ଯୋଗାଣ, ଧାନ ବିକ୍ରି ପାଇଁ ଟୋକନ ବ୍ୟବସ୍ଥା, ପଟ୍ଟାମୁଣ୍ଡାଇ ବଜାର ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ, ବନ୍ୟାରେ କ୍ଷତିଗ୍ରସ୍ତ ଲୋକ ଓ ଚାଷୀଙ୍କୁ ରିଲିଫ ଓ ସହାୟତା ଯୋଗାଇ ଦିଆଯିବା ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲା ସିପିଆଇଏମଏଲ ଜିଲ୍ଲା କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇରେ ଗଣପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ପଟ୍ଟାମୁଣ୍ଡାଇ ମହାବୀର ବଜାରଠାରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ତହସିଲ ଅଫିସ ସମ୍ମୁଖରେ ସଂଜୀବ ରାଉତଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ବିଧାନ ଦାସ, ହିମାଦ୍ରୀ ଦାସ, ପ୍ରକାଶ ମଲ୍ଲିକ, ଅଶୋକ ଦାସ, ବସନ୍ତ ମଲିକ, ଶତ୍ରୁଘ୍ନ ରାଉତ, ଚିତ୍ତରଞ୍ଜନ ସେଠୀ, ବିଶ୍ୱଜିତ ରାଉତ, ମହେନ୍ଦ୍ର ସୂତାର, ଶମ୍ଭୁନାଥ ମଲିକ, ରତିକାନ୍ତ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ଓ ଚାଷୀ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପରେ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

## ଜମି ଅଧିଗ୍ରହଣ ପାଇଁ ତହସିଲଦାରଙ୍କ ନୋଟିସ୍

ଡେରାବିଶ,୨୦।୯ (ସମିସ): ଚାଟରାଚକଡ଼ା ପଞ୍ଚାୟତର ଚାଟରା ଓ ଗୋଲରାହାଟ ପଞ୍ଚାୟତ ତିଳକପୁର ଗ୍ରାମର କିଛି ଚାଷଜମିକୁ ଅଧିଗ୍ରହଣ କରାଯିବାକୁ ତହସିଲ ପକ୍ଷରୁ ଦୁଇ ପଞ୍ଚାୟତର ସର୍ବସାଧାରଣ ସ୍ଥାନରେ ନୋଟିସ୍ ଲାଗିଛି। ଇଡ୍‌କୋ ପକ୍ଷରୁ ସମ୍ପୃକ୍ତ ଗ୍ରାମରେ ୧୧୫ ଏକର ଜମି ଅଧିଗ୍ରହଣ କରିବା ପାଇଁ ଅତିରିକ୍ତ ଶାସନ ସଚିବଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଚିଠି ଆସିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଦୁଇ ଗ୍ରାମରେ ଜମି ଅଧିଗ୍ରହଣ କରିବା ପାଇଁ ନୋଟିସ୍ ଲଗାଯାଇଛି। ଏଥିନିମନ୍ତେ ଜନଶୁଣାଣି ହେବା ପରେ ଜମି ଅଧିଗ୍ରହଣ କରାଯାଇ ଅଧିକୃତ ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ସମାଜସେବୀ ଧରଣୀଧର ନାଥଶର୍ମାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୦।୯ (ସମିସ): ତରଡ଼ିପାଳ ପଞ୍ଚାୟତର ସମାଜସେବୀ ତଥା ପ୍ରାକ୍ତନ ସ୍ୱାସ୍ଥ୍ୟ ସହକାରୀ ଧରଣୀଧର ନାଥଶର୍ମା (୮୧)ଙ୍କ ହୃଦଘାତରେ ପରଲୋକ



ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଧୋୟାଞ୍ଚଳ ବିକାଶ ପରିଷଦ ସଭାପତି ରାଜକୁମାର ବିଶ୍ୱାଳ, ସମ୍ପାଦକ ନିମାଇଁ ଚରଣ ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ସୁଧୀର ନାଥଶର୍ମା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବସ୍‌ଷ୍ଟାଣ୍ଡ ସ୍ଥିତି ସମ୍ପର୍କରେ ବିଧାନସଭାରେ ଉଠିଲା ପ୍ରଶ୍ନ

ପଟ୍ଟାମୁଣ୍ଡାଇ,୨୦।୯ (ସମିସ): ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାକୁ ଉଚ୍ଛେଦ କରି ନୂତନ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗତ ସରକାର ସମୟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏହି ମଡେଲ ବସ୍‌ଷ୍ଟାଣ୍ଡର ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏବେ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଏବେ ଚାଲିଛି ଓ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ମଡେଲ ବସଷ୍ଟାଣ୍ଡ ନିର୍ମାଣ, ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ରାଜନଗର ବିଧାୟକ ଧ୍ରୁବ ସାହୁ ବିଧାନସଭାରେ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି। ଶ୍ରୀ ସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଏହି ବସ୍‌ଷ୍ଟାଣ୍ଡର ବ୍ୟୟ ଅଟକଳ ବୃଦ୍ଧି ପାଇ ୧୯ କୋଟି ୯୬ ଲକ୍ଷ ୩୪ ହଜାର ୧୪୩ ଟଙ୍କାରେ ପହଞ୍ଚିଛି। ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଯଥାଶୀଘ୍ର ଶେଷ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଥିଲେ।

## ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ

ପଞ୍ଚୁପାଣ୍ଡବ,୨୦।୯ (ସମିସ): ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ବଜ୍ରପାତରେ ଏକ ନଡ଼ିଆ ଗଛ ପୋଡ଼ିଯାଇଛି। ଆଜି ଦିନ ପ୍ରାୟ ୩ଟା ସମୟରେ ଘଡ଼ଘଡି ସହ ବର୍ଷା ହୋଇଥିଲା। ସେହି ସମୟରେ ରଙ୍ଗାଧର ନାୟକଙ୍କ ଘର ପଛ ପାଖରେ ଥିବା ନଡ଼ିଆ ଗଛରେ ବଜ୍ରାଘାତ ହୋଇ ପୋଡ଼ିଯାଇଥିବା ଜଣାପଡ଼ିଛି।

## ଡ୍ରାଇଭରଙ୍କୁ ମାଡ଼, ବସ୍ ସେବା ବନ୍ଦ

ମହାକାଳପଡ଼ା,୨୦।୯ (ସମିସ): ମହାକାଳପଡ଼ା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ନେଇ ଅଭିଯୋଗ ହୋଇଛି। ଏଥିପାଇଁ ଆଜି ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ସମସ୍ତ ବସ୍ ଡ୍ରାଇଭର ବସ୍ ନ ଚଳାଇ ବସ୍‌ଷ୍ଟାଣ୍ଡରେ ରଖିଦେଇଛନ୍ତି। ଫଳରେ ଯାତ୍ରୀ ପରିବହନ ବ୍ୟାହତ ହୋଇଛି। ଗତକାଲି ସନ୍ଧ୍ୟାରେ ମହାକାଳପଡ଼ା ବସ୍‌ଷ୍ଟାଣ୍ଡରୁ ଜମ୍ବୁ ପଞ୍ଚାୟତ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ମେର୍ଦ୍ଧା ଗ୍ରାମ ରାସ୍ତା ଭିଡ଼ ଥିବାରୁ ଦୁର୍ଘଟଣା ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ଡ୍ରାଇଭର ବିକାଶ ମଲ୍ଲିକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସମାନ ଘଟଣା ୧୨ ତାରିଖ ଦିନ ଖରିନାସୀ ଗ୍ରାମ ଦେଇ ବସ ଯାଉଥିବାବେଳେ କୌଣସି କାରଣକୁ ନେଇ ଡ୍ରାଇଭର ପ୍ରଦ୍ୟୁମ୍ନ ରାଉତଙ୍କୁ କିଛି ସ୍ଥାନୀୟ ଲୋକ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ବସ୍ ଡ୍ରାଇଭର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭାଗୀୟ ଅଧିକାରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଆନ୍ଦୋଳନରତ ଡ୍ରାଇଭରଙ୍କ ସହିତ ଆଲୋଚନା କରିଛନ୍ତି। ଏହାପରେ ବସ୍ ସେବା ଆରମ୍ଭ ହୋଇଥିବା ଜଣାପଡ଼ିଛି।

## କୁମ୍ଭୀର ଆକ୍ରମଣର ଶିକାର ମହିଳାଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା, ୨୦।୯ (ସମିସ): ଗତକାଲି କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ଲକ୍ଷ୍ମୀ ଦଳାଇଙ୍କ ମୃତଦେହ ଶନିବାର ସକାଳେ ଉଦ୍ଧାର କରାଯାଇଛି। ଶୁକ୍ରବାର ରାତି ପର୍ଯ୍ୟନ୍ତ ଉଦ୍ଧାରକାରୀ ଦଳ ଓ ଗ୍ରାମବାସୀ ଗୋବରୀ ନଦୀରେ ବହୁ ଖୋଜାଖୋଜି କରିଥିଲେ ହେଁ କୌଣସି ପତ୍ତା ପାଇ ନ ଥିଲେ। ଶନିବାର ସକାଳ ପ୍ରାୟ ୬ଟା ସମୟରେ ନଦୀରେ ଜୁଆର ଛାଡ଼ ହୋଇଥିବାବେଳେ ଲକ୍ଷ୍ମୀଙ୍କ ମୃତଦେହ ନଦୀରେ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଓ ସ୍ଥାନୀୟ ମତ୍ସ୍ୟଜୀବୀ ଡଙ୍ଗି ସାହାଯ୍ୟରେ ନଦୀରୁ ମୃତଦେହ ଉଦ୍ଧାର କରିଥିଲେ।

## ବଜ୍ରପାତରେ ମଇଁଷି ମୃତ

ଆଳି, ୨୦।୯ (ସମିସ): ଆଳି ନରେନ୍ଦ୍ରପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରାଘାତରେ ଉକ୍ତ ଗ୍ରାମର ନନ୍ଦକିଶୋର ପଲେଇଙ୍କ ଗୋଟିଏ ମଇଁଷିର ମୃତ୍ୟୁ ହୋଇଛି। ନନ୍ଦକିଶୋର ମଇଁଷି ଚରାଇବାକୁ ଯାଇଥିବାବେଳେ ଅପରାହ୍ନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ସେ ମଇଁଷିଙ୍କୁ ଘରକୁ ଆଣୁଥିବା ସମୟରେ ବଜ୍ରାଘାତରେ ଗୋଟିଏ ଧଣୁଆ ମଇଁଷି ପ୍ରାଣ ହରାଇଥିଲା। ଅନ୍ୟ ମଇଁଷି ଆଂଶିକ ଆହତ ହୋଇଥିବା ଜଣାପଡିଛି।

## ଦୁର୍ଘଟଣାରେ ମହିଳା ଆହତ

ଆଳି, ୨୦।୯ (ସମିସ): ସଂସିଧା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ମାନସୀ ଦାସ (୪୫) ଆଜି ମଧ୍ୟାହ୍ନରେ ପୁଅ ସହ ବାଇକ୍‌ରେ ଆଳିରୁ ଗ୍ରାମକୁ ଫେରୁଥିବାବେଳେ ଭୂଇଁପୁର ଖରଖରି ବଜାର ଛକରେ କୁକୁର ବାଇକ୍ ଆଗକୁ ଆସିଯିବାରୁ ସେ ବାଇକ୍‌ରୁ ଖସି ପଡ଼ିଥିଲେ। ମାନସୀଙ୍କ କାନ୍ଧ, ହାତ, ମୁଣ୍ଡ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ସେହି ରାସ୍ତା ଦେଇ ଯାଉଥିବା ଆଳି ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ମାନସୀଙ୍କୁ ଉଦ୍ଧାର କରି ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

## ଡେରାବିଶରେ ୟୁରିଆ ସାରର ଉତ୍କଟ ଅଭାବ; ଚିନ୍ତାରେ ଚାଷୀ

ଡେରାବିଶ, ୨୦।୯ (ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳରେ ଧାନଚାଷ ପାଇଁ ୟୁରିଆ ସାରର ଉତ୍କଟ ଅଭାବ ଦେଖାଦେଇଛି। ୨୭ଟି ପଞ୍ଚାୟତରେ ପାଖାପାଖି ୪୦୦୦ ଏକର ଜମିରେ ଧାନଚାଷ ହୋଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସମବାୟ ସମିତି ଜରିଆରେ ଧାନ ବିହନ ଯୋଗାଇ ଦିଆଯାଇଥିଲା। ଏଥିସହ ୧୦ଟି ସମବାୟ ସମିତି ମାଧ୍ୟମରେ ରୁଆ ବେଉଷଣ ସମୟରେ ପଟାସ୍ ଓ ଡିଏପି ସାର ଯୋଗାଇ ଦେଇଥିଲେ। ସେତେବେଳେ ଏହି ସାର କମ୍ ପରିମାଣରେ ଆସିଥିଲେ ମଧ୍ୟ ଯେନତେନ ପ୍ରକାରେ ଚାଷୀ ବଜାରରୁ ଏହି ସାର କିଣି ସେମାନଙ୍କ ରୁଆବେଉଷଣ କାର୍ଯ୍ୟ ସାରିଥିଲେ। ଏବେ ଧାନ ଫସଲରେ ୟୁରିଆ ସାରର ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ରିହାତି ମୂଲ୍ୟରେ ୟୁରିଆ ଯୋଗାଣ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ମାର୍କଫେଡ୍ ଜରିଆରେ ଯୋଗାଇ ଦିଆଯାଉଥିବା ସାର ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଆଜି ସୁଦ୍ଧା ଗୋଟିଏ ଦୁଇଟି ସମିତିକୁ ଛାଡ଼ିଦେଲେ ଅନ୍ୟ ସମିତିରେ ୟୁରିଆ ସାର ଆଦୌ ନାହିଁ। ସମିତିର ସମ୍ପାଦକଙ୍କ କହିବା କଥା ହେଉଛି ସମିତିରେ ପାଖାପାଖି ୮୦୦ରୁ ୧୦୦୦ ଚାଷୀ ଥିବାବେଳେ ମାର୍କଫେଡ୍ ପକ୍ଷରୁ ୧୦୦ରୁ ୧୫୦ ବସ୍ତା ତ କେଉଁ ସମିତିକୁ ମାତ୍ର ୩୦୦ ବସ୍ତା ସାର ଦେଉଛନ୍ତି। ମାର୍କଫେଡ୍ ପକ୍ଷରୁ ଯୋଗାଇ ଦିଆଯାଇଥିବା ସାର ୩୦ରୁ ୪୦ ଭାଗ ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରିଛି। ଫଳରେ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣି ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ସମବାୟ ସମିତି ଜରିଆରେ ସାର ଯୋଗାଇ ଦିଆଯିବାକୁ ଅଞ୍ଚଳର ଦାବି କରିଛନ୍ତି।

## ୮ ନମ୍ବର (କ) କେନାଲ ମରାମତି କାମ ମନ୍ଥର ଅଭିଯୋଗ



ପଞ୍ଚୁପାଣ୍ଡବ,୨୦।୯ (ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡିରୁ ସଦାନନ୍ଦପୁର ଗ୍ରାମ ଦେଇ ଯାଇଥିବା କେନାଲରେ ପ୍ରାୟ ୬ ଦିନ ହେବ ଘାଇ ସୃଷ୍ଟି ହେଲାଣି। ଏହାର ମରାମତିରେ ବିଳମ୍ବ ହେଉଥିବା ଦେଖିବାକୁ ମିଳୁଛି। ଯଦ୍ଦ୍ୱାରା ଚାଷୀ ପାଣି ପାଇଁ ହନ୍ତସନ୍ତ ହେଉଥିବା ଚାଷୀ ବିଜୟ ମଲ୍ଲିକ କହିଛନ୍ତି। ୮ ନମ୍ବର (କ) କେନାଲରେ ଘାଇ ହୋଇ ଗୋବରୀ ନଦୀକୁ ପାଣି ଚାଲିଯାଉଥିବା ଖବର ସୋମବାର ଦିନ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ବିଭାଗୀୟ କର୍ମଚାରୀ ଘାଇ ସ୍ଥାନରେ ବାଲି ବସ୍ତା ଓ ମାଙ୍କଳା ପଥର ପକାଇ କାମ ସାରିଦେଇଥିଲେ। ଗତ ଦୁଇଦିନ ପରେ ସେହି କେନାଲରେ ବଡ଼ ଘାଇ ହୋଇ ଗୋବରୀ ନଦୀକୁ ପାଣି ଯାଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କୁ ଫୋନ ଯୋଗେ ଜଣାଇ ଦିଆଯାଇଥିଲା। ଯନ୍ତ୍ରୀ କର୍ମଚାରୀଙ୍କୁ ପଠାଇ ପ୍ରଥମେ ପାଣିକୁ ବନ୍ଦ କରାଇଥିଲେ। କେନାଲରେ ଘାଇ ସୃଷ୍ଟି ହୋଇଥିବାରୁ ପୋଲ ମୁଣ୍ଡ ଧସି କିଛି ଅଂଶ ଭାଙ୍ଗି ମାଟି ସହ ପଥର ନଦୀକୁ ଖସିଥିବା ଦେଖିବାକୁ ମିଳିଥିଲା। ଘାଇ ସୃଷ୍ଟି ହୋଇଥିବା ଜାଗାରେ କିଛିଦିନ ପୂର୍ବେ ମରାମତି ହୋଇଥିବାବେଳେ ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସେ ସ୍ଥାନରେ ପୁଣି ଘାଇ ହୋଇଥିବା ଖବର ପାଇ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ଶତପଥୀ ଘଟଣା ସ୍ଥଳକୁ ଯାଇଥିବାବେଳେ କେତେକ ଚାଷୀ ତାଙ୍କୁ ଘେରି ଯାଇ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଥିଲେ। ସଦାନନ୍ଦପୁର ଗ୍ରାମର ବଢେଇ ଘାଇ ଓ ବେଲାରପୁର ଗ୍ରାମ ପାଟନାଳି ପୋଲ ନିକଟରେ ଘଳିଆ ମରାମତି କରାଯାଉଥିବାରୁ ପାଣି ବନ୍ଦ ଥିବାରୁ ବେଣୀପୁର, ରଘୁଦେଇପୁର, କୁସିଆପାଳ ଓ କୁରୁଜଙ୍ଗା ପଞ୍ଚାୟତର ହଜାର ହଜାର ଚାଷୀ ପାଣି ପାଇଁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଶୀଘ୍ର ମରାମତି କାମ ସାରି ପାଣି ଯୋଗାଣ ପାଇଁ ଚାଷୀ ଦାବି କରିଛନ୍ତି।

## କ୍ରୀଡ଼ା ଶିକ୍ଷକଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ଶିବିର



ଆଳି,୨୦।୯ (ସମିସ): ପାଳିମି ପଞ୍ଚାୟତର ପାଳିମି ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରତ୍ନାକର ସାମଲଙ୍କ ଏକଦଶାହରେ ସ୍ୱାସ୍ଥ୍ୟ ଶିବିର ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପାଳିମି ଜନତା ଉଚ୍ଚ ବିଦ୍ୟାପୀଠରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ ସ୍ୱର୍ଗତ ଆତ୍ମାର ସଦଗତି ପ୍ରାର୍ଥନା ଓ ସ୍ମୃତିଚାରଣ କରାଯାଇଥିଲା। ଏହି ସଭାରେ ତାଙ୍କର ପ୍ରିୟ ଛାତ୍ରଛାତ୍ରୀଙ୍କ ସହିତ ସହକର୍ମୀ ତ୍ରୈଲୋକ୍ୟ ପଣ୍ଡା, ଖଗେଶ୍ୱର ରାଉତ, ବିଶିଷ୍ଟ ବ୍ୟକ୍ତି କିଶୋର, ଦିଲ୍ଲୀପ, ଅମୀୟ ଜେନା, ଅଶୋକ ଧଳ ଯୋଗ ଦେଇଥିଲେ।

## ପୋଖରୀରେ ପଡ଼ି ଶିଶୁ ଗୁରୁତର

ଆଳି, ୨୦।୯ (ସମିସ): ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ପୋଡାମରାଇ ଗ୍ରାମର ସନ୍ତୋଷ ମଲିକଙ୍କ ଦେଢ଼ବର୍ଷର ପୁଅ ସରୋଜ ଘର ନିକଟରେ ଖେଳୁଥିବାବେଳେ ପୋଖରୀରେ ପଡି ଗୁରୁତର ଆହତ ହୋଇଛି। ମାଆ ସରୋଜଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## 'ନିଷ୍ଠା' ଶିକ୍ଷକ ପ୍ରଶିକ୍ଷଣ ଶିବିର



ମହାକାଳପଡ଼ା,୨୦।୯ (ସମିସ): ମହାକାଳପଡ଼ା ବ୍ଲକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ 'ନିଷ୍ଠା' ପ୍ରଶିକ୍ଷଣ ଶିବିର ଚଢ଼ାଇଗୁଆଁ ଯୁଗରୁପା ବିଦ୍ୟାଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଳାଇ, ବିଆରସିସି ଅକ୍ଷୟ ମହାପାତ୍ର, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉନ୍ନତ ପ୍ରଣାଳୀ ଓ ସହଜ ଉପାୟରେ ଶିକ୍ଷାଦାନ ସମ୍ପର୍କରେ ଏହି ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଶିକ୍ଷକ ଶ୍ରୀଧର ଭୋଳ, ସୌଭାଗ୍ୟ ମହାନ୍ତି, ମଳୟ ଲେଙ୍କା, ରବିଶଙ୍କର ବେରା, ଶିକ୍ଷୟିତ୍ରୀ ଜାନକୀ ମଲିକ ୬୦ ଜଣ ଶିବିରାର୍ଥୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦେଇଥିଲେ। ଶିକ୍ଷୟିତ୍ରୀ ନିରୁପମା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନପାଇଲେ ୩ ବର୍ଷର ଶିଶୁ



ଗରଦପୁର,୨୦।୯ (ସମିସ): ପ୍ରଖର ସ୍ମୃତିଶକ୍ତି ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ରାହାଁଳ ଗ୍ରାମର ହିମାଂଶୁ ବିଶ୍ୱାଳ ଓ ସୁମିତ୍ରା ବିଶ୍ୱାଳଙ୍କ ୨ ବର୍ଷ ୮ ମାସର ଶିଶୁପୁତ୍ର ରିୟାଂଶ ବିଶ୍ୱାଳ। ରିୟାଂଶ ଶରୀରର ୨୧ଟି ଅଂଶ, ୧୨ଟି ଆକୃତି, ୩୪ଟି ପ୍ରାଣୀ, ୯ଟି ପକ୍ଷୀ, ୧୦ଟି ଫୁଲ, ୧୨ଟି ଯାନ, ୧୨ଟି ଫଳ, ୧୪ଟି ପନିପରିବା, ୧୦ଟି ରଙ୍ଗ, ୧୨ଟି କ୍ରୀଡ଼ା ଓ ୯ଟି ବାଦ୍ୟଯନ୍ତ୍ର ଚିହ୍ନଟ ସହିତ ଇଂରାଜୀ ବର୍ଣ୍ଣମାଳା, ସପ୍ତାହର ଦିନ, ବର୍ଷର ମାସ ଓ ୧୦ଟି ଇଂରାଜୀ ନର୍ସରୀ ରାଇମ୍ ପାଠ କରି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି।

## ଶ୍ରୀଜଗନ୍ନାଥ କଲେଜରେ ଶିକ୍ଷକ ଓ ଅଭିଭାବକ ବୈଠକ

ରାଜନଗର, ୨୦।୯ (ସମିସ): ଶ୍ରୀଜଗନ୍ନାଥ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ +୩ ଶେଷବର୍ଷ ଛାତ୍ରଛାତ୍ରୀଙ୍କ ଅଭିଭାବକ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଅଭିଭାବକଙ୍କ ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ପ୍ରତାପ ସ୍ୱାଇଁ ଛାତ୍ରଛାତ୍ରୀ ନିୟମିତ କ୍ଲାସ ଆସିବାକୁ ଅଭିଭାବକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡଃ ପ୍ରଣତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ କୁଇଜ୍‌ରେ ଶୁଭଶ୍ରୀ ଦ୍ୱିତୀୟ

ମହାକାଳପଡ଼ା,୨୦।୯ (ସମିସ): ମହାକାଳପଡ଼ା ବ୍ଲକ ଚଢ଼ାଇଗୁଆଁ ଯୁଗଜ୍ୟୋତି ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ଯତି ବିଶ୍ୱ ଓଜୋନ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଅନ୍‌ଲାଇନ କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୦୦ ନମ୍ବରରୁ ୯୩.୩୨ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ଏ ନେଇ ଯୁଗଜ୍ୟୋତି ବାଳିକା ଉଚ୍ଚବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ବିଧାୟକଙ୍କ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦାସ, ଇତିଶ୍ରୀ ରାଉତ, ଶାନ୍ତିଲତା ସାମଲ, ରେଣୁବାଳା ରାଉତ ପ୍ରମୁଖ ଶିକ୍ଷୟିତ୍ରୀ ଶୁଭଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦ୍ୱିତୀୟ ଦିନରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ

- ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ଉଠାଦୋକାନୀଙ୍କୁ ଥଇଥାନ ପାଇଁ ପ୍ରଶାସନର ପ୍ରତିଶ୍ରୁତି



ପଟ୍ଟାମୁଣ୍ଡାଇ, ୨୦।୯ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ତେବେ ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ନ କରି ଉଚ୍ଛେଦ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଠାଦୋକାନୀ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ସେମାନଙ୍କୁ ଥଇଥାନ କରାଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

ଆଜି ଜବରଦଖଲ ଉଚ୍ଛେଦ ପୂର୍ବରୁ ଉଠାଦୋକାନୀଙ୍କ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଥିଲା। ଏହାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଉଠାଦୋକାନୀ ସଂଘ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ଉପସଭାପତି ପ୍ରଭାତ ମଲିକ, ସମ୍ପାଦକ ଆଡଭୋକେଟ୍ ଗୋପୀନାଥ ତ୍ରିପାଠୀ ଯୋଗ ଦେଇ ଉଠାଦୋକାନୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପୂଜା ପୂର୍ବରୁ ଉଚ୍ଛେଦ କରାଯାଇଥିବା ଉଠାଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପୌରପରିଷଦ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅନ୍ୟପକ୍ଷରେ ତୁରନ୍ତ ପରିବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା, ମାଛ, ମାଂସ, ଶୁଖୁଆ ବ୍ୟବସାୟୀଙ୍କୁ ସ୍ଥାୟୀ ଥଇଥାନ, ପଟ୍ଟାମୁଣ୍ଡାଇ କେନାଲ ପୋଲ ନିକଟରେ ବ୍ୟବସାୟ କରୁଥିବା ଦୋକାନୀଙ୍କୁ ମହାବୀର ବଜାର ଭେଣ୍ଡିଂ ଜୋନରେ ଥଇଥାନ କରାଯିବା ଆଦି ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଦିବା ୧୨ ଘଟିକା ସମୟରେ ପ୍ରଶାସନ ପକ୍ଷରୁ ପୁନଃରାୟ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ପଟ୍ଟାମୁଣ୍ଡାଇ ବାଇପାସଠାରୁ ସହରର ବିଭିନ୍ନ ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ଅଭିଯାନରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୁଲିସ ବାହିନୀ ସହିତ ଉପସ୍ଥିତ ଥିଲେ। ପଟ୍ଟାମୁଣ୍ଡାଇ ସହରର ଜନସଂଖ୍ୟା ବୃଦ୍ଧି ଯୋଗୁଁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିଛି। ଟ୍ରାଫିକ ସମସ୍ୟା ଯୋଗୁଁ ଜନସାଧାରଣ ଓ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଚି। ଜିଲ୍ଲାପାଳ ଏ ସମ୍ପର୍କରେ ଅବଗତ ହେବା ପରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# କାର୍ତ୍ତିକ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

**ଖୁବ୍‌ଶୀଘ୍ର ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ମାର୍ଗଦର୍ଶିକା**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠ ରୁପାଇଟା !**

ପୁରୀ, ୨୦।୯ (ସମିସ): ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଯୋଜନା ଘୁଞ୍ଚିଘୁଞ୍ଚି ଯାଉଛି। ଏହାକୁ ନେଇ ଅଧିକାରୀ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନଥିବା ବେଳେ ଭକ୍ତ ଓ ସେବାୟତ ବି ଦ୍ୱନ୍ଦ୍ୱରେ ରହିଛନ୍ତି। ଧାଡ଼ି ଦର୍ଶନ ପାଇଁ ପୂର୍ବରୁ ଅନେକବାର ସମୟ ଧାର୍ଯ୍ୟ ହୋଇଥିଲେ ହେଁ ତାହା ହୋଇପାରିନାହିଁ। ଶେଷଥର, ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ। କିନ୍ତୁ, ତାହା ହୋଇନଥିବା ବେଳେ ଆଜିର ଛତିଶାନିଯୋଗ ବୈଠକରେ ପୁଣି ନୂଆ ସମୟ ଦିଆଯାଇଛି। କାର୍ତ୍ତିକ ମାସ ପରେ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ କରାଯିବ ବୋଲି ଏଥିରେ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, କାର୍ତ୍ତିକ ମାସ ନୀତିବହୁଳ ରହୁଥିବାରୁ ସମସ୍ତେ କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। କାର୍ତ୍ତିକ ମାସ ପରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ। ସେହିପରି, ବୈଠକରେ ଦିବ୍ୟାଙ୍ଗମାନଙ୍କ ସହଜରେ ଦର୍ଶନ ସୁବିଧା ନେବା ଉପରେ ଆଲୋଚନା କରାଯାଇଛି। ପରମ୍ପରାକୁ କ୍ଷୁଣ୍ଣ ନକରି ସେମାନଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ ହେବ। ଖୁବ୍‌ଶୀଘ୍ର ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ବୈଠକରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ, ହୁଣ୍ଡି ସ୍ଥାନାନ୍ତର, ସେବାୟତଙ୍କ କଲ୍ୟାଣ, ହବିଷ୍ୟାଳି ମା'ମାନଙ୍କ ଶୃଙ୍ଖଳିତ ଦର୍ଶନ, ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଏବଂ ଭିଡିଓ ଭାଇରାଲ ହେଉଥିବାରୁ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ଆଲୋଚନା କରାଯାଇଛି। ଭକ୍ତଙ୍କ ମୋବାଇଲ୍ ନେବା ଉପରେ କଟକଣା ରହିଛି। ଯଦି ବି ସେବାୟତ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ ଜରୁରୀ ବାର୍ତ୍ତା ଦେବାର ଥାଏ, ସେମାନେ ଖୋଲାଖୋଲି କଥା ହୋଇପାରିବେ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ କଥା ହେବେ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜେଟିପିମାନଙ୍କ ଏବଂ ପରେ ସେବକଙ୍କ ପାଇଁ ଲାଗୁ ହେବ ମୋବାଇଲ୍ କଟକଣା। ବିଶୃଙ୍ଖଳା ଆଚରଣ କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ନୀତିକାନ୍ତି ଶୃଙ୍ଖଳିତ ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ସେମାନେ ପ୍ରତ୍ୟେକ ବୁଧବାର ବସି ନୀତିକାନ୍ତି ଉପରେ ବିଶେଷ ତର୍ଜମା କରିବେ। ସମସ୍ତଙ୍କ ପରାମର୍ଶକୁ ପାଥେୟ କରି ନୀତି ଶୃଙ୍ଖଳା କରାଯିବ।

ସେହିପରି, ଏମାର ମଠ ରୁପା ଇଟା ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ମାମଲା ବିଚାରାଧୀନ ରହିଛି। ଯେହେତୁ ମଠ, ମନ୍ଦିରର ସମ୍ପତ୍ତି ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ବୋଲି କୋର୍ଟଙ୍କ ରାୟ ରହିଛି, ତେଣୁ ଏହାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବା ପାଇଁ କହିଥିଲେ। ଆମେ ଏନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ। କିନ୍ତୁ ଏହା ଏକ ବିଚାରାଧୀନ ପ୍ରକ୍ରିୟା। ତଥାପି ଏହା ଶ୍ରୀମନ୍ଦିର ଅଧୀନକୁ ଆସିବ ବୋଲି ଆଶା ରଖିଛୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ସୁନାବେଶ ବ୍ୟତୀତ ମହାପ୍ରଭୁଙ୍କ ପାଇଁ ଅଳଙ୍କାର ସେଟ୍ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ବଦଳିଲେ ବୋର୍ଡ ସମ୍ପାଦକ

କଟକ, ୨୦।୯(ସମିସ): ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ବଦଳି ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କିଛି ଦିନ ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ସିଓନା ମିଶ୍ରଙ୍କୁ ପୁଣି ବଦଳି କରାଯାଇଛି। ଅବକାରୀ ଅତିରିକ୍ତ କମିସନର୍ ଭାବେ ତାଙ୍କୁ ବଦଳି କରାଯାଇଥିବା ବେଳେ ବୋର୍ଡ ସମ୍ପାଦକ ପଦରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଥିବା ସରୋଜ କୁମାର ବେହେରାଙ୍କୁ ବଦଳିପୂର୍ବକ ଅବସ୍ଥାପିତ କରାଯାଇଛି।

## ରେଭେନ୍ସାର ୪ ପୂର୍ବତନ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ

**ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ପ୍ରତ୍ୟେକ ନାଗରିକଙ୍କ ଅଧିକାର ରହିଛି :ହାଇକୋର୍ଟ**

କଟକ, ୨୦।୯ (ସମିସ): ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କିମ୍ବା ବିରୋଧ କରିବା ନାଗରିକଙ୍କ ଅଧିକାର। ଆଇନରେ ଏହି ଅଧିକାରକୁ ସୁନିଶ୍ଚିତ କରାଯାଇଛି ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏକ ରାସ୍ତାରୋକ ଘଟଣାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ବିଚାରାଧୀନ ଫୌଜଦାରୀ ମାମଲାକୁ ହାଇକୋର୍ଟ ରଦ୍ଦ କରି ଏହା କହିଛନ୍ତି। ଆରତି ମେହେର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସର୍ବସାଧାରଣ ସମ୍ପତ୍ତି କ୍ଷତି ଘଟାଇବା କିମ୍ବା ସମ୍ପୃକ୍ତ ପୁଲିସ୍ କର୍ମଚାରୀଙ୍କୁ କୌଣସି ଆଘାତ ଘଟାଇବା ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ଏହି ଆଧାରରେ ମାମଲା ବିଚାରାଧୀନ ରହିବା ଆବେଦନକାରୀମାନଙ୍କ କ୍ୟାରିଅରକୁ ପ୍ରଭାବିତ କରିବ। ଏଣୁ ଏହାକୁ ଦୃଷ୍ଟିରେ ରଖି ଅଦାଲତ ଆବେଦନକାରୀଙ୍କ ବିରୋଦରେ ଥିବା ମାମଲାକୁ ରଦ୍ଦ କରିଦେଇଛନ୍ତି।

୨୦୧୯ ସେପ୍ଟେମ୍ବର ୫ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ଚାପାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ପରଦିନ ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ମାଲଗୋଦାମ ଥାନାରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ରାସ୍ତା ଅବରୋଧ ପାଇଁ ଜଣେ ଏସ୍‌ଆଇ ଏତଲା ଦେଇଥିଲେ। ଏହି ଘଟଣାରେ କଟକ ଜେଏମଏଫ୍‌ସି-୩ରେ ମାମଲା ବିଚାରଧୀନ ଥିବା ବେଳେ ପୁଲିସ ପକ୍ଷରୁ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହାକୁ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସ୍ୱରାଜ ମାମଲା ପରିଚାଳନା କରୁଥିବା ବେଳେ ସମୀକ୍ଷା ସ୍ଥିତିପ୍ରଜ୍ଞା ସହାୟତା କରୁଥିଲେ।

# ଆରପାରିରେ ଆଦିବାସୀ ନେତା ଜର୍ଜ ଦାଦା



ରାଉରକେଲା,୨୦।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଅପ୍ରତିଦ୍ୱନ୍ଦ୍ୱୀ ଆଦିବାସୀ ନେତା, ଗାଙ୍ଗପୁର ମଜଦୁର ମଞ୍ଚର ସଭାପତି ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଚାରି ଚାରିଥର ବିଧାୟକ ପଦ ଅଳଙ୍କୃତ କରିଥିବା ଜର୍ଜ ତିର୍କୀଙ୍କ ପରଲୋକ ଘଟିଛି। ଶୁକ୍ରବାର ମଧ୍ୟରାତ୍ରିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ଗତ ୩ ମାସ ଧରି ସେ ଗୁରୁତର ଅସୁସ୍ଥ ଥିଲେ। ଶେଷଶଯ୍ୟା ନିକଟରେ ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

**ଜିଲ୍ଲାବ୍ୟାପୀ ଶୋକର ଛାୟା**

ଅବିଭକ୍ତ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ସଂଗଠିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଦଳରୁ ସେ ୧୯୯୫ ଓ ୨୦୦୦ ମସିହାରେ ଲଗାତାର ୨ଥର ବୀରମିତ୍ରପୁର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ସେହି ସମାନ ଆସନରୁ ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ ସମତାକ୍ରାନ୍ତି ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ବୀରମିତ୍ରପୁର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ କରାଇ ପ୍ରତ୍ୟକ୍ଷ ରାଜନୀତିରୁ ଏକପ୍ରକାର ଦୂରେଇ ଯାଇଥିଲେ। ଆଜି ସନ୍ଧ୍ୟାରେ ତାଙ୍କ ପାର୍ଥିବଶରୀର ରାଉରକେଲାର ସେକ୍ଟର୍-୮ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶହ ଶହ ସଂଖ୍ୟାରେ ନେତା, କର୍ମୀ, ଶ୍ରମିକ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ସକାଳ ୮ଟାରେ ଏକ ପଟୁଆରରେ ତାଙ୍କ ପାର୍ଥିବ ଶରୀରକୁ ପରିକ୍ରମା କରାଯାଇ କୁଆଁରମୁଣ୍ଡାସ୍ଥିତ ତାଙ୍କ ବାସଭବନକୁ ନିଆଯିବ। ପରେ ରାଏବୋଗାସ୍ଥିତ ଝୁନମୁରସ୍ଥିତ ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ କହିଛନ୍ତି।

# ସାର ପାଇଁ ତହସିଲଦାରଙ୍କୁ ତାଲା ପକାଇଲେ ଚାଷୀ



**୩ ଘଣ୍ଟା ପରେ ଉଦ୍ଧାର କଲା ପୁଲିସ**

ପାଟଣାଗଡ଼, ୨୦।୯ (ସମିସ): ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଆଜି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍‌ରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ସାର ନପାଇ ବାରମ୍ବାର ନିରାଶ ହେଉଥିବା ଚାଷୀମାନେ ଆଜି ସୁନାମୁଦି ପାକ୍ସ କାର୍ଯ୍ୟାଳୟ ଘେରାଉ କରିବା ସହ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ, କୃଷି ଅଧିକାରିଣୀ ରାଜେଶ୍ୱରୀ ଭୋଇ, ଏଆରସିଏସ୍ ପାଟଣାଗଡ଼ ଓ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ଅଫିସ୍‌ରେ ତାଲା ପକାଇ ୩ଘଣ୍ଟା ଅଟକ ରଖିଛନ୍ତି। ତେବେ ପାଟଣାଗଡ଼ ପୁଲିସ୍ ସଦଳବଳେ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ପୁଲିସ୍ ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଉଦ୍ଧାର କରିଥିଲା।

ସୂଚନାନୁଯାୟୀ, ସୁନାମୁଦି ପାକ୍ସରେ ଚାଷୀଙ୍କୁ ୟୁରିଆ ସାର ମିଳୁନି। ଏନେଇ ଚାଷୀମାନେ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ବାରମ୍ବାର ପଚାରି ଆସୁଥିଲେ ହେଁ ପ୍ରତିଥର ନିରାଶ ହେଉଥିଲେ। ତେବେ, ଏପ୍ରିଲରେ ଆସିଥିବା ୩ ଶହ ବସ୍ତା ୟୁରିଆ ପ୍ରକୃତ ଚାଷୀଙ୍କୁ ବଣ୍ଟନ କରାଯାଇ ନଥିବା ଚାଷୀ ଅଭିଯୋଗ ଆଣିଥିଲେ। ଶନିବାର ଘୁନଘୁଟିପାଲି, ଦେଉଳଗାଁ, ସୁନାମୁଦି, କଳାଙ୍ଗପାଲି ସହ ଅନ୍ୟାନ୍ୟ ଗ୍ରାମର ବହୁ ଚାଷୀ ପାକ୍ସ ସମ୍ମୁଖରେ ସକାଳ ୮ଟାରେ ପହଞ୍ଚିଥିଲେ। ସାର ନ ମିଳିବାରୁ ସେମାନେ ସରକାରବିରୋଧୀ ନାରା ଦେବା ସହ ପାକ୍ସ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପୂର୍ବରୁ ପାକ୍ସକୁ ଆସିଥିବା ୟୁରିଆ ସାର କେଉଁ କେଉଁ ଚାଷୀଙ୍କୁ ଦିଆଯାଇଛି, ତାହାର ହିସାବ ମାଗିଥିଲେ। ପାକ୍ସ ସମ୍ପାଦକ ଶ୍ରୀ ବେହେରା କିନ୍ତୁ ହିସାବ ଦେଖାଯାଇପାରିବ ନାହିଁ ବୋଲି କହିବାରୁ ଚାଷୀ ଆହୁରି ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ଉତ୍ତେଜନା ବଢ଼ିବାରୁ ଖବର ପାଇ ପାଟଣାଗଡ଼ ଏଆରସିଏସ୍, ବ୍ଲକ୍ କୃଷି ଅଧିକାରୀ, ତହସିଲଦାର ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଚାଷୀ ସେମାନଙ୍କୁ ପାକ୍ସ ଅଫିସ୍ ଭିତରେ ପୂରାଇ ବାହାରୁ ତାଲା ପକାଇ ଦେଇଥିଲେ। ପାଖାପାଖି ୩ଘଣ୍ଟା ଧରି ସେମାନଙ୍କୁ ଅଫିସ୍ ଭିତରେ ଅଟକ ରଖିଥିଲେ। ପରିସ୍ଥିତି ଗମ୍ଭୀର ହେଉଥିବା ଦେଖି ତହସିଲଦାର ଶ୍ରୀ ନାୟକ ପାଟଣାଗଡ଼ ପୁଲିସକୁ ଖବର ଦେଇଥିଲେ। ମଧ୍ୟାହ୍ନ ପ୍ରାୟ ୧ଟାରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ପୁଲିସ ଫୋର୍ସ ସହ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ଚାଷୀନେତା ଜତି ପଧାନ ଓ କିଶୋର ପରିଚ୍ଛା ପ୍ରମୁଖ ଖବର ପାଇ ପାକ୍ସ ନିକଟରେ ପହଞ୍ଚିବା ପରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଯାଇଥିଲା। ଆସିଥିବା ୩ଶହ ବସ୍ତା ସାର ରବିବାର ବଣ୍ଟନ କରାଯିବ। ପୁଣି ଆହୁରି ଦେଢ଼ଶହ ବସ୍ତା ସାର ଆସିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜମି ଠକେଇ; ଜେଲ୍ ଗଲେ ଦିଲ୍ଲୀପ

ଭୁବନେଶ୍ୱର,୨୦।୯ (ସମିସ): ଜମି ଦେବାକୁ କହି ୧୨କୋଟି ୪୨ଲକ୍ଷ ଠକେଇ ଅଭିଯୋଗରେ ଦିଲ୍ଲୀପ ନାୟକଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା)। ତାଙ୍କୁ ଗତକାଲି କଟକରୁ ଉଠାଇ ନେଇଥିଲା ଇଓଡବ୍ଲ୍ୟୁ। ଆଜି ମେଡିକାଲ ପରୀକ୍ଷା କରିବା ପରେ କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। କଟକ ରାଣୀହାଟ ମାଳିସାହିର ବିଜୟ ରାଉତ ଲିଖିତ ଅଭିଯୋଗ କରିଥିଲେ ଯେ ଭୁବନେଶ୍ୱର ପାଣ୍ଡରାରେ ଏକ ଜମି ପାଇଁ ଦିଲ୍ଲୀପ ତାଙ୍କଠାରୁ ୭ କୋଟି ୪୨ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ପୁଣିଥରେ ୨ କୋଟି ଟଙ୍କା ନେବା ପରେ ୩ଟି ଏଗ୍ରିମେଣ୍ଟ କରିଥିଲେ। ଜମି ନ ପାଇବାରୁ ଟଙ୍କା ଫେରାଇବାକୁ ବିଜୟ କହିଥିଲେ। ଟଙ୍କା ନ ପାଇବାରୁ ଏନେଇ ୨୦୨୩ରେ ବିଜୟ ବାଦାମବାଡ଼ି ଥାନାରେ ମାମଲା ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା।

## ସୂଚନା ନ ଦେଇ ୨୦ ହଜାର ଦଣ୍ଡ ଗଣିବେ ମାହାଙ୍ଗା ବିଡିଓ

ଭୁବନେଶ୍ୱର, ୨୦।୯ (ସମିସ): ସୂଚନା ଅଧିକାର ଆଇନକୁ ଅବମାନନା କରୁଛନ୍ତି ସୂଚନା ଅଧିକାରୀ ଏବଂ ସରକାରୀ କର୍ମଚାରୀ। ଏଭଳି ଉଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସୂଚନା ଆୟୁକ୍ତ। ମାମଲାର ଶୁଣାଣି ସମୟରେ ଉପସ୍ଥିତ ନ ରହିବା ଏବଂ ତଥ୍ୟ ପ୍ରଦାନ ନ କରିବାରୁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ମାହାଙ୍ଗା ବିଡିଓଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମାହାଙ୍ଗା ବ୍ଲକ୍‌ରେ ନନ୍ଦକିଶୋରପୁର ଗ୍ରାମର ତୁଷାର ରଞ୍ଜନ ସାମଲ ୨ଟି ଘଟଣାରେ ସୂଚନା ଅଧିକାର ଆଇନ ବଳରେ ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଆବେଦନ କରି ତଥ୍ୟ ମାଗିଥିଲେ। ହେଲେ ସୂଚନା ଅଧିକାରୀ କିମ୍ବା ପ୍ରଥମ ଅପିଲ୍ ଅଧିକାରୀ ତଥ୍ୟ ନ ଦେବାରୁ ଆବେଦନକାରୀ ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିଥିଲେ। ଆୟୁକ୍ତ ୩ ମାସରେ ୩ଥର ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ତଥ୍ୟ ଦେବାକୁ କହିଥିଲେ। ଏହାସତ୍ତ୍ୱେ ମଧ୍ୟ ସୂଚନା ଅଧିକାରୀ ତଥା ବିଡିଓ ତଥ୍ୟ ନ ଦେବାରୁ ରାଜ୍ୟ ସୂଚନା ଆୟୁକ୍ତ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ବିଡିଓ ଏବଂ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି ବେଳେ ଆୟୋଗରେ ହାଜର ହେବାକୁ ନୋଟିସ ଜାରି କରିଥିଲେ। ମାତ୍ର ଗତକାଲି ଏହି ମାମଲାର ଶୁଣାଣି ବେଳେ ଉଭୟ ଅଧିକାରୀ ହାଜର ନ ହେବାରୁ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତି ସୂଚନା ଅଧିକାର ଆଇନକୁ ଅସମ୍ମାନ କରିଥିବା ଏବଂ ତଥ୍ୟ ଦେଇ ନ ଥିବାରୁ ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ୨୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍



ଉମରକୋଟ, ୨୦।୯(ସମିସ): ୭ ମାସର ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍। ନବରଙ୍ଗପୁର ଜିଲ୍ଲା ଉମରକୋଟ ବେସରକାରୀ ବସଷ୍ଟାଣ୍ଡରେ ଆଜି ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମହିଳାଜଣଙ୍କ ହେଲେ, ଦଶମନ୍ତପୁର ବ୍ଲକ୍ କୁଟ୍ରାଆମ ଗ୍ରାମର ଅମିତା ଜାନୀ।

ଅମିତାଙ୍କ କହିବାନୁଯାୟୀ, ଶୁକ୍ରବାର ସ୍ୱାମୀ ଦିନେଶ ଜାନୀଙ୍କ ସହ ସେ ହାଇଦ୍ରାବାଦରୁ ଉମରକୋଟ ଆସିଥିଲେ। ଗତକାଲି ସଂଧ୍ୟାଠାରୁ ଆଜି ଦିନ ଦି'ପହର ଯାଏ ଦୁହେଁ ବସ୍‌ଷ୍ଟାଣ୍ଡ ପରିସରରେ ଥିଲେ। ତେବେ ଦିନ ପ୍ରାୟ ୧ଟା ବେଳେ ହଠାତ୍ ଦିନେଶ ତାଙ୍କୁ ଏକାକୀ ଛାଡ଼ି କେଉଁଆଡ଼େ ଚାଲି ଯାଇଥିବା ସେ କହିଛନ୍ତି। ଦିନେଶଙ୍କୁ ଖୋଜାଖୋଜି କରି ନ ପାଇବାରୁ ସେ ବସ୍‌ଷ୍ଟାଣ୍ଡ ପରିସରରେ ବସି କାନ୍ଦୁଥିଲେ। ଏହା ଦେଖି ସ୍ଥାନୀୟ କିଛି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସଠାରୁ ଖବର ପାଇ ୱାନ୍-ଷ୍ଟେପ୍ ସେଣ୍ଟର୍‌ର ଦୁଇ ମହିଳା କର୍ମଚାରୀ ସେଠାରେ ପହଞ୍ଚି ଅମିତାଙ୍କଠାରୁ ସବିଶେଷ ବିବରଣୀ ନେବା ପରେ ଦିନେଶଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ତାଙ୍କ ଯୋଗାଯୋଗ ସମ୍ଭବ ନ ହେବାରୁ ଅମିତାକୁ ନବରଙ୍ଗପୁର ନେଇଯାଇଥିଲେ।

**ରେଳବାଇରେ ଚାକିରି କରାଇଦେବାକୁ କହି ୨୫ଲକ୍ଷ ହଡ଼ପ**

## ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

ଜଗତସିଂହପୁର,୨୦।୯(ସମିସ): ଭାରତୀୟ ରେଳବାଇରେ ଚାକିରି କରାଇଦେବାକୁ କହି ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ଏକାଧିକ ଯୁବକଙ୍କଠାରୁ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଦୁଇ ଧୂର୍ତ୍ତଙ୍କୁ ଏରସମା ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ତିର୍ତ୍ତୋଲର ରାକେଶ ମହାନ୍ତି ଓ ଏରସମାର



ନିରାକାର ସ୍ୱାଇଁ (ବାଙ୍ଗୁରୁ)। ରାକେଶ ଏହି ଠକେଇର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି।

ସୂଚନା ମୁତାବକ, ଠକେଇରେ ଶିକାର ହୋଇଥିବା ଅଭିଯୋଗକାରୀ ଏରସମା ଗ୍ରାମର ଉମାଶଙ୍କର ସାହୁଙ୍କୁ ରେଳବାଇରେ ଚାକିରି କରାଇଦେବାକୁ କହି ସେହି ଗ୍ରାମର ନିରାକାର ସ୍ୱାଇଁ ରାକେଶ ମହାନ୍ତି ସହ ଯୋଗାଯୋଗ କରାଇଥିଲା। ଚାକିରି ପ୍ରଲୋଭନ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ରାକେଶ ଫୋନ୍-ପେ' ଓ ଆକାଉଣ୍ଟ ଡିପୋଜିଟ୍ ମାଧ୍ୟମରେ ୨୫ଲକ୍ଷରୁ ଅଧିକ ଟଙ୍କା ଉମାଶଙ୍କରଙ୍କଠାରୁ ନେଇଥିଲା। ଚାକିରି ତ ମିଳିଲାନି, ସେପଟେ ଅର୍ଥ ମଧ୍ୟ ଫେରସ୍ତ ହେଲାନି। ବାଧ ହୋଇ ଉମାଶଙ୍କର ଗତ ମେ' ୨୦ରେ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପକ୍ଷରୁ ଉକ୍ତ ମାମଲାକୁ ସେହି ମେ' ୨୨ ତାରିଖରେ ଏରସମା ଥାନାକୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏତଲାକୁ ଆଧାର କରି ମୁଖ୍ୟ ଅଭିଯୁକ୍ତ ରାକେଶ ମହାନ୍ତିଙ୍କୁ ୨ଦିନ ତଳେ କୋଲକାତାରୁ ଧରିବାରେ ସକ୍ଷମ ହୋଇଥିଲା। ରାକେଶକୁ ଏରସମା ଥାନାକୁ ଆଣି ପଚରାଉଚରା କରାଯିବା ପରେ ଉମାଶଙ୍କରଙ୍କଠାରୁ ପର୍ଯ୍ୟାୟକ୍ରମେ ପାଖାପାଖି ୨୫ଲକ୍ଷ ଟଙ୍କା ନେଇଥିବା ସ୍ୱୀକାର କରିଥିଲା। ରାକେଶଙ୍କ ସହ ପରିଚୟ କରାଇଥିବା ଓ ଏଥିରେ ମଧ୍ୟସ୍ଥତା କରିଥିବା ନିରାକାର ସ୍ୱାଇଁ (ବାଙ୍ଗୁରୁ)କୁ ପୁଲିସ ଥାନାକୁ ଡାକିଥିଲା। ଏହି ଠକେଇ ଟଙ୍କାରୁ ବାଙ୍ଗୁରୁ କିଛି ଅର୍ଥ ନେଇଥିବା ନେଇ ମୁଖ୍ୟ ଅଭିଯୁକ୍ତ ରାକେଶ ପୁଲିସ ଆଗରେ କହିଥିଲା। ପୁଲିସ ତଦନ୍ତ ଅନୁଯାୟୀ ରାକେଶ ମହାନ୍ତି ଓ ନିରାକାର ସ୍ୱାଇଁ ନାମରେ ୧୭୦/୨୫ରେ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପିର ଅପଚେଷ୍ଟା**

# ୨୩ରେ ବିଧାନସଭା ଘେରିବ ବିଜେଡି



ଭୁବନେଶ୍ୱର,୨୦।୯ (ସମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ କରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରାଯାଉଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପି ବାରମ୍ବାର ଅପଚେଷ୍ଟା କରୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏମଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରଉ କରିବା ପାଇଁ ନିଷ୍ପତ୍ତି ନେଇଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ମନରେଗା ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁ ନାହିଁ। ତେଣୁ ଆସନ୍ତା ୨୩ ତାରିଖରେ ଲୋୟର ପିଏମଜି ଛକଠାରେ ସକାଳ ୧୦ଟାରେ ଦଳ ପକ୍ଷରୁ ବିଧାନସଭା ଘେରଉ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦଳର ଉପସଭାପତି ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ବିଜେପି ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ପ୍ରଶାସନିକ କଳକୁ ହାତବାରିସୀ କରି ନିର୍ବାଚିତ ପ୍ରତିନିଧିଙ୍କ ସମ୍ମାନ କ୍ଷୁଣ୍ଣ କରିବା ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରାଯାଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ରବରଷ୍ଟାମ୍ପ ଭାବେ ବ୍ୟବହାର କରିବା ପାଇଁ ବିଜେପି ସରକାର ସରକାରୀ ଅଧିକାରୀଙ୍କ ହାତରେ ଅଧିକ କ୍ଷମତା ଦେବାକୁ ପଛାଉନାହାନ୍ତି। ଲୋକଙ୍କ ପାଖରେ ଉତ୍ତରଦାୟୀ ଥିବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ବିଧାନ ସଂଶୋଧନ ଜରିଆରେ ଅଧିକ କ୍ଷମତା ଦିଆଯାଇଥିଲା ବେଳେ ନିଜ ଦଳୀୟ ସାଂସଦ, ବିଧାୟକ ଏବଂ କର୍ମୀଙ୍କ ଜରିଆରେ ଏହି କ୍ଷମତାକୁ ହଡ଼ପ କରିବା ପାଇଁ ବିଜେପି ଚାହୁଁଛି। ଏହା ଫଳରେ ଲୋକେ ଚାହୁଁଥିବା ବିକାଶ କାର୍ଯ୍ୟ ହୋଇପାରୁନାହିଁ ଏବଂ ପ୍ରତ୍ୟେକ ସରକାରୀ ଅଫିସକୁ ବିଜେପି ନିଜ ଦଳୀୟ କର୍ମୀଙ୍କ ଜରିଆରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତକୁ ଦେଇଥିବା ୫୦ ଲକ୍ଷ ଟଙ୍କା ବଦଳରେ ବିଜେପି ସରକାର ଏହି ଯୋଜନାର ନାଁ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ଏହାର ଏକଚତୁର୍ଥାଂଶ ଅନୁଦାନ ମଧ୍ୟ ଦେଉନାହାନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ସରକାର ଦିଶାହୀନ ଭାବେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ପ୍ରତ୍ୟେକ ସ୍ତରରେ ରାଜନୈତିକ ହସ୍ତକ୍ଷେପ ଲାଗି ଜିଲ୍ଲାପାଳ ଅଫିସ୍ ଠାରୁ ବ୍ଲକ ଅଫିସ୍ ପର୍ଯ୍ୟନ୍ତ ପ୍ରଶାସନ ଚାପଗ୍ରସ୍ତ ହୋଇ କାମ କରୁଛନ୍ତି। ପଞ୍ଚାୟତ ସ୍ତରରେ ବିଜେଡି ଦୃଢ଼ ସ୍ଥିତିରେ ଥିବାରୁ ବିଜେପି କର୍ମୀମାନେ ସାଧାରଣ ଲୋକଙ୍କ ଉପରେ ଉତ୍ପୀଡ଼ନ କରୁଛନ୍ତି, ଫଳରେ ସାଧାରଣ ଲୋକ ତ୍ରାହି ତ୍ରାହି ଡାକୁଛନ୍ତି। ଲୋକଙ୍କ ସମସ୍ୟାଠୁ ଦୂରେଇ ଯାଇ ନିଜ ଦଳର କର୍ମୀଙ୍କୁ ପୋଷିବାକୁ ସମ୍ବିଧାନ ଓ ଗଣତନ୍ତ୍ରର ହତ୍ୟା କରୁଛି ବିଜେପି। ବିଜେଡି ଏହାକୁ ଦୃଢ଼ ଭାବେ ବିରୋଧ କରୁଛି। ଆଗାମୀ ସେପ୍ଟେମ୍ବର ୨୩ ତାରିଖ ଦିନ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରଉ କାର୍ଯ୍ୟକ୍ରମରେ ସାମିଲ ହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

## ଅନୀତ ଇନ୍ କିୟାରା ଆଉଟ୍





'ସୈୟାରା' ହିନ୍ଦୀ ସିନେମାରେ ନଜର ଆସିଥିଲେ ଅଭିନେତ୍ରୀ ଅନୀତ୍ ପଡ୍ଡା। ନିଜ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ତେବେ ଆଗାମୀ ଦିନରେ ସେ ଦୀନେଶ ଭିଜନଙ୍କ ହର୍‌ର-କମେଡି ସିନେମା 'ଶକ୍ତି ଶାଳିନୀ'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ। ହେଲେ ପ୍ରଥମେ ଏହି ସିନେମା ପାଇଁ କିୟାରାଙ୍କୁ ମନୋନୀତ କରାଯାଇଥିଲା। ଏବେ ତାଙ୍କ ବଦଳରେ ଏଥିରେ ନଜର ଆସିବେ ଅନିତ। ତେଣୁ ଏବେ ଏହି ସିନମୋରୁ ଏବେ କିୟାରା ଆଉଟ୍ ହୋଇଥିବା ବେଳେ ଅନୀତଙ୍କ ଏଣ୍ଟ୍ରି ହୋଇଛି। ଗତ ଦୁଇ ମାସ ହେବ ଦୀନେଶ ଓ ତାଙ୍କ ଟିମ୍ ଅନୀତଙ୍କ ସହ ଆଲୋଚନା କରି ଆସୁଥିଲେ। ଏହାରି ଭିତରେ ଏହି ସିନେମା ପାଇଁ ଅନୀତ ଲୁକ୍ ଟେଷ୍ଟ ଏବଂ ପ୍ରଫେସନାଲ୍ ଫଟୋସୁଟ୍ ପୂରା କରିଛନ୍ତି। ସେହିପରି ସିନେମାର ସୁଟିଂ ଚଳିତ ବର୍ଷ ଶେଷ ସୁଦ୍ଧା ହେବାକୁ ଥିବା ବେଳେ ୨୦୨୬ ମସିହାରେ ଏହାକୁ ରିଲିଜ୍ କରାଯିବ। ■

## ସିଙ୍ଗଲ୍ ଅଛନ୍ତି ଅମୀଷା

'କହୋ ନା ପ୍ୟାର୍ ହୈ'ରେ ଅମୀଷା ପଟେଲଙ୍କୁ ଦର୍ଶକୀୟ ଆଦୃତି ମିଳିଥିଲା। ଏହା ପରେ ବି ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ହେଲେ ଏବେ ବି ସିଙ୍ଗଲ ଅଛନ୍ତି ଅମୀଷା। ଅର୍ଥାତ୍ ସେ ଅବିବାହିତ ଅଛନ୍ତି। ସେ ଏକ ପଡ୍‌କାଷ୍ଟରେ ନିଜର ବ୍ୟକ୍ତିଗତ ଜୀବନ ବାବଦରେ ଖୋଲା ଖୋଲି ଆଲୋଚନା କରିଛନ୍ତି। ଏପରିକି ଏ ଯାଏଁ ବିବାହ କାହିଁକି କରି ନାହାନ୍ତି, ତାହାର କାରଣ ବି କହିଛନ୍ତି। ସେତେବେଳେ ସେ କାମରେ ବ୍ୟସ୍ତ ରହୁଥିଲେ। ତାଙ୍କ ନଜର କେବଳ କାମ ଉପରେ ରହୁଥିଲା। ଅବଶ୍ୟ ତାଙ୍କ ପଛରେ ଯୁବକମାନେ ପଡ଼ିଥିଲେ ବି ସେତେବେଳେ ସେ ବହି ଭିତରେ ନିଜକୁ ହଜାଇ ରଖୁଥିଲେ। ଯେତେବେଳେ କାମ କଲେ କାମରେ ନିଜକୁ ବ୍ୟସ୍ତ ରଖିଲେ। ଅବଶ୍ୟ ତାଙ୍କ ପାଇଁ ପ୍ରସ୍ତାବ ଆସିଛି ଏବଂ ଏବେ ବି ଆସୁଥିବା ସେ କହିଛନ୍ତି। ତେବେ 'କହୋନା ପ୍ୟାର୍ ହୈ' ସିନେମା ପୂର୍ବରୁ ଅମୀଷା ଜଣକ ସହିତ ସିରିଏସ୍ ରିଲେସନ୍‌ସିପ୍‌ରେ ଥିଲେ। ହେଲେ ସେ ଫିଲ୍ମରେ କାମ କରିବାକୁ ଚାହିଁବାରୁ ତାଙ୍କ ପାର୍ଟନରଙ୍କ ସମର୍ଥନ ମିଳିଲାନି। ତେଣୁ ପ୍ରେମ ବଦଳରେ ସେ କ୍ୟାରିୟରକୁ ବାଛିଲେ। ବାହାଘର ପରେ କାହା ସ୍ତ୍ରୀର ପରିଚୟ ଭାବେ ନ ବଞ୍ଚି ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ଏବେ ବି ସେ ବିବାହ ପାଇଁ ସ୍ୱପ୍ନ ଦେଖୁଥିବା କହନ୍ତି। ■



## 'ଦୁଲ୍‌ଦୁଲି' ଗୀତରେ ଓଡ଼ିଆ କଳା ଓ ସଂସ୍କୃତିର ପରମ୍ପରା

ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଦଶହରାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଏହାର ପ୍ରସ୍ତୁତି ସମାପ୍ତ ହୋଇଥିବା ବେଳେ ଫିଲ୍ମରେ ଥିବା ପ୍ରତ୍ୟେକ ଗୀତକୁ ମିଳୁଛି ଅପୂର୍ବ ସଫଳତା। ଫିଲ୍ମରେ ସମୁଦାୟ ଚାରିଟି ଗୀତ ମଧ୍ୟରୁ ପ୍ରଥମେ ରିଲିଜ୍ ହୋଇଥିଲା ପ୍ରମୋସନାଲ୍ ଭାଙ୍ଗ ଗୀତ। ଯେଉଁଥିରେ ଅର୍ଦ୍ଧେନ୍ଦୁ ଏବଂ ହରିହର ମହାପାତ୍ରଙ୍କୁ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଗୀତ 'ଦୁଲ୍ ଦୁଲି'କୁ ମଧ୍ୟ ଦର୍ଶକଙ୍କ ଢେର ଭଲ ପାଇବା ମିଳିଛି। ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନ୍ତରା ଚକ୍ରବର୍ତ୍ତୀ। ଗୀତରେ ଅଭିନୟ କରିଛନ୍ତି ନାୟକ ଅର୍ଦ୍ଧେନ୍ଦୁ ଏବଂ ନାୟିକା ଏଲିନା। ତେବେ 'ଦୁଲଦୁଲି' ଗୀତ ଓ ନୃତ୍ୟରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା କଥା ରହିଛି। ଗୋଟି ପୁଅ, ଛଉ, ପାଇକ ଆଖଡ଼ା ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଗୀତରେ ସ୍ଥାନ ଦିଆଯାଇ ଏହାର ପ୍ରଚାର ଓ ପ୍ରସାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏହି ଗୀତକୁ କୋରିଓଗ୍ରାଫି କରିଛନ୍ତି କୋରିଓଗ୍ରାଫର ଅମିତ ନାୟକ। ସାଇ କିରଣ ମଙ୍ଗରାଜଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସିନେମାରେ ଭରପୂର ଆକ୍ସନ, ଫ୍ୟାମିଲି ଡ୍ରାମା ସହିତ ଜବରଦସ୍ତ ମ୍ୟୁଜିକ୍ ରହିଛି। ବଲିଉଡ୍‌ର ଖ୍ୟାତନାମା କଳାକାର ପୁନିତ ଇଶାର ଏକ ବିଶେଷ ଭୂମିକାରେ ନଜର ଆସିବେ। ତାଙ୍କ ବ୍ୟତୀତ ଭୁପିନ୍ଦର ସିଂହ, ଲିପି ମହାପାତ୍ର, ବବି ମିଶ୍ର, ହରିହର ମହାପାତ୍ର, ରତନ ମେହେର, ପୃଥ୍ୱୀରାଜ ନାୟକ, ଜୀବନ ପଣ୍ଡା, ସନ୍ତୁ, ଶୈଳେନ୍ଦ୍ର, ଗେଡାନା ଭଳି ବହୁ ପୁରୁଖା କଳାକାର ଏଥିରେ ଦେଖିବାକୁ ମିଳିବ। ■



## ପୂଜାରେ ବୈଦ୍ୟନାଥଙ୍କ ସଂଗୀତ

ଓଡ଼ିଶାର ଯୁବ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ନିଜର ସଂଗୀତ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ସେ ସିନେମା ହେଉ କି ମ୍ୟୁଜିକ ଭିଡିଓ, ସବୁ ଗୀତକୁ ତାଙ୍କର ଅନେକ ପ୍ରଶଂସା କରିଛନ୍ତି ଶ୍ରୋତାମାନେ। ସେହିପରି ସବୁ ପୂଜା ଭସାଣିରେ ତାଙ୍କ ଗୀତ ରୁହେ ଶୀର୍ଷରେ। ସେ ଆଧାର କାର୍ଡ ସୁକୁଟି ସାହୁ ଗୀତ ହେଉ କିମ୍ବା ଜହ୍ନ ଲୋ ତୋ ବୋଉ ଟାଣିଛି ଚକଖଡ଼ି ଚିହ୍ନ, କି ତୁ ମୋର... । ଠିକ୍ ସେହିପରି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ୍ ହୋଇଥିବା 'ଡେଲିଭେରୀ ବୟ ୨' ର ଗୀତ ଲୋକାଲ୍ ମାଧୁରୀ ଏବଂ ଅନୁଭବ, ଶିବାନୀ ଅଭିନୀତ କେରକେରା ଗୀତଟି ଏବେ ସାରା ଓଡ଼ିଶାରରେ ଚହଳ ପକାଇଛି। ତା' ସହିତ ଏହି ଗୀତ ପୂଜା ବଜାରକୁ ସରଗରମ କରୁଛି। ସେହିପରି ସବୁ ଯୁବଗୋଷ୍ଠୀ ଏବେ ଏହି ଗୀତରେ ମତୁଆଲା ଏବଂ ସବୁ ମେଲୋଡିରେ ଏବେ ବାଜୁଛି ଏହି ଦୁଇଟି ଗୀତ। ■



## "ଦର୍ଶକଙ୍କ ଭଲପାଇବା ମୋତେ ସଫଳତା ଦେଇଛି"

**ଶୁଭଶ୍ରୀ ବାରିକ, ଅଭିନେତ୍ରୀ**



ପିଲାବେଳେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ନିଜ ଭାବନାକୁ ସେ ପ୍ରକାଶ କରୁଥିଲେ। ହେଲେ ତାଙ୍କ ଭାଗ୍ୟର ଲିଖନ କିଛି ଅଲଗା ଥିଲା। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲେ। ଆଉ ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କଲେ ସେ। ପରବର୍ତ୍ତୀ ସମୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ବନାଉ ବନାଉ ତାଙ୍କୁ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ ଥିଲା 'ତୋର ପାୟଲିଆ'। ଏକାଧିକ ମ୍ୟୁଜିକ୍ ଭିଡିଓ କରି ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ଜଣକ ହେଉଛନ୍ତି, କଟକ ଜିଲ୍ଲା ଅନ୍ତର୍ଗତ ନିଶ୍ଚିନ୍ତକୋଇଲିର ଶୁଭଶ୍ରୀ ବାରିକ ଓରଫ ଶ୍ରୀ'। 'ତିତ୍‌ଲି' ହେଉଛି ତାଙ୍କ ଅଭିନୀତ ପ୍ରଥମ ଧାରାବାହିକ। ଏବେ ସେ ତରଙ୍ଗ ଚ୍ୟାନେଲ୍‌ର 'ମୋ ସିନ୍ଦୂରର ଅଧିକାର'ରେ ମୁକ୍ତି ଚରିତ୍ର ମାଧ୍ୟମରେ ଓଡ଼ିଶାର ଘରେ ଘରେ ପରିଚିତ। ନୃତ୍ୟ ଜଗତରୁ ତାଙ୍କର ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକାର ଯାତ୍ରା କିଭଳି ଥିଲା ?**

● ଅଷ୍ଟମ ନବମ ଶ୍ରେଣୀରୁ ପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି। ଅନେକ ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲି। ପରବର୍ତ୍ତୀ ସମୟରେ ଆସିଲା ଟିକ୍‌ଟକ୍। ସେଥିରେ ଭିଡିଓ ବନାଇଲି। ଟିକ୍‌ଟକ୍ ବ୍ୟାନ୍ ହେବା ପରେ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କଲି। ଉକ୍ତ ପ୍ଲାଟ୍‌ଫର୍ମରେ ମୋତେ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ପ୍ରଥମେ ସମ୍ବଲପୁର ମ୍ୟୁଜିକ୍ ଭିଡିଓ 'ତୋର ପାୟଲିଆ'କୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି। ଯେତେ ବି ମ୍ୟୁଜିକ୍ ଭିଡିଓ କରିଛି ପ୍ରାୟତଃ ଭାଇରାଲ ହୋଇଛି। ଲୋକଙ୍କ ଭଲପାଇବା ମିଳିଛି। ତେବେ ନେଗେଟିଭ୍ ଚରିତ୍ର କରିବାକୁ ଇଚ୍ଛା ଥିଲା। ଏଥିପାଇଁ ତରଙ୍ଗ ଚ୍ୟାନେଲ୍‌ରେ ଅଡିସନ୍ ଦେଇଥିଲି। ସ୍ନାତକରେ ଅଧ୍ୟୟନ ସମୟରେ 'ତିତ୍‌ଲି' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। ଏବେ 'ମୋ ସିନ୍ଦୂରର ଅଧିକାର'ରେ 'ମୁକ୍ତି' ଚରିତ୍ରରେ ଅଭିନୟ କରୁଛି। ଫୁରସତ୍‌ରେ ମ୍ୟୁଜିକ୍ ଭିଡିଓ ବି କରୁଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ନୃତ୍ୟ କରିବା ଆଉ କ୍ୟାମେରାକୁ ସାମ୍ନା କରିବା ସମ୍ପୂର୍ଣ୍ଣ ଭିନ୍ନ। ପ୍ରଥମ ଧାରାବାହିକରେ କାମ କରିବା ସମୟରେ ଅଭିନୟ କ'ଣ ଜାଣି ନଥିଲି। ଇଣ୍ଡଷ୍ଟ୍ରି ଆସିବା ପୂର୍ବରୁ ଏବେ ଯାଏଁ ମୋ ମା' ସହଯୋଗ ଥିଲା। ଆଉ ଇଣ୍ଡଷ୍ଟ୍ରିକୁ ଆସିବା ପରେ ପୂରା ଟିମ୍ ଆଉ ସମସ୍ତ କଳାକାରମାନେ କାମ ଶିଖାଇଥିଲେ। ସେମାନଙ୍କ ସହଯୋଗ ଓ ଭଲ ପାଇବା ଆଜି ମୋତେ ଏଇଠି ରଖିଛି। ବାଦଲ ଦାଦାଙ୍କଠାରୁ ବହୁତ କିଛି ଶିଖିଛି। ଆଗକୁ ପ୍ରତି ଲୋକଙ୍କଠାରୁ କିଛି ଶିଖିବାକୁ ଇଚ୍ଛା ଅଛି।

**'ମୋ ସିନ୍ଦୂରର ଅଧିକାର'ର 'ମୁକ୍ତି' ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ସତ କଥା ହେଉଛି, 'ଶ୍ରୀ' ସହିତ 'ମୁକ୍ତି'ର ଗୁଣ ଅଧା ମିଶେ। 'ଶ୍ରୀ' ଯେମିତି ତୁଲ୍‌ବୁଲି 'ମୁକ୍ତି' ବି ସେମିତି। ନିଜ ଲୋକଙ୍କ ଭିତରେ ରହିବାକୁ ଉଭୟ ଚାହାଁନ୍ତି। ଶ୍ରୀ ଯେତିକି ଆବଶ୍ୟକ ସେତିକି କଥା ହୁଏ। ହେଲେ ମୁକ୍ତି ସବୁବେଳେ ଗପୁଥାଏ। ତଥାପି କିଛି କଥା ଅଛି ଯେଉଁଠି ମୁକ୍ତି ଚରିତ୍ର ପାଇଁ ମୋତେ କିଛି ବଦଳାଇବାକୁ ପଡ଼ିଛି। ତିତ୍‌ଲି ପରି ମୁକ୍ତିକୁ ଦର୍ଶକ ମଧ୍ୟ ବହୁତ ଭଲପାଇବା ଦେଉଛନ୍ତି। ଆଗକୁ ଦର୍ଶକ 'ମୋ ସିନ୍ଦୂରର ଅଧିକାର'ରେ କିଛି ନୂଆ ଟ୍ୱିଷ୍ଟ ଦେଖିବାକୁ ପାଇବେ।

**ଶ୍ରୀ'ଙ୍କ ଆଗାମୀ ଯୋଜନା ?**

● ବର୍ତ୍ତମାନ ଧାରାବାହିକରେ କାମ କରୁଛି। ଏଥିପାଇଁ ବହୁତ ସମୟ ଦେବାକୁ ହୁଏ। ତେଣୁ ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରୁଛି। ଆଗକୁ ବଡ଼ ପରଦାରେ ନିଜକୁ ଦେଖିବାକୁ ମନରେ ଇଚ୍ଛା ଅଛି। ତେବେ ଭଗବାନଙ୍କ ଆଶୀର୍ବାଦ ଆଉ ଦର୍ଶକଙ୍କ ସ୍ନେହ ପ୍ରେମ ଓ ଶ୍ରଦ୍ଧା ଆଗକୁ ନେବ ବୋଲି ବିଶ୍ୱାସ ଅଛି। ଭବିଷ୍ୟତରେ ବ୍ୟବସାୟ କରିବାକୁ ବି ଯୋଜନା ରଖିଛି। ପଢ଼ା ବି ଜାରି ରହିଛି।

**ଆପଣ ଫିଟ୍ ରହିବାର ଫର୍ମୁଲା?**

● ଯେତେବେଳେ ସମୟ ଥିଲା ଜିମ୍ ଯାଉଥିଲି। ହେଲେ ଏବେ ଦିନ ରାତି ଖଟୁଛି। ଖାଇବା ପିଇବାରେ ବିଶେଷ ଧ୍ୟାନ ଦିଏ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

● ବ୍ୟକ୍ତିଗତ ଜୀବନରେ ଦୁଃଖ ଆଉ ସୁଖ ସମସ୍ତଙ୍କର ଥାଏ। ଯେତେବେଳେ ଗୋଟେ ଚରିତ୍ରଟିଏ ମିଳୁଛି, ସେଠି ନିଜ ବ୍ୟକ୍ତିଗତ ସମସ୍ୟା କଥା ନ ଭାବି ଚରିତ୍ରରେ ବୁଡ଼ି ଯାଆନ୍ତୁ। ଚରିତ୍ରକୁ ଭଲ ଭାବେ ବୁଝି ଅଭିନୟ କଲେ ଅଭିନୟ ପ୍ରଶଂସନୀୟ ହୋଇଥାଏ। କଥା ହେଉଛି, ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ଧୈର୍ଯ୍ୟ ଦରକାର। ■

## ୫୦୦ ଅଧ୍ୟାୟରେ ଚାରି ଧାରାବାହିକ

ଓଡ଼ିଶା ଇତିହାସରେ ପ୍ରଥମଥର ସିଦ୍ଧାର୍ଥ ଟିଭିର ଚାରୋଟି ଧାରାବାହିକ ଗୋଟିଏ ଦିନରେ ୫୦୦ ଅଧ୍ୟାୟର କୃତିତ୍ୱ ଲାଭ କରିଛି। ଏହା ସମ୍ଭବ ହେଇଛି କେବଳ ଦର୍ଶକମାନଙ୍କର ବିଶ୍ୱାସ ଓ ଭଲ ପାଇବା ପାଇଁ। ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର କାହାଣୀ, ଦର୍ଶକ ମାନଙ୍କ ମନ ପସନ୍ଦର ଚରିତ୍ର, କଳାକାରମାନଙ୍କର ନିଖୁଣ ଅଭିନୟ ତଥା ନିର୍ମାତା ସୀତାରାମ ଅଗ୍ରୱାଲଙ୍କ ଗଭୀର ପ୍ରଚେଷ୍ଟା, ବଳିଷ୍ଠ ପରିକଳ୍ପନା ଓ ନମିତା ଅଗ୍ରୱାଲଙ୍କର ପ୍ରେରଣା ଓ ଦିଗଦର୍ଶନ ହେଉଛି ଏହି ସଫଳତାର ମୂଳମନ୍ତ୍ର।

ଧାରାବାହିକ 'ମାୟା ଓ ମମତା'ର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ଶୁଭସ୍ମିତା, ଅଭିଷେକ, ରଞ୍ଜିତା, ଅର୍ପିତା, ଭବାନୀ, ଜଗବନ୍ଧୁ, ପିଙ୍କି। ଏ ହେଉଛି ଦୁଇ ମା' ଓ ପୁଅର ଆବେଗଭରା କାହାଣୀ ଏବଂ ବୋହୂ ତଥା ନାୟିକା ପଲ୍ଲବୀର ଆଇପିଏସ୍ ହେବାର ସ୍ୱପ୍ନ। ସେହିପରି 'ସୁନୟନା'ରେ ପ୍ରମୁଖ ଭୂମିକାରେ ଅଛନ୍ତି ସୀମା, ଆଶିଷ, ପ୍ରୀତି, ବୁଲୁ ପଣ୍ଡା, ବନ୍ଦନା, ଚିନ୍ମୟୀ, ମିଲି ଓ ସ୍ନିଗ୍ଧା। ଏ ହେଉଛି ଶାଶୁ ବୋହୂଙ୍କ କାହାଣୀ। ନିଜ ପରିବାରକୁ ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ବୋହୂ ସୁନୟନାର ପ୍ରୟାସ। 'ସିନ୍ଦୁର ଖେଳ'ରେ ପ୍ରମୁଖ ଭୂମିକାରେ ରଶ୍ମି ରେଖା, ରୋଶନ୍, ମାମୁନି, ମମତା, ରାକେଶ, ସୁଶ୍ରୀ, ବିଶ୍ୱରୂପା ପ୍ରମୁଖ ଅଭିନୟ କରୁଛନ୍ତି। କୁନି କୁନି ପୁଅ ଝିଅ ଆଉ ସ୍ୱାମୀକୁ ନେଇ ଆଦ୍ୟାର ସୁଖର ସଂସାରରେ ସଉତୁଣୀ ମଲ୍ଲିକା ଆଣିଛି ଅଶାନ୍ତିର ଝଡ଼। ସେହିପରି ଅନ୍ୟତମ ଲୋକପ୍ରିୟ ଧାରାବାହିକ 'କେଦାର ଗୌରୀ'ର ମୁଖ୍ୟ ଚରିତ୍ରରେ ରୂପାଲି, ଚିନ୍ମୟ, ସ୍ମିତା ତ୍ରିପାଠୀ, ସବିତା, ବବଲୁ, ସ୍ୱର୍ଣ୍ଣପ୍ରଭା ଓ ମୋନାଲିସା ଅଭିନୟ କରିଛନ୍ତି। କେଦାର ଓ ଗୌରୀ ହେଉଛନ୍ତି ଜନ୍ମ ଜନ୍ମର ସାଥୀ। ଗୌରୀ ମାତୃତ୍ୱ ଲାଭ କରିବା ପରେ ମାଧବୀର ଚକ୍ରାନ୍ତର ଶିକାର ହେଉଛି। ଅନ୍ୟପଟେ ସବୁ ଧାରାବାହିକର କାହାଣୀ ଦିନକୁ ଦିନ ଅଧିକ ରୋମାଞ୍ଚକ ହେଉଥିବା ବେଳେ ପହଞ୍ଚିଛନ୍ତି ୫୦୦ ଅଧ୍ୟାୟରେ। ୫୦୦ ଅଧ୍ୟାୟର ସଫଳତାର ଖୁସିରେ ସୁଟିଂ ସେଟ୍‌ରେ ଉତ୍ସବ ପାଳନ କରିଛନ୍ତି ନିର୍ମାତା, ନିର୍ଦ୍ଦେଶକ ଓ ଚାରୋଟି ଯାକ ଧାରାବାହିକର କଳାକାର ଓ ଟେକନିସିଆନ। ■



**ପରଦା ପଛର କାହାଣୀ**

## ବିନା ରିଲିଜ୍‌ରେ ବ୍ଲକ୍‌ବଷ୍ଟର୍ ଫିଲ୍ମ

ସାଧାରଣତଃ ଗୋଟିଏ ଫିଲ୍ମ ରିଲିଜ୍ ହେବା ପରେ ଏହା ବ୍ଲକ୍‌ବଷ୍ଟର କି ଫ୍ଲପ୍ ତାହା ଜଣାପଡ଼ିଥାଏ। ତେବେ ଏପରି ଫିଲ୍ମ ଅଛି, ଯାହା ରିଲିଜ୍ ନ ହୋଇ ମଧ୍ୟ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ୭୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ଫିଲ୍ମ ୨ କୋଟି ଟଙ୍କା ଆୟ କରିଥିଲା। ୧୯୮୯ ମସିହାରେ ଆସିଥିଲା ମ୍ୟୁଜିକ୍ ଆଲବମ୍ ଫିଲ୍ମ 'ଲାଲ୍ ଦୁପଟା ମଲ୍‌ମଲ୍ କା'। ଏଥିରେ ୧୦ଟି ଗୀତ ରହିଥିଲା। ତନ୍ମଧ୍ୟରୁ ଗୋଟିଏ ଗୀତ 'କ୍ୟା କରତେ ହୋ ସାଜ୍‌ନା ତୁମ ହମ୍‌ସେ ଦୂର ରେହ କେ', ଆଲବମ୍ ରିଲିଜ୍ ହେବା ମାତ୍ରେ ପୂରା ଦେଶରେ ବେଶ୍ ଲୋକପ୍ରିୟ ହୋଇଥିଲା। ରେଡିଓଠୁ ନେଇ ବସ୍‌ଷ୍ଟାଣ୍ଡ ସବୁ ସ୍ଥାନରେ ଏହା ଶୁଣିବାକୁ ମିଳୁଥିଲା। ଏହି ସମୟରେ ହିଁ ମେଲୋଡ଼ିୟସ୍ ଗୀତ ଓ ରୋମାଣ୍ଟିକ୍ ଫିଲ୍ମର ଏକ ଜମାନା ଆରମ୍ଭ ହୋଇଥିଲା। ଏଥିରେ ଥିବା ଅଧିକାଂଶ ଗୀତ ଅନୁରାଧା ପୌଡ଼ୱାଲ ଓ ଉଦିତ ନାରାୟଣ ଗାଇଥିଲେ। ରୋଚକୀୟ କଥା, ଅନୁରାଧା ଏହି ମ୍ୟୁଜିକ୍ ଭିଡିଓ ଆଇଡିଆ ଗୁଲସନ କୁମାରଙ୍କୁ ଦେଇଥିଲେ। ୧୯୮୯ ମସିହାରେ ଗୁଲସନ କୁମାର ସେହି ଗୀତ ମଧ୍ୟରୁ ଗୋଟିଏ ଗୀତ ରିଲିଜ୍ କରିଥିଲେ। ଏହି ଆଲବମ୍‌ର ଗୀତ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହି ଗୀତ ରିଲିଜ୍ ପୂର୍ବରୁ ଗୁଲ୍‌ସନ୍ କୁମାର ଏହାକୁ ନେଇ ଏକ ଫିଲ୍ମ କରିବାକୁ ଚାହୁଁଥିଲେ। ଗୀତ ଆଧାରରେ ଫିଲ୍ମର କାହାଣୀ ସ୍ଥିର ହୋଇଥିଲା। ୮୦ ଦଶକରେ ଏହି ଗୀତକୁ ସୁପରଷ୍ଟାର ସିଙ୍ଗର୍ ଅନୁରାଧା ପୌଡ଼ୱାଲ, ମୋହମ୍ମଦ ଅଜିଜ୍, ଉଦିତ୍ ନାରାୟଣ, ଓ ସୁରେଶ ୱାଡକର ପ୍ରମୁଖ ନିଜ ସ୍ୱରରେ ସଜେଇ ଥିଲେ। 'କ୍ୟା କର ତେଥେ ସାଜନା ତୁମ୍ ହମସେ...', 'ଲାଲ ଦୁପଟା ମଲମଲକା...', 'ସୁନି ସୁନି ଆଖିୟୋ ମେଁ...', 'ରକିବ ସେ ହବିବୋ ସେ...' ଆଦି ଗୀତରେ ସଜ୍ଜିତ ଏହି ଫିଲ୍ମ ରିଲିଜ୍ ହୋଇ ନଥିଲା। ଫିଲ୍ମ ରିଲିଜ୍ ନ ହେଲେ ମଧ୍ୟ ଏହାର ଡିବିଡିକୁ ମାର୍କେଟରେ ବିକ୍ରି କରି ଦିଆଯାଇଥିଲା। ତେବେ ବଜାରକୁ ଆସିବା ପରେ ରାତାରାତି ଗୀତଗୁଡ଼ିକ ଲୋକପ୍ରିୟ ହୋଇଯାଇଥିଲା। ଫିଲ୍ମର ୧୦ ଟି ଗୀତ ମାର୍କେଟରେ ସୁପରହିଟ୍ ହୋଇଥିଲା। ଫିଲ୍ମ ରିଲିଜ୍ ହୋଇ ନଥିଲେ ମଧ୍ୟ ଏହାର ଗୀତଗୁଡ଼ିକକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ■





### ଭାରତ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଦୁବାଇରେ ହାଇଡ୍ରାମା

# ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ

ଦୁବାଇ,୨୦।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟର ସୁପର-୪ ମୁକାବିଲା ଆଜିଠାରୁ ଆରମ୍ଭ ହୋଇଛି। କିନ୍ତୁ କ୍ରିକେଟ ପଡ଼ିଆ ଅପେକ୍ଷା ବାହାରର ଘଟଣାକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ଚର୍ଚ୍ଚାରେ ରହିଛି। ଆସନ୍ତାକାଲି ଅର୍ଥାତ ରବିବାର ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪'ର ଦ୍ୱିତୀୟ ମୁକାବିଲା ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଆଜି ହେବାକୁ ଥିବା ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ। ଏହି ସମ୍ମିଳନୀରେ ଅଧିନାୟକ ସାମ୍ବାଦିକଙ୍କ ସମ୍ମୁଖୀନ ହୋଇଥାନ୍ତି। ଅନ୍ୟ ପକ୍ଷରେ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ତାଙ୍କ ମତରେ ଷ୍ଟାଡିୟମ୍‌ରେ ଦର୍ଶକ ଭରପୁର ତ ଜବରଦସ୍ତ କ୍ରିକେଟ ଖେଳ ଓ ସମସ୍ତଙ୍କ ଭରପୁର ମନୋରଞ୍ଜନ କର। କିନ୍ତୁ ସାମ୍ବାଦିକ ସମ୍ମିଳନୀକୁ ନ ଆସିବା ଫଳରେ ପାକିସ୍ତାନ ଯେ ଭାରତକୁ ଅପମାନ ଦେଲା ଭଳି ଆସନ୍ତାକାଲି ଯେ ନ କରିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ମ୍ୟାଚ୍‌ରେ ବିବାଦୀୟ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ପୁଣିଥରେ ମ୍ୟାଚ୍ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହି ନିଯୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ଆହୁରି ବଢ଼ିଛି। ଏଣୁ ୟୁଏଇ ବିପକ୍ଷ ମୁକାବିଲା ପୂର୍ବରୁ ଏକ ଘଣ୍ଟା ବିଳମ୍ବରେ ଆସିଥିବା ପାକିସ୍ତାନ କ୍ରିକେଟ ଟିମ୍ ଯେ ଏଭଳି ନ ଦୋହରାଇବ ତାହା କିଏ କହିବ? ସେହିପରି କ୍ରିକେଟ ଦୃଷ୍ଟି କୋଣରୁ ଦେଖିଲେ ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଫାଇନାଲ ପ୍ରବେଶ ରାସ୍ତା ସହଜ ହେବ। ମ୍ୟାଚ୍ ପୂର୍ବରୁ ବା ଗତକାଲି ଖେଳାଯାଇଥିବା ଓମାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଛି। ଆଘାତ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ନ ଥିଲେ ମଧ୍ୟ ପାକିସ୍ତାନ ବିପକ୍ଷ ମୁକାବିଲାରେ ଅକ୍ଷରଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଯେ ଯାହା ହେଉ ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସୁପର-୪ ମୁକାବିଲା ପଡ଼ିଆ ଭିତର ହେଉ କିମ୍ବା ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିବ ନିଶ୍ଚୟ।

#### ■ ପାକିସ୍ତାନର ପ୍ରତିବାଦ ନା ପରିହାସ

ଆଜି ଭାରତ ବିପକ୍ଷ ସୁପର-୪ ମୁକାବିଲା ଏବଂ ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀକୁ ପାକିସ୍ତାନ ବାତିଲ କରିଛି। ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ପ୍ରଥମେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଓ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କାର୍ଯ୍ୟକଳାପ ନେଇ ପାକିସ୍ତାନ କ୍ଷୁବ୍ଧ ହେବା ସହ ଏପରି କରିଥିଲା। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍ ଦାୟିତ୍ୱରୁ ବିଦା ନ କଲେ ପାକିସ୍ତାନ ଓହରିଯିବ ବୋଲି ୟୁଏଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ଧମକ ଦେଇଥିଲା। ଏଣୁ ସେତେବେଳେ ତାହାର ମାନସିକ ସ୍ଥିତି ଭଲ ନ ଥିଲା ଭାବି ଆଇସିସି ମାଫ୍ କରିଦେଇଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ମଝିରୁ କୌଣସି ଦଣ୍ଡବିଧାନ କରି ନ ଥିଲା। ଯଦିଓ ପାକିସ୍ତାନ ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିଥିଲା, ତଥାପି ଦଣ୍ଡ ଦିଆଯାଇ ନ ଥିଲା। ଆଜି ଦ୍ୱିତୀୟଥର ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିଛି ପାକିସ୍ତାନ। ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଏପରି ନାଟକ କରିବା ଟୁର୍ଣ୍ଣାମେଣ୍ଟକୁ ଭଣ୍ଡୁର କରିବା ଏକ ଯୋଜନାବଦ୍ଧ ଉଦ୍ୟମ ବୋଲି ଆଶଙ୍କା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ରହିଛି ଭାରତ। ଏଣୁ ଟୁର୍ଣ୍ଣାମେଣ୍ଟରେ ବିଭ୍ରାଟ ସୃଷ୍ଟି ହେଲେ ପାକିସ୍ତାନ ଫାଇଦା ନେବାକୁ ସହଜ ହେବ ବୋଲି ଆଶା କରାଯାଏ। ସାମ୍ବାଦିକ ସମ୍ମିଳନୀକୁ ନ ଆସି ପାକିସ୍ତାନ ପ୍ରତିବାଦ୍ କରୁଛି ନା ଆଇସିସିକୁ ପରିହାସ କରୁଛି ତାହା ଜଣାପଡୁନାହିଁ।

ପୂର୍ବରୁ ଭାରତ ଓ ପାକିସ୍ତାନ ଲିଗ୍ ମ୍ୟାଚ୍ ପୂର୍ବରୁ ହୋଇଥିବା ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଦୁଇ ଦଳର ଅଧିନାୟକଙ୍କୁ ହାତ ନ ମିଳାଇବାକୁ କହିଥିବା ପାକିସ୍ତାନ ଅଭିଯୋଗ କରିଥିଲା। ଏହି ମ୍ୟାଚ୍‌କୁ ଭାରତ ୭ ୱିକେଟରେ ଜିତିବା ପରେ ବ୍ୟାଟିଂ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିମ୍ବା ଶିବମ ଦୁବେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇ ପଡ଼ିଆ ଛାଡ଼ିଥିଲେ। ଉଭୟ ଘଟଣାରେ ସ୍ପିରିଟ ଅଫ୍ ଗେମ୍‌ର ବିରୁଦ୍ଧାଚରଣ ହେବା ସହ ନିୟମ ଓ ପରମ୍ପରାକୁ ଭାଙ୍ଗିଦିଆଯାଇଥିଲା। ପାଇକ୍ରଫ୍ଟଙ୍କୁ ବିଦା ନ କଲେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିଯିବାକୁ ଧମକ ମଧ୍ୟ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବିଦା କରିବା ଲାଗି ଆଇସିସି ମନା କରିବା ପରେ ପାକିସ୍ତାନ କ୍ରିକେଟରେ ସଂକଟ ସୃଷ୍ଟି ହୋଇଥିଲା। ଦଳ ବିପୁଳ ପରିମାଣର ଅର୍ଥ ଦଣ୍ଡ ହେଉ କିମ୍ବା ଅନ୍ୟ କୌଣସି କାରଣ ଲାଗି ପାକିସ୍ତାନ ବାଧ୍ୟ ହୋଇ ଖେଳିଥିଲା। ଏବେ ପୁଣିଥରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଆଉ ଏକ ହାଇଡ୍ରାମା ମାଧ୍ୟମରେ ପାକିସ୍ତାନ ଯେ ଅସନ୍ତୁଷ୍ଟ ଓ ଟୁର୍ଣ୍ଣାମେଣ୍ଟ ଭଣ୍ଡୁର କରିବାକୁ ଉଦ୍ୟମ କରୁଛି ତାହା ସ୍ପଷ୍ଟ ହୋଇଯାଇଛି।

### ପୁଣି ପାଇକ୍ରଫ୍ଟ ମ୍ୟାଚ୍ ରେଫରୀ

ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ହାଇଭୋଲ୍ଟେଜ୍ ସୁପର-୪ ମ୍ୟାଚ୍ ପରିଚାଳନା ଲାଗି ଆଣ୍ଡି ପାଇକ୍ରଫ୍ଟଙ୍କୁ ଆଇସିସି ମ୍ୟାଚ୍ ରେଫରୀ ଭାବେ ନିଯୁକ୍ତ କରିଛି। ଏହା ଫଳରେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ଦାବି କରିଥିବା ପାକିସ୍ତାନ ଏହି ନିଯୁକ୍ତିକୁ ନେଇ ବିଚଳିତ ହୋଇ ପଡ଼ିଛି। ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦୁଇ ଅଧିନାୟକଙ୍କୁ କରମର୍ଦ୍ଦନ ନକରିବାକୁ କହି ପାଇକ୍ରଫ୍ଟ ବିବାଦୀୟ ହୋଇ ପଡ଼ିଥିଲେ। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରିବାକୁ ପାକିସ୍ତାନ ଦାବି କରିବା, ଆଇସିସି ଏହି ଦାବିକୁ ଅଗ୍ରାହ୍ୟ କରିବା ଓ ପରେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଧମକ ଦେବା ଭଳି ଘଟଣା ଘଟିବା ପରେ ପାଇକ୍ରଫ୍ଟଙ୍କୁ ପୁଣିଥରେ ଭାରତ-ପାକିସ୍ତାନ ମୁକାବିଲା ପରିଚାଳନା କରିବାକୁ ନିଯୁକ୍ତ ହେବା ଘଟଣା ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍ତେଜନା ଭରିଦେଇଛି। ଦାବି ଅଗ୍ରାହ୍ୟ ହେବା ପରେ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକ ଘଣ୍ଟା ବିଳମ୍ବରେ ପକିସ୍ତାନ ଆସିଥିଲା। ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଓ ଆଇସିସି ମଧ୍ୟରେ ଆଲୋଚନା ହେବା ଓ ଖେଳିବା ନେଇ କିଛି ସର୍ତ୍ତ ରହିଥିଲା। ପରେ ପାଇକ୍ରଫ୍ଟଙ୍କ ସହ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା, କୋଚ୍ ମାଇକ୍ ହେସନ ଓ ମ୍ୟାନେଜର ନଭୀଦ ଆକ୍ରମ ଚିମାଙ୍କର ଏକ ବୈଠକ ବସିଥିଲା। ଏଥିରେ ଯୋଗାଯୋଗରେ ତ୍ରୁଟି ଯୋଗୁଁ ପାଇକ୍ରଫ୍ଟ ଦୁଃଖ ପ୍ରକାଶ କରିଥିଲେ। ଏହା ପରେ ଏହି ଘଟଣାର ପରିସମାପ୍ତି ହୋଇଯିବ ବୋଲି ଆଶା କରାଯାଉଥିଲା। ଏବେ ପୁଣିଥରେ ପାଇକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରିବା ପରେ ପାକିସ୍ତାନ ପାରମ୍ପରିକ ସାମ୍ବାଦିକ ସମ୍ମିଳନୀକୁ ଆସିନାହିଁ। ଏ ସମ୍ପର୍କରେ ଆଇସିସି ପକ୍ଷରୁ ଏଯାଏ କିଛି ସ୍ପଷ୍ଟୀକରଣ ଦିଆଯାଇନାହିଁ।



### ଖେଳ ଉପରେ ସୂର୍ଯ୍ୟକୁମାରଙ୍କ ନଜର

ପାକିସ୍ତାନ ଭଳି ଦେଶ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା ନୁହେଁ ଖେଳ ଉପରେ ଗୁରୁତ୍ୱ ଦେଇଛନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଆସନ୍ତାକାଲି ମ୍ୟାଚ୍ ସମ୍ପର୍କରେ ସେ କହନ୍ତି, ଏହି ମ୍ୟାଚ୍ ଏଯାଏ ଖେଳାଯାଇନାହିଁ କିମ୍ବା ମୁଁ ଖେଳିନାହିଁ, ଏଣୁ ଏ ସମ୍ପର୍କରେ କିଛି କହିପାରିବି ନାହିଁ। ପାକିସ୍ତାନ ବିପକ୍ଷରେ କି ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ରହିଛି ତାହା ମୁଁ ଜାଣିନାହିଁ। ମୁଁ କେବଳ ଏତିକି ଜାଣିଛି ଷ୍ଟାଡିୟମ୍ ଯଦି ଭରପୁର ଅଛି, ତେବେ ଦର୍ଶକଙ୍କୁ ଖୁସି କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟାକର। ଏହା ମୋର ଲକ୍ଷ୍ୟ ଓ ଅନ୍ୟ ସାଥିଖେଳାଳିଙ୍କୁ ମଧ୍ୟ ଏପରି କରିବାକୁ ପରାମର୍ଶ ଦେଇଥାଏ। ଯେତେ ଭଲ କ୍ରିକେଟ ଖେଳିବ ସେତେ ଦର୍ଶକ ଉପଭୋଗ କରିବେ। ଏଣୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ଖେଳ ଉପରେ ଆମେ ଗୁରୁତ୍ୱ ଦେଇଥାଉ ବୋଲି ସୂର୍ଯ୍ୟକୁମାର କହନ୍ତି। ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ପଡ଼ିଆ ବାହାରର ଚାପ ଆମ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହାକୁ ହଜମ କରିବା ଏତେଟା ସହଜ ନୁହେଁ। ଯେଉଁମାନେ ବାହାର ଚାପ ଉପରେ ନିୟନ୍ତ୍ରଣ ରଖନ୍ତି, ସେମାନେ ନିଶ୍ଚିତଭାବେ ସଫଳ ହୋଇଥାନ୍ତି। ଏଣୁ ଆମକୁ ପଡ଼ିଆ ଭିତରେ ଓ ବାହାରେ ପରିପକ୍ୱତା ଦେଖାଇବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାହାରେ ଶୁଭୁଥିବା ଗୋଳମାଳକୁ ଅର୍ଥାତ୍ ସମାଲୋଚନାକୁ ବନ୍ଦ କରିବାକୁ ହେବ। ଏହା କେବଳ ଭଲ ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମେ ଭଲ ପ୍ରସ୍ତୁତି କରିଛୁ। ଏଠାରେ ଭଲ ପ୍ରଦର୍ଶନ କଲେ ଆଗକୁ ବଢ଼ିବା ସହଜ ହେବ। ପଡ଼ିଆ ଭିତରେ ଭଲ ଖେଳିବାକୁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛୁ ବୋଲି ଦୃଢ଼ତାର ସହ କହିଛନ୍ତି ସୂର୍ଯ୍ୟକୁମାର।





ଓମାନ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଭାରତର ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହା ପରେ ସେ ତତ୍‌କ୍ଷଣାତ ପଡ଼ିଆ ଛାଡିଥିଲେ ଓ ଆଉ ଖେଳିବାକୁ ଆସି ନ ଥିଲେ। ବ୍ୟାଟିଂରେ ୧୩ ବଲ୍‌ରୁ

### ଅକ୍ଷର ପଟେଲ ଆହତ

୨୬ ରନ୍ କରିବା ସହ ଗୋଟିଏ ଓଭର ବୋଲିଂ କରି ମାତ୍ର ୪ ରନ୍ ଦେଇଥିଲେ। କିନ୍ତୁ ଓମାନ ଇନିଂସରେ ସେ ୧୫ତମ ଓଭର ବେଳକୁ ପଡ଼ିଆ ଛାଡିଥିଲେ। ଏବେ ଅକ୍ଷର ଠିକ୍ ଅଛନ୍ତି ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଣୁ ଭାରତୀୟ ଶିବିରରେ ମୁଡ ଭିନ୍ନ ରହିଛି ବୋଲି ଫିଲ୍ଡିଂ କୋଚ୍ ଟି ଦିଲୀପ କହିଛନ୍ତି। ଦୁବାଇ ପିଚ୍ ସ୍ପିନ୍ ବୋଲରଙ୍କୁ ସହାୟତା ଦେଉଛି ଓ ଭାରତ ଆରମ୍ଭରୁ ୩ଜଣ ସ୍ପିନରଙ୍କୁ ନେଇ ଖେଳୁଛି। ଯାହା ଫଳରେ ବିଶ୍ୱର ନଂ-୧ ବୋଲର ଅର୍ଶଦୀପ ସିଂହଙ୍କୁ ଖେଳିବାକୁ ସୁଯୋଗ ମିଳୁନାହିଁ। ଏଭଳି ସ୍ଥଳେ ଅକ୍ଷର ଯଦି ଆହତ ହୋଇ ବାଦ୍ ପଡ଼ନ୍ତି, ତେବେ ଭାରତ ମାତ୍ର ୨ଜଣ ସ୍ପିନର କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଖେଳିବ। ଅବଶ୍ୟ ଅକ୍ଷର ଖେଳିବେ କି ନାହିଁ ତାହା ଆସନ୍ତାକାଲି ସକାଳେ ଜଣାପଡ଼ିବ।

**ଏସିଆ କପ୍ ପ୍ରଥମ ସୁପର-୪**

## ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଦୁବାଇ,୨୦।୯ (ଏଜେନ୍ସି): ସୈଫ ହାସନ ଓ ତୋହିଦ୍ ହୃଦୟଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ପ୍ରଥମ ମୁକାବିଲାରେ ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ବିଜୟୀ ବାଂଲା ଦଳକୁ ଗୁରୁତ୍ୱପୂର୍ଣ୍ଣ ୪ ପଏଣ୍ଟ ମିଳିଛି। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ସୁପର-୪ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦାସୁନ ସାନକାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ସାନକା ୩୭ ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୪ ରନ୍ କରିଥିଲେ। କୁଶାଲ ମେଣ୍ଡିସ୍ ୩୪, ପାଥୁମ ନିଶାଙ୍କା ୨୨ ଓ ଅଧିନାୟକ ଚାରିତ ଆଶାଲଙ୍କା ୨୧ ରନ୍‌ର ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ପେସର ମୁସ୍ତାଫିଜୁର ରହମନ ୩ଟି ଓ ମାହେଦୀ ହାସନ ୨ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ଗୋଟିଏ ବଲ ବାକିଥାଇ ୬ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲା ପକ୍ଷରୁ ଓପନର ସୈଫ୍ ହାସନ ୪୫ବଲ୍‌ରେ ୬୧, ତୋହିଦ ହୃଦୟ ୩୭ବଲ୍‌ରେ ୫୮ ରନ୍ କରି ଦଳକୁ ଜିତାଇଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ୨ଟି ୱିକେଟ ମିଳିଥିଲା।

| ଆଜିର ମ୍ୟାଚ୍ | ଭାରତ-ପାକିସ୍ତାନ |
|---|---|
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ଭାରତ ପଦକଶୂନ୍ୟ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୦ତମ ସଂସ୍କରଣରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିରାଶ କରିଛନ୍ତି। ବିଶ୍ୱ ଦୌଡ଼କୁଦର ଏହି ମେଗା ଇଭେଣ୍ଟରେ ଏଥର ୧୯ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲେ ମଧ୍ୟ ସମସ୍ତେ ଖାଲି ହାତରେ ସ୍ୱଦେଶ ଫେରିଛନ୍ତି। ଫଳରେ କ୍ରମାଗତ ଦୁଇଟି ସଂସ୍କରଣ ଧରି ପଦକ ଜିତି ଆସୁଥିବା ଭାରତ ଏଥର ପଦକ ଖାତା ଖୋଲିପାରି ନାହିଁ।

୨୦୨୨ରେ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିବା ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏଥର ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିଭଳି ଶ୍ରେଷ୍ଠ ଭାରତୀୟ ଭାବେ ଜାଭେଲିନରେ ସଚିନ ଯାଦବ ଓ ହାଇଜମ୍ପରେ ସର୍ବେଶ କୁଶାରେ ପୋଡିୟମ ନିକଟତର ହୋଇଥିଲେ ମଧ୍ୟ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ସଚିନ ୪ର୍ଥ ଓ ସର୍ବେଶ ୫ମ ସ୍ଥାନରେ ରହିଥିଲେ। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ୨୦୦ ମିଟର ରେସରେ ହିଟ୍ସରୁ ଉପରକୁ ଉଠିପାରି ନ ଥିଲେ।

**ଚାଇନା ମାଷ୍ଟର୍ସ**

## ଫାଇନାଲରେ ସାତ୍ତ୍ୱିକ-ଚିରାଗ



ବେଜିଂ, ୨୦।୯ (ଏଜେନ୍ସି): ଏଗାର କୋଟି ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ସେମିଫାଇନାଲ ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୭, ୨୧-୧୪ ସିଧାସଳଖ ଗେମରେ ଘରୋଇ ଚାଇନାର ଆରୋନ ଚିଆ ଓ ସୋ ୱି ୟିକ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସାତ୍ତ୍ୱିକ-ଚିରାଗଙ୍କୁ ମାତ୍ର ୪୧ ମିନିଟ୍ ସମୟ ଲାଗିଥିଲା। ଫଳରେ ଏହି ଭାରତୀୟ ଯୋଡ଼ି କ୍ରମାଗତ ଦ୍ୱିତୀୟ ସପ୍ତାହରେ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଫାଇନାଲରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ହଂକଂ ଓପନରେ ରନର୍ସଅପ୍ ହୋଇଥିଲେ।

### ୩ୟ ଦିନିକିଆରେ ଭାରତ ପରାସ୍ତ; ସିରିଜ ଜିତିଲା ଅଷ୍ଟ୍ରେଲିଆ

# ଦ୍ରୁତତମ ଶତକରେ କୋହଲିଙ୍କୁ ଟପିଲେ ମନ୍ଧାନା

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି)



ଭ୍ରମଣକାରୀ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଶନିବାର ଏଠାରେ ଖେଳାଯାଇଥିବା ନିର୍ଣ୍ଣାୟକ ୩ୟ ଦିନିକିଆ ମ୍ୟାଚରେ ଏକାଧିକ କୀର୍ତ୍ତିମାନ ସୃଷ୍ଟି ହୋଇଥିଲା। ସିରିଜ ନିର୍ଣ୍ଣାୟକ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪୭.୫ ଓଭରରେ ୪୧୨ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜବାବରେ ରେକର୍ଡ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ଲଢ଼ୁଆ ବ୍ୟାଟିଂ କରିଥିଲେ ମଧ୍ୟ ୪୭ ଓଭରରେ ୩୬୯ ରନରେ ଅଟକିଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ୨-୧ରେ ସିରିଜକୁ ଜିତିନେଇଛି। ଅଷ୍ଟ୍ରେଲିଆର ବେଥ୍ ମୁନୀ ଓ ଭାରତର ସ୍ମୃତି ମନ୍ଧାନାଙ୍କ ଶତକ ଏହି ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଓ ଭାରତ ୧୦୨ ରନରେ ଦ୍ୱିତୀୟ ମ୍ୟାଚ୍‌କୁ ଜିତିଥିଲା।

#### ଶତକ: ମନ୍ଧାନା ୫୦ ଓ ମୁନୀ ୫୭ ବଲ୍

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଦୁଇଟି ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ୧୩୮ ରନ (୭୫ ବଲ୍, ୨୩ ଚୌକା ଓ ୧ ଛକା) ବଳରେ ୪୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ୍ ୮୧, ଏଲିସେ ପେରୀ ୬୮ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଏହି ରେକର୍ଡ ସ୍କୋରକୁ ପିଛା କରିଥିବା ଘରୋଇ ଭାରତ ୪୭ ଓଭରରେ ସମସ୍ତ ୱିକେଟ୍ ହରାଇ ୩୬୯ ରନ କରିଥିଲା। ଓପନିଂ ଆସିଥିବା ଉପଅଧିନାୟିକା ମନ୍ଧାନା ୫୦ ବଲରେ ଶତକ ଓ ୬୩ ବଲରେ ୧୨୫ ରନ କରିଥିଲେ। ମନ୍ଧାନା ଏହି ପାଳିରେ ୧୭ ଚୌକା ଓ ୫ ଛକା ମାରିଥିଲେ। ତୃତୀୟ ୱିକେଟ୍‌ରେ ସେ ଅଧିନାୟକ ହରମନପ୍ରୀତ୍ କୌର (୩୫ ବଲରେ ୫୨ ରନ)ଙ୍କ ସହ ୧୨୧ ରନ ଯୋଡ଼ି ବିଜୟ ଆଶା ସଞ୍ଚାର କରିଥିଲେ। କିନ୍ତୁ ଉଭୟ ଆଉଟ୍ ହେବାପରେ ଭାରତ ହାତରୁ ମ୍ୟାଚ୍ ଚାଲିଯାଇଥିଲା। ଶେଷ ଭାଗରେ ଦୀପ୍ତି ଶର୍ମା ୭୨ ରନର ଲଢ଼ୁଆ ବ୍ୟାଟିଂ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା।

#### ମ୍ୟାଚରେ ରେକର୍ଡ

**୪୧୨ ରନ** : ଅଷ୍ଟ୍ରେଲିଆ ଏହାର ସର୍ବାଧିକ ଦଳଗତ ସ୍କୋର ସହ ସମକକ୍ଷ ହୋଇଛି। ୧୯୯୭ରେ ଡେନମାର୍କ ବିପକ୍ଷରେ ଅଷ୍ଟ୍ରେଲିଆ ୪୧୨/୩ ସ୍କୋର କରିଥିଲା।

**୫୦ ବଲ୍** : ଉଭୟ ପୁରୁଷ ଓ ମହିଳା ଦିନିକିଆରେ ମନ୍ଧାନା ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ୨୦୧୩ରେ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ୫୨ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଥିଲେ।

**୧୩ତମ** : ମନ୍ଧାନାଙ୍କ ଏହା ୧୩ତମ ଦିନିକିଆ ଶତକ ଥିଲା। ମହିଳା ଦିନିକିଆରେ ସର୍ବାଧିକ ଶତକ ହାସଲ କରିବାରେ ମେଗ୍ ଲାନିଂ (୧୫ଟି)ଙ୍କ ପଛକୁ ମନ୍ଧାନା ଓ ସୁଜି ବେଟ୍ସ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୨୩ ବଲ୍** : ମନ୍ଧାନା ୨୩ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତୀୟ ମହିଳା ଭାବେ ଦିନିକିଆରେ ଏହା ଦ୍ରୁତତମ ଅର୍ଦ୍ଧଶତକ। ଏହିକ୍ରମରେ ସେ ରିଚା ଘୋଷ (୨୬ ବଲ୍ ବନାମ ନ୍ୟୁଜିଲାଣ୍ଡ)ଙ୍କୁ ପଛରେ ପକାଇଛନ୍ତି।

**ପ୍ରଥମ** : ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ମହିଳା ଦିନିକିଆରେ ୩୦୦ ରନ ସ୍କୋର ଛୁଇଁଛି।

**୭୮୧** : ଏହି ମ୍ୟାଚରେ ଉଭୟ ଦଳ (ଅଷ୍ଟ୍ରେଲିଆ ୪୧୨+ ଭାରତ ୩୬୯)ର ସ୍କୋର ମିଶି ୭୮୧ ରନ ହୋଇଥିଲା। ମହିଳା ଦିନିକିଆରେ ଏହା ରେକର୍ଡ ଏଗ୍ରିଗେଟ୍ ସ୍କୋର। ପୂର୍ବରୁ ୨୦୧୭ରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ମୋଟ୍ ୬୭୮ ରନ ସଂଗୃହିତ ହୋଇଥିଲା।

#### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ**: ୪୧୨/୧୦, ୪୭.୫ ଓଭର (ମୁନୀ- ୧୩୮, ଭଲ୍-୮୧, ପେରୀ- ୬୮, ଅରୁନ୍ଧତୀ- ୩/୮୬, ଦୀପ୍ତି- ୨/୭୫)।
**ଭାରତ**: ୩୬୯/୧୦, ୪୭ ଓଭର (ମନ୍ଧାନା- ୧୨୫, ହରମନପ୍ରୀତ୍- ୫୨, ଦୀପ୍ତି- ୭୨, ସ୍ନେହ ରାଣା- ୩୫, କିମ୍ ଗାର୍ଥ- ୩/୬୯)

#### ମହିଳା ଦିନିକିଆରେ ଦ୍ରୁତତମ ଶତକ

| ବ୍ୟାଟର୍ | ବଲ୍ | ଦେଶ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ମେଗ୍ ଲାନିଂ | ୪୫ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ୨୦୧୨ |
| ସ୍ମୃତି ମନ୍ଧାନା | ୫୦ | ଭାରତ | ଅଷ୍ଟ୍ରେଲିଆ | ୨୦୨୫ |
| କାରେନ ରାଲଟନ୍ | ୫୭ | ଅଷ୍ଟ୍ରେଲିଆ | ଦ.ଆଫ୍ରିକା | ୨୦୦୦ |
| ବେଥ୍ ମୁନୀ | ୫୭ | ଅଷ୍ଟ୍ରେଲିଆ | ଭାରତ | ୨୦୨୫ |
| ସୋଫି ଡେଭିନ | ୫୯ | ନ୍ୟୁଜିଲାଣ୍ଡ | ଆୟର୍ଲାଣ୍ଡ | ୨୦୧୮ |
| ଚାମରି ଆଟାପାଟ୍ଟୁ | ୬୦ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୨୦୨୩ |

#### ମହିଳା ଦିନିକିଆରେ ସର୍ବାଧିକ ଦଳଗତ ସ୍କୋର

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୪୯୧/୪ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ନ୍ୟୁଜିଲାଣ୍ଡ | ୪୫୫/୫ | ୫୦ | ପାକିସ୍ତାନ | ୧୯୯୭ |
| ନ୍ୟୁଜିଲାଣ୍ଡ | ୪୪୦/୩ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ଭାରତ | ୪୩୫/୫ | ୫୦ | ଆୟର୍ଲାଣ୍ଡ | ୨୦୨୫ |
| ନ୍ୟୁଜିଲାଣ୍ଡ | ୪୧୮ | ୪୯.୫ | ଆୟର୍ଲାଣ୍ଡ | ୨୦୧୮ |
| ଅଷ୍ଟ୍ରେଲିଆ | ୪୧୨ | ୪୭.୫ | ଭାରତ | ୨୦୨୫ |
| ଅଷ୍ଟ୍ରେଲିଆ | ୪୧୨/୩ | ୫୦ | ଡେନମାର୍କ | ୧୯୯୭ |

## ଭାରତୀୟ ଜୁନିଅର ମହିଳା ହକି ଦଳରେ ଓଡ଼ିଶାରୁ ୪

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ଜୁନିଅର ମହିଳା ହକି ଦଳ ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ସେଠାରେ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜ ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ଜ୍ୟୋତି ସିଂଙ୍କ ନେତୃତ୍ୱରେ ୨୩ ଜଣିଆ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇବାରେ ସମର୍ଥ ହୋଇଛନ୍ତି। ସେମାନେ ହେଲେ ଅଭିଜ୍ଞ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ, ଦୁଇ ଡିଫେଣ୍ଡର ମମିତା ଓରାମ ଓ ପୂଜା ସାହୁ ଏବଂ ଗୋଲ୍‌ରକ୍ଷକ ଏଙ୍ଗିଲ ହର୍ଷାରାଣୀ ମିଞ୍ଜ। ଭାରତୀୟ ଜୁନିଅର ମହିଳା ହକି ଦଳ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ମଧ୍ୟରେ ଅଷ୍ଟ୍ରେଲିଆରେ ୫ଟି ମ୍ୟାଚ୍ ଖେଳିବ। ଯେଉଁଥିରେ ଅଷ୍ଟ୍ରେଲିଆ ଜୁନିଅର ମହିଳା ଦଳ ବିପକ୍ଷରେ ୩ଟି ଏବଂ କାନବେରା ଚିଲ୍ସ ଦଳ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ କାନବେରାରେ ଅନୁଷ୍ଠିତ ହେବ। 'ଯୁବ ଖେଳାଳିଙ୍କୁ ନେଇ ଏହା ଏକ ଦକ୍ଷ ଦଳ। ଆମେ ଟ୍ରେନିଂରେ କଠିନ ପରିଶ୍ରମ କରିଛୁ। ବର୍ଷ ଶେଷ ଭାଗରେ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଖେଳାଳିଙ୍କ ଦକ୍ଷତା ପ୍ରତିପାଦିତ ଲାଗି ଅଷ୍ଟ୍ରେଲିଆ ଟୁର୍ ବେଶ୍ ସହାୟକ ହେବ' ବୋଲି ଭାରତୀୟ ଜୁନିଅର ମହିଳା ହକି ଦଳର ପ୍ରଶିକ୍ଷକ ତୁଷାର ଖାଣ୍ଡେକର୍ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS